ବର୍ଷ ୫, ସଂଖ୍ୟା ୧୯

ଏପ୍ରିଲ ୧-୧୫, ୨୦୨୫

ନିଃଶୁଳ୍କ ବିତରଣ ଲାଗି

# ନ୍ୟୁ ଇଣ୍ଡିଆ ସମାଚାର



## ମୁଦ୍ରା ଜନଶକ୍ତିକୁ ସୁଦୃଢ଼ କରୁଛି

ଏକ ସମାବେଶୀ, ଦୀର୍ଘସ୍ଥାୟୀ ଏବଂ ମୂଲ୍ୟ ଆଧାରିତ ଉଦ୍ୟମିତା ସଂସ୍କୃତି ବିକଶିତ କରିବା ଜରିଆରେ ଗତ ୧୦ ବର୍ଷ ମଧ୍ୟରେ ମୁଦ୍ରା ଯୋଜନା ଦେଶରେ ଉଦ୍ୟମିତା ପରିଦୃଶ୍ୟରେ ପରିବର୍ତ୍ତନ ଆଣିଛି।

**ସାମୁଦ୍ରିକ ଉତ୍କର୍ଷର ୬୧ ବର୍ଷ**

# ଏକ ପ୍ରମୁଖ ସାମୁଦ୍ରିକ ଶକ୍ତି ଭାବେ ଉଭା ହେଉଛି ଭାରତ

*ଭାରତର ଏକ ସମୃଦ୍ଧ ସାମୁଦ୍ରିକ ଇତିହାସ ରହିଛି। ଭାରତର ୯୫ ପ୍ରତିଶତରୁ ଅଧିକ ବାଣିଜ୍ୟ ପରିମାଣ ଅନୁଯାୟୀ ଏବଂ ୭୪ ପ୍ରତିଶତ ସମୁଦ୍ର ମାଧ୍ୟମରେ ହେଉଥିବା ବେଳେ ୮୦ ପ୍ରତିଶତ ତୈଳ ଓ ଗ୍ୟାସ ସମୁଦ୍ର ପଥରେ ହୋଇଥାଏ। ସାମୁଦ୍ରିକ ସମୃଦ୍ଧିର ଏହି ମଜବୁତ ଭିତ୍ତିଭୂମି ପଛରେ ସେହି ଲୋକମାନେ ଅଛନ୍ତି ଯେଉଁମାନେ ମାସ ମାସ ଧରି ଘର ଏବଂ ପରିବାରଠାରୁ ଦୂରରେ ସମୁଦ୍ରରେ ରୁହନ୍ତି ଏବଂ ଭାରତର ବିଶ୍ୱ ବାଣିଜ୍ୟ ଏବଂ ବ୍ୟବସାୟରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ କରନ୍ତି। ଏହି ଲୋକମାନଙ୍କ ପ୍ରତି କୃତଜ୍ଞତା ଜ୍ଞାପନ କରିବା ପାଇଁ ଦେଶ ଏପ୍ରିଲ ୫କୁ ଜାତୀୟ ସାମୁଦ୍ରିକ ଦିବସ ଭାବରେ ପାଳନ କରିଥାଏ କାରଣ ୧୯୧୯ ମସିହାରେ ଆଜିର ଦିନରେ ଭାରତର ପ୍ରଥମ ବାଣିଜ୍ୟିକ ଜାହାଜ ଏସଏସ ଲୟାଲ୍ଟି ମୁମ୍ବାଇରୁ ଲଣ୍ଡନ ଅଭିମୁଖେ ଯାତ୍ରା କରିଥିଲା। ସ୍ୱାଧୀନତା ପୂର୍ବରୁ ଏହା ଏକ ଐତିହାସିକ ଉପଲବ୍ଧି ଥିଲା, ଯେତେବେଳେ ଭାରତର ସମୁଦ୍ର ମାର୍ଗ ଉପରେ ବ୍ରିଟିଶମାନଙ୍କର ଏକଛତ୍ରବାଦ ଥିଲା । ୧୯୬୪ ମସିହାରୁ ଦେଶ ଏହି ଦିନକୁ ଜାତୀୟ ସାମୁଦ୍ରିକ ଦିବସ ଭାବେ ପାଳନ କରିଆସୁଛି......*



**"ଆମେ ଧନ୍ୟ ଯେ ଭାରତର ଏକ ସମୃଦ୍ଧ ସାମୁଦ୍ରିକ ଐତିହ୍ୟ ରହିଛି; ଏଥିପାଇଁ ଆମେ ବହୁତ ଗର୍ବିତ । ଜାତୀୟ ସାମୁଦ୍ରିକ ଦିବସ ଅବସରରେ ଆମେ ସାମୁଦ୍ରିକ ଦୁନିଆରେ ଭାରତର ପ୍ରଗତିରେ ଯୋଗଦାନ କରିଥିବା ସମସ୍ତଙ୍କୁ ସ୍ମରଣ କରୁଛୁ ଏବଂ ବନ୍ଦର ଭିତ୍ତିକ ବିକାଶ ପାଇଁ ଆମର ପ୍ରତିବଦ୍ଧତାକୁ ଦୋହରାଇଛୁ ।**

*- ନରେନ୍ଦ୍ର ମୋଦୀ, ପ୍ରଧାନମନ୍ତ୍ରୀ*

# ନ୍ୟୁ ଇଣ୍ଡିଆ ସମାଚାର

**ବର୍ଷ ୫, ସଂଖ୍ୟା ୧୯ । ଏପ୍ରିଲ ୧-୧୫, ୨୦୨୫**

**ମୁଖ୍ୟ ସମ୍ପାଦକ**
ଧୀରେନ୍ଦ୍ର ଓଝା
ପ୍ରମୁଖ ମହାନିର୍ଦ୍ଦେଶକ
ପତ୍ର ସୂଚନା କାର୍ଯ୍ୟାଳୟ, ନୂଆଦିଲ୍ଲୀ

**ମୁଖ୍ୟ ଉପଦେଷ୍ଟା ସମ୍ପାଦକ**
ସନ୍ତୋଷ କୁମାର

**ମୁଖ୍ୟ ଉପଦେଷ୍ଟା ସମ୍ପାଦକ**
ଭିବୋର ଶର୍ମା

**ବରିଷ୍ଠ ସହାୟକ ଉପଦେଷ୍ଟା ସମ୍ପାଦକ**
ପୱନ କୁମାର

**ସହାୟକ ଉପଦେଷ୍ଟା ସମ୍ପାଦକ**
ଅଖିଳେଶ କୁମାର
ଚନ୍ଦନ କୁମାର ଚୌଧୁରୀ

**ଭାଷା ସମ୍ପାଦକ**
ସୁମୀତ କୁମାର (ଇଂରାଜୀ)
ରଜନିଶ ମିଶ୍ରା (ଇଂରାଜୀ)
ନଦୀମ ଅହମ୍ମଦ (ଉର୍ଦ୍ଦୁ)

**ମୁଖ୍ୟ ଡିଜାଇନର**
ଶ୍ୟାମ ତିୱାରୀ

**ବରିଷ୍ଠ ଡିଜାଇନର**
ଫୁଲ ଚନ୍ଦ ତିୱାରୀ

**ଡିଜାଇନର**
ଅଭୟ ଗୁପ୍ତା
ଫିରୋଜ ଅହମ୍ମଦ





୧୩ଟି ଭାଷାରେ ଉପଲବ୍ଧ ନ୍ୟୁ ଇଣ୍ଡିଆ ସମାଚାର ପଢ଼ିବା ଲାଗି କ୍ଲିକ କରନ୍ତୁ
https://newindiasamachar.pib.gov.in/news.aspx

ନ୍ୟୁ ଇଣ୍ଡିଆ ସମାଚାରର ଆର୍କାଇଭ୍ ସଂସ୍କରଣ ପଢ଼ିବା ଲାଗି କ୍ଲିକ୍ କରନ୍ତୁ
https://newindiasamachar.pib.gov.in/news.aspx

X ରେ 'ନ୍ୟୁ ଇଣ୍ଡିଆ ସମାଚାର' ଉପରେ ନିୟମିତ ଅପଡେଟ୍ ପାଇବା ଲାଗି @NISPIBIndiaକୁ ଫଲୋ କରନ୍ତୁ

# ଭିତର ପୃଷ୍ଠାରେ...





**ପ୍ରଚ୍ଛଦ ପ୍ରସଙ୍ଗ**
ମୁଦ୍ରା ଯୋଜନାର ଏକ ଦଶନ୍ଧି

## 'ମୁଦ୍ରା'ରୁ ଉତ୍ପନ୍ନ ହୋଇଛି ଉଦ୍ୟୋଗର ଅମୃତ ଧାରା

ଏକ ଦଶନ୍ଧି ପୂର୍ବରୁ ଆରମ୍ଭ ହୋଇଥିବା ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନା ଅଧୀନରେ ଏପର୍ଯ୍ୟନ୍ତ ୫୨ କୋଟିରୁ ଅଧିକ ଆବେଦନକୁ ଅନୁମୋଦନ କରାଯାଇଛି। ମୁଦ୍ରା ଯୋଜନା ହେଉଛି ସେହିମାନଙ୍କ ଉଦ୍ୟୋଗୀ ସମ୍ଭାବନା ଉପରେ ବିଶ୍ୱାସର କାହାଣୀ, ଯେଉଁମାନେ ପୂର୍ବରୁ ଦୁର୍ବଳ ହୋଇପଡ଼ିଥିଲେ। ଏହି ବୈପ୍ଲବିକ ଯୋଜନା ଲୋକମାନଙ୍କୁ ଦଲାଲମାନଙ୍କ କବଳରୁ ମୁକ୍ତ କରିଛି, ସେମାନଙ୍କୁ ଆର୍ଥିକ ସମ୍ବଳ ଦ୍ୱାରା ସଜ୍ଜିତ କରିଛି, ଏବଂ ସେମାନଙ୍କୁ ଆର୍ଥିକ ଓ ସାମାଜିକ ଭାବରେ ଶକ୍ତିଶାଳୀ କରିଛି, ଯାହା ବିକଶିତ ଭାରତର ପଥ ପ୍ରସ୍ତୁତ କରିଛି। |୧୪-୨୨

**ବଜେଟ୍ ୱେବିନାର**

### ବିକଶିତ ଭାରତ ନିର୍ମାଣର ମାର୍ଗ



ଯୋଜନାଗୁଡ଼ିକର ଲାଭର ଶେଷ ମାଇଲ୍ ବିତରଣ ନିମନ୍ତେ |୧୦-୧୩

ସଂକ୍ଷିପ୍ତ ସମାଚାର |୪-୫

ସମବାୟ କ୍ଷେତ୍ରରେ ବିଶ୍ୱ ଭାଗିଦାରୀ ଜରିଆରେ ସମୃଦ୍ଧିକୁ ପ୍ରୋତ୍ସାହନ ଦିଆଯିବ
ସମବାୟ କ୍ଷେତ୍ରର ସମୀକ୍ଷା ବୈଠକରେ ପ୍ରଧାନମନ୍ତ୍ରୀ ମୋଦୀ ଦେଲେ ନୂଆ ମନ୍ତ୍ର |୨୮-୨୯

'ଦେବଭୂମି'ରେ କୌଣସି 'ଅଫ୍-ସିଜନ୍' ରହିବା ଅନୁଚିତ୍
ଉତ୍ତରାଖଣ୍ଡରେ ଶୀତ ପର୍ଯ୍ୟଟନ ପାଇଁ ପ୍ରଧାନମନ୍ତ୍ରୀ ମୋଦୀଙ୍କ ନିବେଦନ |୩୦-୩୧

କେନ୍ଦ୍ର କ୍ୟାବିନେଟର ନିଷ୍ପତ୍ତି
କେଦାରନାଥ-ହେମକୁଣ୍ଡ ସାହିବରେ ସରକାର ନିର୍ମାଣ କରିବେ ରୋପୱେ |୩୨

ଏକ ବିକଶିତ ଭାରତ ଦିଗରେ ଦୃଢ଼ ପଦକ୍ଷେପ
ମହିଳା ଦିବସରେ ଲକ୍ଷପତି ଦିଦିଙ୍କ ସହ ପ୍ରଧାନମନ୍ତ୍ରୀ ମୋଦୀଙ୍କ ବିତର୍କ |୩୩-୩୫

ଏନଏକ୍ସଟି ସମ୍ମିଳନୀ: ଭାରତ ହେଉଛି ନବୋନ୍ମେଷର ଭୂମି
ସେମିକଣ୍ଡକ୍ଟର ଠାରୁ ଆରମ୍ଭ କରି ଏୟାରକ୍ରାଫ୍ଟ କ୍ୟାରିଅର୍ କ୍ଷେତ୍ରରେ ବିକାଶର ମାର୍ଗ ଖୋଲୁଛି |୩୬-୩୭

ମରିସସରେ ବାସ କରୁଛି କ୍ଷୁଦ୍ର ଭାରତ
ମରିସସର ସର୍ବୋଚ୍ଚ ନାଗରିକ ପୁରସ୍କାର ପାଇଲେ ପ୍ରଧାନମନ୍ତ୍ରୀ ମୋଦୀ |୩୮-୩୯

**ବ୍ୟକ୍ତିତ୍ୱ: ଡକ୍ଟର ବିନ୍ଦେଶ୍ୱର ପାଠକ**

### ସ୍ୱଚ୍ଛତା ପ୍ରତି ତାଙ୍କ ଜୀବନ ଉତ୍ସର୍ଗିତ



ସମାଜସେବା କ୍ଷେତ୍ରରେ ଅତୁଳନୀୟ ଯୋଗଦାନ ପାଇଁ 'ପଦ୍ମ ବିଭୂଷଣ'ରେ ସମ୍ମାନିତ (ମରୋଣୋତ୍ତର ଭାବେ) |୪୦

**ସ୍ୱତନ୍ତ୍ର ଆଲେଖ୍ୟ: ମହିଳା ସଶକ୍ତିକରଣ**

### ନିଜର ଆର୍ଥିକ ଭବିଷ୍ୟତ ନିର୍ମାଣ କରୁଛନ୍ତି ଭାରତୀୟ ମହିଳା



ସରକାରଙ୍କ ପ୍ରୟାସ ଦ୍ୱାରା ସାମାଜିକ ଏବଂ ଆର୍ଥିକ ଭାଗିଦାରୀ ସମେତ ଅତ୍ୟାବଶ୍ୟକ ସେବାଗୁଡ଼ିକରେ ମହିଳାମାନଙ୍କର ପ୍ରବେଶ ବୃଦ୍ଧି ପାଇଛି ଏବଂ ସମାଜରେ ମହିଳାମାନଙ୍କର ଭୂମିକା ଉପରେ ଏହାର ସିଧାସଳଖ ପ୍ରଭାବ ପଡ଼ିଛି, ଯେଉଁଠାରେ ସେମାନେ ବର୍ତ୍ତମାନ ଏକ ନିର୍ଣ୍ଣାୟକ ଭୂମିକାରେ ମଧ୍ୟ ଦୃଢ ଭାବରେ ଆଗକୁ ବଢ଼ୁଛନ୍ତି...... |୬-୯



**Published & Printed By:** Yogesh Kumar Baweja, Director General, on behalf of Central Bureau Of Communication.
**Printed At:** Kaveri Print Process Pvt. Ltd. A-104, Sec-65, Noida-201301 U.P.
**Communication Address:** Room No–316, National Media Centre, Raisina Road, New Delhi-110001.
**e-mail:** response-nis@pib.gov.in, **RNI No.:** DELODI/2020/78831

# ସମ୍ପାଦକଙ୍କ କଲମରୁ...

## ମୁଦ୍ରା: ବିକଶିତ ଭାରତର ସଂକଳ୍ପ ହାସଲ ପାଇଁ ଏକ ଭିତ୍ତିଭୂମି

*ଅଭିନନ୍ଦନ,*

ଭାରତ ହେଉଛି ଏକ ଯୁବ ଦେଶ ଯାହା ଉତ୍ସାହ ଏବଂ ଆକାଂକ୍ଷାରେ ପରିପୂର୍ଣ୍ଣ । ଆଜି ଦେଶରେ ପ୍ରତିଭାର ଅଭାବ ନାହିଁ। ସେ ଯେ କୌଣସି କ୍ଷେତ୍ରରେ ଥାଆନ୍ତୁ ବା ସେ ଯେଉଁ ଶ୍ରେଣୀର ହୁଅନ୍ତୁ ନା କାହିଁକି, ସମସ୍ତଙ୍କର କିଛି ନା କିଛି ବିଶେଷ ଦକ୍ଷତା ରହିଛି । ଉଦ୍ୟୋଗକୁ ପ୍ରୋତ୍ସାହିତ କରିବା ପାଇଁ ସେହି ପ୍ରତିଭାକୁ ଚିହ୍ନିବାର ଆବଶ୍ୟକତା ଥିଲା । ମୁଦ୍ରା ଯୋଜନା ଏକ ଦଶନ୍ଧି ଧରି ଲୋକଙ୍କ, ବିଶେଷ କରି ଯୁବବର୍ଗଙ୍କ ଏହି ପ୍ରତିଭାକୁ ସୁଦୃଢ଼ କରୁଛି। କେନ୍ଦ୍ର ସରକାରଙ୍କ ଏକ ପରିବର୍ତ୍ତନମୂଳକ ପଦକ୍ଷେପ ମୁଦ୍ରା ଯୋଜନା ଦେଶର ଯୁବକ ଓ ମହିଳାମାନଙ୍କୁ ସୁଯୋଗ ଦେଇଛି, ଯେଉଁମାନେ ନିଜ ଉଦ୍ୟମରେ ସଫଳତା ହାସଲ କରିବାକୁ ସଂକଳ୍ପବଦ୍ଧ । ଏହା କେବଳ ଆତ୍ମନିଯୁକ୍ତିର ସୁଯୋଗ ସୃଷ୍ଟି କରୁନାହିଁ ବରଂ ଲୋକଙ୍କୁ ଚାକିରି ପ୍ରଦାନକାରୀ ମଧ୍ୟ କରିଛି ।

ଏପ୍ରିଲ ପହିଲାରୁ ନୂଆ ଆର୍ଥିକ ବର୍ଷ ଆରମ୍ଭ ହୋଇଛି ଏବଂ ଭାରତୀୟ ଅର୍ଥନୀତିରେ ଗେମ୍ ଚେଞ୍ଜର ସାବ୍ୟସ୍ତ ହୋଇଥିବା 'ମୁଦ୍ରା' ଯୋଜନାକୁ ଏକ ଦଶନ୍ଧି ପୂରିବା ମଧ୍ୟ ଏକ ସୌଭାଗ୍ୟ। ୨୦୧୫-୧୬ ସାଧାରଣ ବଜେଟରେ ମୁଦ୍ରା ଯୋଜନା ଘୋଷଣା କରାଯାଇଥିଲା। ୨୦୧୫ ଏପ୍ରିଲ ୮ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ୍ୟ ଏହାର ଶୁଭାରମ୍ଭ କରିଥିଲେ। ବିଗତ ୧୦ ବର୍ଷ ମଧ୍ୟରେ ମୁଦ୍ରା ଏକ ପ୍ଲାଟଫର୍ମ ରେ ପରିଣତ ହୋଇଛି ଯାହା ସହିତ ଛୋଟ ଛୋଟ ଆର୍ଥିକ ବ୍ୟବସ୍ଥା ଆରମ୍ଭ ହୋଇଛି । ଏହି ଯୋଜନା କ୍ଷୁଦ୍ର ଉଦ୍ୟୋଗୀଙ୍କ ପାଇଁ ଋଣ ସହଜ ଏବଂ ଅସୁବିଧାମୁକ୍ତ ଭାବରେ ଉପଲବ୍ଧ କରାଇଛି ଏବଂ ବହୁ ସଂଖ୍ୟକ ଯୁବ ଉଦ୍ୟୋଗୀଙ୍କୁ ସେମାନଙ୍କର ବ୍ୟବସାୟ ଆରମ୍ଭ କରିବାରେ ସାହାଯ୍ୟ କରିଛି । 'ମୁଦ୍ରା'କୁ ପ୍ରୋତ୍ସାହନ ଦେବା ପାଇଁ କେନ୍ଦ୍ର ସରକାରଙ୍କ ପ୍ରୟାସ ଓ ନୀତି ଯୋଗୁଁ ଲକ୍ଷ ଲକ୍ଷ ଏମ୍ଏସ୍ଏମ୍ଇ ଏବେ ଆନୁଷ୍ଠାନିକ ଅର୍ଥନୀତିର ଏକ ଅଂଶ ପାଲଟି ଯାଇଛନ୍ତି ଏବଂ ଏହା ସେମାନଙ୍କୁ ଅତ୍ୟଧିକ ସୁଧ ହାର ଆଦାୟ କରୁଥିବା ସାହୁକାରଙ୍କ କବଳରୁ ମୁକୁଳିବାରେ ସହାୟକ ହୋଇଛି।

ଏଥିସହ ତୃଣମୂଳ ସ୍ତରରେ ବହୁ ସଂଖ୍ୟକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାରେ ଏହି ଯୋଜନା ସହାୟକ ହୋଇଛି। ମୁଦ୍ରା ଯୋଜନା, ଉତ୍ପାଦନ, ସେବା, ଖୁଚୁରା ଏବଂ ଆନୁଷଙ୍ଗିକ କାର୍ଯ୍ୟକଳାପରେ ଆୟ ଏବଂ ନିଯୁକ୍ତି ସୁଯୋଗ ସୃଷ୍ଟି କରି ଉଦ୍ୟୋଗଗୁଡ଼ିକର କଲ୍ୟାଣ ସୁନିଶ୍ଚିତ କରୁଛି । ବିକଶିତ ଭାରତର ସଂକଳ୍ପରେ ଏକ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ପାଲଟିଥିବା ମୁଦ୍ରା ଯୋଜନା ଏଥର ଆମ ପ୍ରସଙ୍ଗର କଭର ଷ୍ଟୋରୀ ପାଲଟିଛି।


ଏତଦ୍ ବ୍ୟତୀତ ପଦ୍ମବିଭୂଷଣ ପୁରସ୍କାରପ୍ରାପ୍ତ ଡ. ବିନ୍ଦେଶ୍ୱର ପାଠକଙ୍କ ଜୟନ୍ତୀ ଅବସରରେ ସ୍ୱଚ୍ଛତା କ୍ଷେତ୍ରରେ ଅମୂଲ୍ୟ ଅବଦାନ ଦେଇଥିବା ଶ୍ରଦ୍ଧାଞ୍ଜଳି ଏବଂ କେନ୍ଦ୍ର କ୍ୟାବିନେଟର ନିଷ୍ପତ୍ତି ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅନ୍ୟାନ୍ୟ କାର୍ଯ୍ୟକ୍ରମକୁ ମଧ୍ୟ ଏଥିରେ ଅନ୍ତର୍ଭୁକ୍ତ କରାଯାଇଛି।

ଏହାବ୍ୟତୀତ ଏପ୍ରିଲ ୫ ରେ ପାଳନ କରାଯାଉଥିବା ଜାତୀୟ ସାମୁଦ୍ରିକ ଦିବସ ଏବଂ ଏପ୍ରିଲ ୧୪ ରେ ବାବା ସାହେବ ଭୀମରାଓ ଆମ୍ବେଦକରଙ୍କ ଜୟନ୍ତୀକୁ ପଛ କଭରରେ ଦର୍ଶାଯାଇଛି। ଏଗୁଡ଼ିକ ହେଉଛି ଏହି ସଂଖ୍ୟାର ବିଶେଷତ୍ୱ ।

(ଧୀରେନ୍ଦ୍ର ଓଝା)

ହିନ୍ଦୀ, ଇଂରାଜୀ ଏବଂ ଅନ୍ୟ ୧୧ଟି ଭାଷାରେ ପତ୍ରିକା ପଢନ୍ତୁ / ଡାଉନଲୋଡ୍ କରନ୍ତୁ।
https://newindiasamachar.pib.gov.in/

# ଚିଠି ବାକ୍ସ




## ନ୍ୟୁ ଇଣ୍ଡିଆ ସମାଚାର ପତ୍ରିକାରେ ବିଭିନ୍ନ କ୍ଷେତ୍ରରେ ସୂଚନା ରହିଛି

ନ୍ୟୁ ଇଣ୍ଡିଆ ସମାଚାର ପତ୍ରିକାର ସମସ୍ତ ସଦ୍ୟତମ ସଂସ୍କରଣରେ ଏକ ଆକର୍ଷଣୀୟ କଭର ଏବଂ ଡିଜାଇନ୍ ତଥା ଏକ ବିଷୟ-କେନ୍ଦ୍ରିତ ଫର୍ମାଟ ରହିଛି। ଏହି ପତ୍ରିକାରେ କୌଣସି କ୍ଷେତ୍ରକୁ ଅଣଦେଖା କରାଯାଇନାହିଁ। ପ୍ରତିଯୋଗିତାମୂଳକ ପରୀକ୍ଷା ଦେଉଥିବା ସମସ୍ତ ପରୀକ୍ଷାର୍ଥୀ ଏହାକୁ ପଢ଼ି ନିଶ୍ଚିତ ଉପକୃତ ହେବେ। ଏହି ଫଟୋଗୁଡ଼ିକ ପତ୍ରିକାର ସଂଖ୍ୟାକୁ ସହଜରେ ମନେ ପକାଇଥାଏ ।

**ପି ପ୍ରେମା**
**prof.prema@gmail.com**

## ନ୍ୟୁ ଇଣ୍ଡିଆ ସମାଚାର ପତ୍ରିକା ସାମ୍ପ୍ରତିକ ଘଟଣା ବିଷୟରେ କହିଥାଏ

ନ୍ୟୁ ଇଣ୍ଡିଆ ସମଚାର ଏକ ଉତ୍କୃଷ୍ଟ ପାକ୍ଷିକ ପତ୍ରିକା । ଏହି ପତ୍ରିକାରେ ଦେଶରେ ଘଟୁଥିବା ସାମ୍ପ୍ରତିକ ଘଟଣା ଏବଂ ବିକାଶ ମୂଳକ କାର୍ଯ୍ୟ ବିଷୟରେ ସୂଚନା ପ୍ରଦାନ କରାଯାଇଥାଏ । ମୁଁ ଏହି ପତ୍ରିକା ପଢିବାକୁ ବହୁତ ପସନ୍ଦ କରେ । ନ୍ୟୁ ଇଣ୍ଡିଆ ସମାଚାରର ପ୍ରକାଶକ, ସମ୍ପାଦକ ଏବଂ ସମଗ୍ର ଟିମକୁ ଅଭିନନ୍ଦନ ।

**ପ୍ରଫେସର (ଡ. ) ମୁକେଶ ଅଗ୍ରୱାଲ**

## ପତ୍ରିକାଟି ବିକଶିତ ଭାରତ ଅଭିଯାନ ବିଷୟରେ ସୂଚନା ପ୍ରଦାନ କରେ

ତୃତୀୟ ଥର ପାଇଁ ଦେଶର ପ୍ରଧାନମନ୍ତ୍ରୀ ହୋଇଥିବା ନରେନ୍ଦ୍ର ମୋଦୀ ଚାହୁଁଛନ୍ତି ଯେ ଭାରତ ୨୦୪୭ ସୁଦ୍ଧା ଏକ ବିକଶିତ ଭାରତରେ ପରିଣତ ହେଉ । ଏ ଦିଗରେ ଦେଶରେ କାର୍ଯ୍ୟ ଆରମ୍ଭ ହୋଇସାରିଛି। ନ୍ୟୁ ଇଣ୍ଡିଆ ସମାଚାର ପତ୍ରିକାର ବିଭିନ୍ନ ଲେଖାରୁ ଆମେ ଏହି ସବୁ ସଫଳତା ବିଷୟରେ ସୂଚନା ପାଇଥାଉ। ଏହି ପତ୍ରିକାରେ ସରକାର ଏବଂ ଦେଶର ବିକାଶ ମୂଳକ କାର୍ଯ୍ୟକଳାପ ବିଷୟରେ ସୂଚନା ପ୍ରଦାନ କରାଯାଇଥାଏ ।

**ସୁମନ୍ତ କୁମାର ସୋମ**
**somsumanta2013@gmail.com**

## ମୋଟାପଣ କମାଇବା ପାଇଁ ପ୍ରଭାବଶାଳୀ ପ୍ରୟାସ କରିବା ଦରକାର

ନିକଟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କ ମାସିକ ରେଡିଓ କାର୍ଯ୍ୟକ୍ରମ 'ମନ୍ କି ବାତ୍'ରେ ମୋଟାପଣ ବିଷୟରେ କହିଥିଲେ। ଆମେ ଏହି ବିଷୟକୁ ଗମ୍ଭୀରତାର ସହ ନେବା ଉଚିତ୍ । ଏ ଦିଗରେ ପ୍ରଭାବଶାଳୀ ଓ ଅର୍ଥପୂର୍ଣ୍ଣ ପ୍ରଚେଷ୍ଟା କରାଯିବା ଦରକାର।

**ଟିଏସ୍ କାର୍ତ୍ତିକ**
**vtra1636@gmail.com**

## ପତ୍ରିକା ମାଧ୍ୟମରେ ବିକାଶମୂଳକ କାର୍ଯ୍ୟକଳାପ ବିଷୟରେ ଅବଗତ ରୁହନ୍ତୁ

ମୁଁ ନ୍ୟୁ ଇଣ୍ଡିଆ ସମାଚାର ପତ୍ରିକାର ନିୟମିତ ପାଠକ। ଏହା ଏକ ଭଲ ପତ୍ରିକା। ଏହି ପତ୍ରିକା ଜରିଆରେ ମୁଁ ଭାରତରେ ହେଉଥିବା ବିକାଶ ବିଷୟରେ ଜାଣିବାକୁ ସକ୍ଷମ ହୋଇଛି ।

**ଜନାର୍ଦ୍ଦନ ଦେବତା**
**janardandebata63@gmail.com**

Communication Address : Room No–316, National Media Centre, Raisina Road, New Delhi -110001
e-Mail: response-nis@pib.gov.in

ଅଲ୍ ଇଣ୍ଡିଆ ରେଡିଓରେ ନ୍ୟୁ ଇଣ୍ଡିଆ ସମାଚାର ଶୁଣିବାକୁ କ୍ୟୁଆର କୋଡ୍ ସ୍କାନ୍ କରନ୍ତୁ।

ସଂକ୍ଷିପ୍ତ ସମାଚାର

## ସିଲଭାସାରେ ନମୋ ହସ୍ପିଟାଲର ଉଦଘାଟନ



ଦାଦରା ଏବଂ ନଗର ହାବେଳି ଦ୍ରୁତ ଗତିରେ ଏକ ଆଧୁନିକ ପରିଚୟ ସହିତ ଉଭା ହେଉଛି, ଏବଂ ସିଲଭାସା ଏକ ସହରରେ ପରିଣତ ହେଉଛି ଯାହା ସବୁ ବର୍ଗର ଲୋକଙ୍କୁ ସ୍ୱାଗତ କରେ । ଏହି ଅଞ୍ଚଳରେ ଦ୍ରୁତ ଗତିରେ ନୂତନ ସୁଯୋଗ ବୃଦ୍ଧି ପାଇଛି । ଏହି କ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସିଲଭାସାରେ ନମୋ ହସ୍ପିଟାଲ (ପ୍ରଥମ ପର୍ଯ୍ୟାୟ)ର ଉଦଘାଟନ କରିଛନ୍ତି। ୪୬୦ କୋଟି ରୁ ଅଧିକ ଟଙ୍କା ବ୍ୟୟରେ ନିର୍ମିତ ଏହି ୪୫୦ ଶଯ୍ୟା ବିଶିଷ୍ଟ ଡାକ୍ତରଖାନା କେନ୍ଦ୍ରଶାସିତ ଅଞ୍ଚଳରେ ସ୍ୱାସ୍ଥ୍ୟସେବାକୁ ଯଥେଷ୍ଟ ସୁଦୃଢ଼ କରିବ। ଏହା ଦ୍ୱାରା ଏହି ଅଞ୍ଚଳର ଲୋକବିଶେଷ କରି ଆଦିବାସୀ ସମ୍ପ୍ରଦାୟର ଲୋକଙ୍କୁ ଅତ୍ୟାଧୁନିକ ଚିକିତ୍ସା ସେବା ଯୋଗାଇ ଦିଆଯିବ। ଉଦଘାଟନୀ ସମାରୋହରେ ପ୍ରଧାନମନ୍ତ୍ରୀ ମୋଦୀ କହିଥିଲେ ଯେ ଗତ କିଛି ବର୍ଷ ମଧ୍ୟରେ ଏହି ଅଞ୍ଚଳରେ ଆଧୁନିକ ସ୍ୱାସ୍ଥ୍ୟ ସେବା ଯଥେଷ୍ଟ ବିସ୍ତାରିତ ହୋଇଛି । ପ୍ରଧାନମନ୍ତ୍ରୀ ସିଲଭାସାଠାରେ ୨୫୮୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର କେନ୍ଦ୍ରଶାସିତ ଅଞ୍ଚଳ ପାଇଁ ଏକାଧିକ ଉନ୍ନୟନ ମୂଳକ ପ୍ରକଳ୍ପର ଉଦଘାଟନ ଏବଂ ଶିଳାନ୍ୟାସ କରିଥିଲେ ।

## ୟୁପିଆଇ ଦେୟରେ ଦ୍ରୁତ ଅଭିବୃଦ୍ଧି




ବିଗତ ୫ ଆର୍ଥିକ ବର୍ଷ ମଧ୍ୟରେ ୟୁନିଫାଇଡ୍ ପେମେଣ୍ଟ ଇଣ୍ଟରଫେସ୍ (ୟୁପିଆଇ) ଜରିଆରେ ଡିଜିଟାଲ ପେମେଣ୍ଟ୍ କାରବାରରେ କ୍ରମାଗତ ବୃଦ୍ଧି ଘଟିଛି। ୨୦୨୪-୨୫ ଆର୍ଥିକ ବର୍ଷରେ ଜାନୁଆରୀ ୨୦୨୫ ସୁଦ୍ଧା ୧୮,୧୨୦ କୋଟିରୁ ଅଧିକ କାରବାର ଡିଜିଟାଲ ମାଧ୍ୟମରେ ହୋଇଥିବା ବେଳେ ଏହାର ମୂଲ୍ୟ ୨,୩୩୦.୭୨ ଲକ୍ଷ କୋଟି ଟଙ୍କା ରହିଛି। ୨୦୨୦-୨୧ ଆର୍ଥିକ ବର୍ଷରେ ୪୩୭୦ କୋଟିରୁ ଅଧିକ କାରବାର ଡିଜିଟାଲ ମାଧ୍ୟମରେ ହୋଇଛି। ଡିଜିଟାଲ କାରବାର ଠକେଇକୁ ରୋକିବା ପାଇଁ ସରକାର, ନ୍ୟାସନାଲ ପେମେଣ୍ଟ କର୍ପୋରେସନ ଅଫ୍ ଇଣ୍ଡିଆ ଏବଂ ଆରବିଆଇ ପକ୍ଷରୁ ଅନେକ ପଦକ୍ଷେପ ନିଆଯାଇଛି । ଏଥିରେ ଗ୍ରାହକଙ୍କ ମୋବାଇଲ୍ ନମ୍ବର ଏବଂ ଡିଭାଇସ୍ ମଧ୍ୟରେ ଡିଭାଇସ୍ ବନ୍ଧନ, ପିନ୍ ମାଧ୍ୟମରେ ଟୁ-ଫ୍ୟାକ୍ଟର ଅଥେଣ୍ଟିକେସନ୍, ଦୈନିକ କାରବାର ସୀମା, ବ୍ୟବହାର ଉପରେ ସୀମା ଏବଂ ପ୍ରତିବନ୍ଧକ ଇତ୍ୟାଦି ଅନ୍ତର୍ଭୁକ୍ତ। www.cybercrime.gov.in ଏକ ଜାତୀୟ ସାଇବର କ୍ରାଇମ ରିପୋର୍ଟିଂ ପୋର୍ଟାଲ ଏବଂ ଏକ ଜାତୀୟ ସାଇବର କ୍ରାଇମ ହେଲ୍ପଲାଇନ ନମ୍ବର "୧୯୩୦" ମଧ୍ୟ ଆରମ୍ଭ କରାଯାଇଛି ।

## ରେଳବାଇ ୨୩,୦୦୦ କିଲୋମିଟର ରେଳ ଧାରଣାର ଉନ୍ନତିକରଣ କରିଛି

ଘଣ୍ଟାପ୍ରତି ୧୩୦ କିଲୋମିଟର ବେଗରେ ଟ୍ରେନ୍ ଚଳାଚଳ ପାଇଁ ଭାରତ ୨୩ ହଜାର କିଲୋମିଟର ରେଳ ଧାରଣାର ଉନ୍ନତିକରଣ କରିବାରେ ସଫଳ ହୋଇଛି। ଏହି ପଦକ୍ଷେପ ଆମ ରେଳବାଇକୁ ଦ୍ରୁତ, ସୁରକ୍ଷିତ ଏବଂ ଅଧିକ ଦକ୍ଷ କରିବ। ଏହା ସହ ଘଣ୍ଟା ପ୍ରତି ୧୧୦ କିଲୋମିଟର ବେଗରେ ଗତି କରିବା ପାଇଁ ୫୪,୩୩୭ କିଲୋମିଟର ଟ୍ରାକକୁ ଉନ୍ନତିକରଣ କରାଯାଇଛି । ବର୍ତ୍ତମାନ ଦେଶରେ ପ୍ରାୟ ଏକ ପଞ୍ଚମାଂଶ ରେଳ ନେଟୱାର୍କ ହାଇସ୍ପିଡ୍ ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛି । ଭାରତୀୟ ରେଳବାଇର ପ୍ରମୁଖ ସେମି ହାଇସ୍ପିଡ୍ ଟ୍ରେନ୍ ବନ୍ଦେ ଭାରତ ଏକ୍ସପ୍ରେସ୍ ଏହି ଭିତ୍ତିଭୂମି ଉନ୍ନତିର ଏକ ଉଦାହରଣ।






# ଗତ ୧୦ ବର୍ଷରେ ଭାରତର ଅର୍ଥନୀତି ୬୬% ଅଭିବୃଦ୍ଧି ହାସଲ କରିଛି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଭାରତର ଅର୍ଥନୀତି ନୂଆ ଉଚ୍ଚତା ଛୁଇଁଛି ଏବଂ ୨୦୧୫ ରୁ ୨୦୨୫ ମଧ୍ୟରେ ଏହା ୬୬% ବୃଦ୍ଧି ପାଇ ୩.୮ ଟ୍ରିଲିୟନ ଡଲାରରେ ପହଞ୍ଚିଛି । ଏହି ସଫଳତା ଏକ ବିକଶିତ ଭାରତ ଗଠନ ଦିଗରେ ଆଉ ଏକ ଦୃଢ଼ ପଦକ୍ଷେପ । ଫେବ୍ରୁଆରି ମାସରେ ହିଁ ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମଏଫ୍ ) ଭାରତର ଅର୍ଥନୀତିର ଆକଳନ କରିଛି। ଏହି ହିସାବରେ ଗତ ୧୦ ବର୍ଷ ମଧ୍ୟରେ ଭାରତର ଅର୍ଥନୀତି ୬୬ ପ୍ରତିଶତ ଅଭିବୃଦ୍ଧି ହାସଲ କରିଛି। ରୋଜଗାର ସୃଷ୍ଟିକୁ ପ୍ରୋତ୍ସାହିତ କରିବା ଉପରେ ବଜେଟ୍ ପରବର୍ତ୍ତୀ ୱେବିନାରରେ ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି ଯେ ଏହି ଅଭିବୃଦ୍ଧି ଅନେକ ବଡ଼ ଅର୍ଥନୀତି ତୁଳନାରେ ଅଧିକ। ସେହି ଦିନ ଦୂରରେ ନାହିଁ ଯେତେବେଳେ ଭାରତ ୫ ଟ୍ରିଲିୟନ ଡଲାର ଅର୍ଥନୀତିରେ ପରିଣତ ହେବ ।

## ଯମୁନା ନଦୀରେ କ୍ରୁଜ୍ ପର୍ଯ୍ୟଟନକୁ ପ୍ରୋତ୍ସାହନ ଦେବା ପାଇଁ ଚୁକ୍ତି ସ୍ୱାକ୍ଷରିତ



ଭାରତୀୟ ଆଭ୍ୟନ୍ତରୀଣ ଜଳପଥ ପ୍ରାଧିକରଣ (ଆଇଡବ୍ଲ୍ୟୁଏଆଇ) ଦିଲ୍ଲୀ ସରକାରଙ୍କ କିଛି ବିଭାଗ ଏବଂ ଏଜେନ୍ସି ସହ ଏକ ଚୁକ୍ତି ସ୍ୱାକ୍ଷର କରିଛି। ବୁଝାମଣା ଅନୁଯାୟୀ ସୋନିଆ ବିହାର ଓ ଜଗତପୁର ମଧ୍ୟରେ ଯମୁନା ନଦୀର ଚାରି କିଲୋମିଟର ଜଳପଥ (ଜାତୀୟ ଜଳପଥ ୧୧୦)ରେ କ୍ରୁଜ୍ ପର୍ଯ୍ୟଟନର ବିକାଶ କରାଯିବ। ଏହି କ୍ରୁଜ୍ ର ଶୁଭାରମ୍ଭ ପରେ ରାଜଧାନୀକୁ ଆସୁଥିବା ଦିଲ୍ଲୀବାସୀ ଓ ପର୍ଯ୍ୟଟକମାନେ ଏହାକୁ ଉପଭୋଗ କରିପାରିବେ। ପ୍ରଦୂଷଣ ମୁକ୍ତ ଜଳ ପରିବହନ ସୁନିଶ୍ଚିତ କରିବା ପାଇଁ ଇଲେକ୍ଟ୍ରିକ୍ ଏବଂ ସୋଲାର ହାଇବ୍ରିଡ୍ ବୋଟ୍ ଚଳାଚଳ କରାଯିବ। ପ୍ରତି ଡଙ୍ଗାରେ ୨୦ରୁ ୩୦ ଜଣ ଯାତ୍ରୀ ଯାତ୍ରା କରିବାର କ୍ଷମତା ରହିବ। ଯାତ୍ରୀଙ୍କ ସୁରକ୍ଷା ପାଇଁ ଏହି ଡଙ୍ଗାଗୁଡ଼ିକରେ ବାୟୋଟୋଏଲେଟ୍, ସାର୍ବଜନୀନ ଘୋଷଣା ବ୍ୟବସ୍ଥା ଏବଂ ଲାଇଫ୍ ଜ୍ୟାକେଟ୍ ର ସୁବିଧା ରହିବ।

## ଖଦୀ କାରିଗରଙ୍କ ପାରିଶ୍ରମିକରେ ୨୦% ବୃଦ୍ଧି

କେନ୍ଦ୍ର ସରକାର ୨୦୨୫ ଏପ୍ରିଲ ପହିଲାରୁ ଖଦୀ କାରିଗରଙ୍କ ପାରିଶ୍ରମିକ ୨୦% ବୃଦ୍ଧି କରିବାକୁ ନିଷ୍ପତ୍ତି ନେଇଛନ୍ତି। ବର୍ତମାନ ସ୍ପିନରମାନଙ୍କୁ ଚରଖାରେ ଲାଛ ପିଛା କାଟିବା ପାଇଁ ୧୨ ଟଙ୍କା ୫୦ ପଇସା ମିଳୁଥିବା ବେଳେ ୨୦୨୫ ଏପ୍ରିଲ ପହିଲାରୁ ଏହା ୨ ଟଙ୍କା ୫୦ ପଇସା ବୃଦ୍ଧି ପାଇବ। ଏବେ କାରିଗରଙ୍କୁ ଲାଛା ପିଛା ୧୫ ଟଙ୍କା ମିଳିବ। ଗତ ୧୧ ବର୍ଷ ମଧ୍ୟରେ କେନ୍ଦ୍ର ସରକାର ଖଦି କାରିଗରଙ୍କ ପାରିଶ୍ରମିକରେ ୨୭୫ ପ୍ରତିଶତ ଐତିହାସିକ ବୃଦ୍ଧି କରିଛନ୍ତି। ଖଦି ଓ ଗ୍ରାମୋଦ୍ୟୋଗ ଉତ୍ପାଦର ବିକ୍ରି ୫ ଗୁଣ ବୃଦ୍ଧି ପାଇଛି, ଅର୍ଥାତ୍ ୨୦୨୩-୨୪ ଆର୍ଥିକ ବର୍ଷରେ ୩୧,୦୦୦ କୋଟି ଟଙ୍କାରୁ ୧,୫୫,୦୦୦ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ପ୍ରୟାଗରାଜ ମହାକୁମ୍ଭରେ ୧୨.୦୨ କୋଟି ଟଙ୍କାର ଖଦି ଉତ୍ପାଦର ଐତିହାସିକ ବିକ୍ରି ହୋଇଥିଲା।



# ଭାରତୀୟ ମହିଳାମାନେ ନିଜର ଆର୍ଥିକ ଭବିଷ୍ୟତ ସୃଷ୍ଟି କରୁଛନ୍ତି

*ଯେତେବେଳେ ମହିଳାମାନେ ଆର୍ଥିକ ଭାବେ ସଶକ୍ତ ହୁଅନ୍ତି, ସେତେବେଳେ ଏହାର ପ୍ରଭାବ କେବଳ ସେମାନଙ୍କ ପରିବାରରେ ଦେଖାଯାଏ ନାହିଁ, ବରଂ ଏହା ଦେଶର ଅର୍ଥନୀତିକୁ ମଧ୍ୟ ସୁଦୃଢ଼ କରିଥାଏ । ଏହି ଚିନ୍ତାଧାରା ବଳରେ ଭାରତ ଗତ ଏକ ଦଶନ୍ଧି ମଧ୍ୟରେ ନିଜର ଆର୍ଥିକ ବ୍ୟବସ୍ଥାକୁ ସୁଦୃଢ଼ କରି ଏକ ଅଭିଯାନ ଆରମ୍ଭ କରିଛି, ଯେଉଁଥିରେ ମହିଳାମାନେ ସଫଳତାର ଏକ ନୂଆ କାହାଣୀ ରଚନା କରୁଛନ୍ତି। ନୀତି ଆୟୋଗ ଏବଂ କ୍ରେଡିଟ୍ ଇନଫର୍ମେସନ କମ୍ପାନୀ ଟ୍ରାନ୍ସୟୁନିୟନ ସିବିଲ ଦ୍ୱାରା କରାଯାଇଥିବା ଏକ ମାମଲା ଅଧ୍ୟୟନରେ ମଧ୍ୟ ବିଶ୍ୱାସ କରାଯାଇଛି ଯେ ସରକାରଙ୍କ ପ୍ରୟାସ ସାମାଜିକ ଏବଂ ଅର୍ଥନୈତିକ ଅଂଶଗ୍ରହଣ ସମେତ ଅତ୍ୟାବଶ୍ୟକ ସେବାରେ ମହିଳାଙ୍କ ପ୍ରବେଶକୁ ପ୍ରୋତ୍ସାହିତ କରିଛି ଏବଂ ଅନେକ କ୍ଷେତ୍ରରେ ଉଲ୍ଲେଖନୀୟ ଉନ୍ନତି ହୋଇଛି । ପରିବାର ଓ ସମାଜରେ ମହିଳାଙ୍କ ଭୂମିକା ଉପରେ ମଧ୍ୟ ଏହାର ସିଧାସଳଖ ପ୍ରଭାବ ପଡ଼ିଛି, ଯେଉଁଠାରେ ସ୍ୱାଧୀନତା ସହିତ ସେ ଏବେ ନିର୍ଣ୍ଣାୟକ ଭୂମିକାରେ ଦୃଢ଼ ଭାବେ ଆଗକୁ ବଢ଼ୁଛନ୍ତି।*

ପ୍ରଧାନମନ୍ତ୍ରୀ ଜନଧନ ଯୋଜନା ଦ୍ୱାରା ମହିଳାଙ୍କ ଅର୍ଥନୈତିକ ସ୍ୱାଧୀନତା ସୁଦୃଢ଼ ହୋଇଥିବା ବେଳେ ପିଏମ ମୁଦ୍ରା ଯୋଜନା, ଷ୍ଟାର୍ଟଅପ୍ ଇଣ୍ଡିଆ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀ ଭଳି ଯୋଜନା ସେମାନଙ୍କୁ ଆର୍ଥିକ ଭାବେ ସଶକ୍ତ କରିଛି। ମହିଳା ସଶକ୍ତୀକରଣ ଦିଗରେ ଏହି ପଦକ୍ଷେପ ସେମାନଙ୍କ ପରିବାରର କଲ୍ୟାଣରେ ଉନ୍ନତି ଆଣିବା ସହିତ ଦେଶର ଅର୍ଥନୈତିକ ଭିତ୍ତିଭୂମିକୁ ସୁଦୃଢ଼ କରିବାରେ ସହାୟକ ସାବ୍ୟସ୍ତ ହୋଇଛି। ପ୍ରଧାନମନ୍ତ୍ରୀ ଜନଧନ ଆକାଉଣ୍ଟ ମହିଳାମାନଙ୍କୁ ବୁଦ୍ଧିମତା ସହିତ ଆର୍ଥିକ ପରିଚାଳନା କରିବାକୁ ସଶକ୍ତ କରିଥିବା ବେଳେ ସ୍ୱୟଂ ସହାୟକ ଗୋଷ୍ଠୀମାନେ ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ଗୋଷ୍ଠୀ ବିକାଶରେ ପୁଞ୍ଜିନିବେଶ ଦିଗରେ ସେମାନଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ମହିଳାଙ୍କୁ ଋଣ ଓ ଶିକ୍ଷା କ୍ଷେତ୍ରରେ ସମାନ ସୁଯୋଗ ଉପଲବ୍ଧ କରାଇବା ସେମାନଙ୍କ ଆକାଂକ୍ଷାକୁ ସଫଳତାରେ ପରିଣତ କରୁଛି। ଏହାର ଏକ ଜୀବନ୍ତ ଉଦାହରଣ ହେଉଛି ଜନଧନ ଯୋଜନାରେ ୫୫ ପ୍ରତିଶତରୁ ଅଧିକ, ପିଏମ ମୁଦ୍ରା ଯୋଜନାରେ ପ୍ରାୟ ୭୦ ପ୍ରତିଶତ ଏବଂ ଷ୍ଟାର୍ଟଅପ୍ ଇଣ୍ଡିଆର ୮୨ ପ୍ରତିଶତରୁ ଅଧିକ ହିତାଧିକାରୀ ହେଉଛନ୍ତି ମହିଳା ।



## ଋଣ ନେବାକୁ ଆଗ୍ରହୀ ଥିବା ମହିଳାମାନଙ୍କ ସଂଖ୍ୟାରେ ତିନି ଗୁଣ ବୃଦ୍ଧି



**ଋଣ ଚାହିଦାରେ ବୃଦ୍ଧି :** ୨୦୧୯ ରୁ ୨୦୨୪ ମଧ୍ୟରେ ଋଣ ଚାହୁଁଥିବା ମହିଳାଙ୍କ ସଂଖ୍ୟା ତିନି ଗୁଣ ବୃଦ୍ଧି ପାଇଛି, ଯାହା ଆର୍ଥିକ ଅଂଶଗ୍ରହଣ ଏବଂ ସ୍ୱାଧୀନତା ବୃଦ୍ଧିକୁ ସୂଚାଉଛି ।

### ଭାରତର ବିକାଶ କାହାଣୀରେ ମହିଳାଙ୍କ ଭୂମିକା

ମହିଳାମାନେ ସେମାନଙ୍କ ଋଣ ସ୍ୱାସ୍ଥ୍ୟ ଉପରେ ନଜର ରଖୁଛନ୍ତି (ଟଙ୍କା ମିଲିୟନ୍ ରେ)




*ଉତ୍ସ: ଡବ୍ଲ୍ୟୁଇପି (ନୀତି ଆୟୋଗ), ଟ୍ରାନ୍ସୟୁନିୟନ ସିଆଇବିଆଇଏଲ୍ ଏବଂ ମାଇକ୍ରୋସେଭ୍ କନସଲଟିଂ ଯୁଗ୍ମ ରିପୋର୍ଟ*

**ଗ୍ରାମୀଣ ଓ ଅର୍ଦ୍ଧ-ସହରାଞ୍ଚଳ :** ଆଉ ଦୁଇ ତୃତୀୟାଂଶ ମହିଳା ଋଣଗ୍ରହୀତା ଅଣମେଟ୍ରୋପଲିଟାନ୍ ଅଞ୍ଚଳରୁ ଆସିଛନ୍ତି, ଯାହା ସହରାଞ୍ଚଳରେ ଗଭୀର ଆର୍ଥିକ ଅନ୍ତର୍ଭୁକ୍ତୀକରଣକୁ ସୂଚାଉଛି।

**ଋଣ ସଚେତନତା ବୃଦ୍ଧି :** ରାଜ୍ୟର ମହାନଗରୀରେ ରହୁଥିବା ମହିଳାଙ୍କ ତୁଳନାରେ ଅଣ-ମହାନଗର ଅଞ୍ଚଳର ମହିଳାମାନେ ସେମାନଙ୍କ କ୍ରେଡିଟ୍ ଟ୍ରାକିଂ କରିବାରେ ଅଧିକ ସକ୍ରିୟ।

**ସ୍ୱୟଂ ନିରୀକ୍ଷଣରେ ବୃଦ୍ଧି :** ମହାନଗର ଗୁଡ଼ିକରେ ୩୦% ବୃଦ୍ଧି ତୁଳନାରେ ଅଣ-ମହାନଗର ଅଞ୍ଚଳରେ ୪୮% ବୃଦ୍ଧି ଛୋଟ ସହର ଗୁଡ଼ିକରେ ମହିଳାମାନଙ୍କ ମଧ୍ୟରେ ଆର୍ଥିକ ସାକ୍ଷରତା ଏବଂ ଦାୟିତ୍ୱରେ ପରିବର୍ତ୍ତନକୁ ପ୍ରତିଫଳିତ କରେ ।


## ମହିଳା ଋଣଗ୍ରହୀତାଙ୍କ କ୍ରେଡିଟ୍ ସ୍କୋରରେ ଉନ୍ନତି

**62%** ମହିଳା ସେମାନଙ୍କ ଋଣ ସ୍ୱାସ୍ଥ୍ୟ ଉପରେ ନଜର ରଖୁଛନ୍ତି କିମ୍ବା ତା'ଠାରୁ ଅଧିକ ଅଛନ୍ତି

**ଏହା କ୍ରମାଗତ ଭାବରେ ଭଲ ଋଣ ଅଭ୍ୟାସ ଅନୁସରଣ କରି ଋଣର ସକ୍ରିୟ ପରିଚାଳନାକୁ ସୂଚାଇଥାଏ । ଏହା ମହିଳା ଋଣଗ୍ରହୀତାଙ୍କୁ ଋଣ ସ୍ୱାସ୍ଥ୍ୟ ଗଠନ କରିବାରେ ସାହାଯ୍ୟ କରିଛି ।**

**Regional lending:** Southern states lead with 1.02 crore women self-monitoring their credit, while Rajasthan, Uttar Pradesh, and Madhya Pradesh witnessed the highest growth in active women borrowers.

- **ସୁପର ପ୍ରାଇମ୍** (791-900)
- **ପ୍ରାଇମ ପ୍ଲସ୍** (771-790)
- **ପ୍ରାଇମ** (731-770)
- **ନିଅର୍ ପ୍ରାଇମ** (681-730)
- **ସବ୍ ପ୍ରାଇମ୍** (300-680)




**ସିବିଲ୍ ସ୍କୋର ରେଞ୍ଜ: ୩୦୦ - ୯୦୦**

*Source: WEP (NITI Aayog), TransUnion CIBIL, and MicroSave Consulting Joint Report*

ଯେଉଁ ରାଷ୍ଟ୍ର ନିଜ ମହିଳା ଜନସଂଖ୍ୟାର ସମ୍ପୂର୍ଣ୍ଣ ସମ୍ଭାବନାର ଫାଇଦା ଉଠାଇଥାଏ, ସେ ବିଶ୍ୱ ସ୍ତରରେ ନିଜର ଉପସ୍ଥିତି ବୃଦ୍ଧି କରିବା ସହିତ, ପୁଞ୍ଜିନିବେଶକୁ ଆକୃଷ୍ଟ କରିଥାଏ ଏବଂ ଅନ୍ତର୍ଜାତୀୟ ସହଯୋଗକୁ ପ୍ରୋତ୍ସାହିତ କରିଥାଏ ।

୨୦୧୪ ପୂର୍ବରୁ ସଶକ୍ତୀକରଣ ଯୋଜନା ଲାଲଫିତା ତଳେ ରହିଯାଉଥିଲା ଓ ବ୍ୟବସ୍ଥାଗତ ଅବହେଳାର ଶିକାର ହୋଇଥିବା ବେଳେ ନୂଆ ନେତୃତ୍ୱର ଦୂରଦୃଷ୍ଟି ଓ କାର୍ଯ୍ୟଶୈଳୀ ମହିଳାମାନଙ୍କର ଆର୍ଥିକ ସଶକ୍ତୀକରଣ ଓ ଅନ୍ତର୍ଭୁକ୍ତୀକରଣକୁ ଫାଇଲ ଓ ବୟାନବାଜିରୁ ବାହାର କରି ବାସ୍ତବରେ ପରିଣତ କରିଥିଲା। ଋଣ ନେଇଥିବା ମହିଳାମାନେ ମଧ୍ୟ ଆର୍ଥିକ ନେତୃତ୍ୱ ନେଉଛନ୍ତି। ଲକ୍ଷ୍ୟଭିତ୍ତିକ ପଦକ୍ଷେପ ଦ୍ୱାରା, ମହିଳାମାନେ ଅଧିକ ଆର୍ଥିକ ସ୍ୱାଧୀନତା ହାସଲ କରିଛନ୍ତି, ଉଦ୍ୟୋଗୀ ସୁଯୋଗଗୁଡ଼ିକୁ ବ୍ୟାପକ କରିଛନ୍ତି ଏବଂ ଋଣର ଉନ୍ନତ ଉପଲବ୍ଧତା ହାସଲ କରିଛନ୍ତି । ଏହା ଦ୍ୱାରା ଭାରତର ଅର୍ଥନୈତିକ ପ୍ରଗତି ଏବଂ ବିଶ୍ୱସ୍ତରୀୟ ପ୍ରତିଦ୍ୱନ୍ଦ୍ୱିତା


## ଜେନେରେସନ୍ - ଜେଡ୍ ର ବର୍ଦ୍ଧିତ ଅଂଶ

ସ୍ୱୟଂ ନିରୀକ୍ଷଣ ଋଣରେ ଜେନେରେସନ - ଜେଡ୍ ମହିଳାଙ୍କ ଅଂଶ




## ଉତ୍ତମ ସନ୍ତୁଳିତ ଋଣ ଦକ୍ଷତା






*ଉତ୍ସ: ଡବ୍ଲ୍ୟୁଇପି (ନୀତି ଆୟୋଗ), ଟ୍ରାନ୍ସୟୁନିୟନ ସିବିଲ୍ ଏବଂ ମାଇକ୍ରୋସେଭ୍ କନସଲଟିଂ ଯୁଗ୍ମ ରିପୋର୍ଟ*

ମହିଳାଙ୍କ ନେତୃତ୍ୱାଧୀନ ଏମଏସଏମଇଗୁଡ଼ିକ ଭାରତର ଶିଳ୍ପ ଭିତ୍ତିଭୂମିରେ ବିବିଧତା ଆଣିଛନ୍ତି, ଯୋଗାଣ ଶୃଙ୍ଖଳା ଏବଂ ରପ୍ତାନି ସମ୍ଭାବନାକୁ ବୃଦ୍ଧି କରିଛନ୍ତି।



## ଏଗୁଡ଼ିକ ମଧ୍ୟ ଏହାର ଫାଇଦା ଅଟେ

**ପରିବାର କଲ୍ୟାଣ ବୃଦ୍ଧି :** ଉନ୍ନତ ଜୀବନଧାରଣ ମାନ ଏବଂ ପରବର୍ତ୍ତୀ ପିଢ଼ି ପାଇଁ ସମ୍ଭାବନା ଯୋଗୁଁ ପରିବାର କଲ୍ୟାଣ ବୃଦ୍ଧି ପାଇଥାଏ ।

**ଆର୍ଥିକ ଦୃଢତା :** ବିଭିନ୍ନ ଭାବରେ ଅଂଶଗ୍ରହଣ ଅର୍ଥ ସମ୍ବନ୍ଧୀୟ ଝଟକା ଏବଂ ମାନ୍ଦାବସ୍ଥାକୁ ସାମ୍ନା କରିବାରେ ସକ୍ଷମ ଏକ ଅଧିକ ସୁଦୃଢ଼ ଏବଂ ସ୍ଥିର ଅର୍ଥନୈତିକ ଢାଞ୍ଚାରେ ଯୋଗଦାନ କରେ ।

**ଉଦ୍ୟୋଗ ବିକାଶ :** ବିଭିନ୍ନ କ୍ଷେତ୍ରରେ ଉଦ୍ଭାବନ, ନିଯୁକ୍ତି ସୃଷ୍ଟି ଓ ବିବିଧତାକୁ ପ୍ରୋତ୍ସାହିତ କରିଥାଏ।

**ନୀତି ବିକାଶ :** ଆର୍ଥିକ କ୍ଷେତ୍ରରେ ମହିଳାମାନଙ୍କର ସଫଳତା ନୀତି ନିର୍ଦ୍ଧାରଣକାରୀମାନଙ୍କୁ ଅଧିକ ସମାବେଶୀ ନୀତି ପ୍ରସ୍ତୁତ କରିବାକୁ ପ୍ରଭାବିତ କରିଥାଏ, ଯାହା ଅବହେଳିତ ଗୋଷ୍ଠୀମାନଙ୍କ ପାଇଁ ସୁଯୋଗକୁ ଆହୁରି ବୃଦ୍ଧି କରିଥାଏ ।

**ବୈଶ୍ୱିକ ପ୍ରତିଦ୍ୱନ୍ଦିତା :** ଯେଉଁ ରାଷ୍ଟ୍ର ତା'ର ମହିଳା ଜନସଂଖ୍ୟାର ସମ୍ପୂର୍ଣ୍ଣ ସମ୍ଭାବନାକୁ ଉପଯୋଗ କରିଥାଏ, ସେ ବିଶ୍ୱ ସ୍ତରରେ ନିଜର ପ୍ରତିଦ୍ୱନ୍ଦ୍ୱିତା ବୃଦ୍ଧି କରିଥାଏ, ପୁଞ୍ଜିନିବେଶକୁ ଆକୃଷ୍ଟ କରେ ଏବଂ ଅନ୍ତର୍ଜାତୀୟ ସହଯୋଗକୁ ପ୍ରୋତ୍ସାହିତ କରେ ।

ମଧ୍ୟ ଯଥେଷ୍ଟ ବୃଦ୍ଧି ପାଇଛି ।

ମାର୍ଚ୍ଚ ୨୦୨୪ରେ ନୀତି ଆୟୋଗ ଏବଂ କ୍ରେଡିଟ୍ ଇନଫର୍ମେସନ କମ୍ପାନୀ ଟ୍ରାନ୍ସୟୁନିୟନ ସିବିଲ୍ ଦ୍ୱାରା ଅଧ୍ୟୟନ କରାଯାଇଥିବା ଏକ କେସ୍ ଷ୍ଟଡି ଅନୁଯାୟୀ, କେନ୍ଦ୍ର ସରକାରଙ୍କ ନୀତିରେ ମହିଳା ଶକ୍ତିର ବୃଦ୍ଧି ପାଉଥିବା ଭୂମିକା ଦେଶର ଆର୍ଥିକ ବିକାଶ କାହାଣୀରେ ଏକ ମାଇଲଖୁଣ୍ଟ ଭାବରେ ବିବେଚନା କରାଯାଇଛି । 'ଋଣଗ୍ରହୀତା ରୁ ନିର୍ମାତା : ଭାରତର ଆର୍ଥିକ ଅଭିବୃଦ୍ଧି କାହାଣୀରେ ମହିଳାଙ୍କ ଭୂମିକା' ଶୀର୍ଷକରେ ପ୍ରକାଶିତ ଏହି ରିପୋର୍ଟ ଅନୁଯାୟୀ, ଏକଦା ଦୁର୍ବଳ ହୋଇପଡ଼ିଥିବା ମହିଳା କର୍ମଚାରୀମାନେ ଏକ ଶକ୍ତିଶାଳୀ ଅର୍ଥନୈତିକ ସ୍ତମ୍ଭ ଭାବେ ଉଭା ହୋଇଛନ୍ତି, ଯାହା ଦେଶର ବିକାଶରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି ଏବଂ ଏହା ପଛରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ମହିଳା କେନ୍ଦ୍ରିତ ନୀତି ରହିଛି, ଯାହା ସେମାନଙ୍କୁ ଦେଶର ଅର୍ଥନୈତିକ ପ୍ରଗତିର ଏକ ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ ଭାବରେ ପ୍ରତିଷ୍ଠା କରୁଛି । ଏହି ପରିବର୍ତ୍ତନ ସଶକ୍ତୀକରଣ ଠାରୁ ଅଧିକ; ଏହା ଭାରତର ଅର୍ଥନୈତିକ ଶକ୍ତିକୁ ପୁନଃସଂଜ୍ଞିତ କରିଛି । ନିଷ୍କ୍ରିୟ ଋଣ ଉପଭୋକ୍ତାଙ୍କ ଠାରୁ ଆରମ୍ଭ କରି ମହିଳାମାନେ ଆର୍ଥିକ ଭାବରେ ସଚେତନ ହୋଇଛନ୍ତି, ଋଣ କ୍ଷେତ୍ରରେ ଅଂଶଗ୍ରହଣକାରୀ ହୋଇଛନ୍ତି, ସକ୍ରିୟ ଭାବରେ ଦେଶର ଅଭିବୃଦ୍ଧି ପଥକୁ ଆକାର ଦେଉଛନ୍ତି ।

# କୃଷକମାନଙ୍କ ପାଇଁ ଇ - ନାମ
## ଗୋଟିଏ ଦେଶ, ଗୋଟିଏ ବଜାର



ଉତ୍ତର ପ୍ରଦେଶର ଚାଷୀ ରାମକିଶୋର ପୂର୍ବରୁ ନିକଟସ୍ଥ ମଣ୍ଡିକୁ ଆଳୁ ବିକ୍ରି କରିବାକୁ ଯାଉଥିଲେ। ତାଙ୍କ ଭାଗ୍ୟ ଭଲ ଥିଲେ, ତାଙ୍କୁ ଉଚିତ ମୂଲ୍ୟ ମିଳୁଥିଲା ; ନହେଲେ, ତାଙ୍କୁ ମଧ୍ୟସ୍ଥିଙ୍କ ଉପରେ ନିର୍ଭର କରିବାକୁ ପଡୁଥିଲା। ଏବେ ସେ ନିଜ ମୋବାଇଲରେ ଉତ୍ତରପ୍ରଦେଶରୁ ହରିୟାଣା, ପଞ୍ଜାବ ଓ ଦିଲ୍ଲୀ ପର୍ଯ୍ୟନ୍ତ ମଣ୍ଡିର ଦର ଦେଖିପାରିବେ। ସାରା ଦେଶର ବ୍ୟବସାୟୀମାନେ ତାଙ୍କ ଫସଲ ଉପରେ ନିଲାମ ଡାକିପାରିବେ, ଯାହା ଦ୍ୱାରା ସେ ସର୍ବୋତ୍ତମ ଅଫର ବାଛି ପାରିବେ । ଏହି ପ୍ଲାଟଫର୍ମ ରାମକିଶୋରଙ୍କୁ ତାଙ୍କ ଉତ୍ପାଦିତ ଦ୍ରବ୍ୟ ବିକ୍ରି କରିବାରେ ଅଧିକ କ୍ଷମତା ପ୍ରଦାନ କରିଛି । କୃଷକ ମାନଙ୍କର ଆୟ ବୃଦ୍ଧି ପାଇଁ ଇ - ନାମ ଏକ ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ ପାଲଟିଛି ।

ଭାରତର ଜିଡିପିରେ କୃଷି କ୍ଷେତ୍ରର ଯୋଗଦାନ ୧୮ ପ୍ରତିଶତରୁ ଅଧିକ ରହିଛି ଏବଂ ଏହା ଦେଶର ପ୍ରାୟ ଅଧା ଜନସଂଖ୍ୟାକୁ ରୋଜଗାର ମଧ ଯୋଗାଇଥାଏ । ଏଥର ଫସଲ ଭଲ ହେବ, ମୂଲ୍ୟ ଭଲ ହେବ ଏବଂ ଜୀବନ ଯାତ୍ରା ଟିକେ ଆଗକୁ ବଢ଼ିବ ବୋଲି ପ୍ରତି ଥର ଆଶା ରଖିଥିବା ଚାଷୀଙ୍କ କଠିନ ପରିଶ୍ରମ ଯୋଗୁଁ ଏହି ସୁଦୃଢ଼ ପରିସଂଖ୍ୟାନର ମୂଳଦୁଆ ପଡ଼ିଛି।

କୃଷକ ମାନଙ୍କର ଏହି ଆଶାକୁ ସାକାର କରିବା ପାଇଁ ୧୪ ଏପ୍ରିଲ ୨୦୧୬ରେ ଜାତୀୟ କୃଷି ବଜାର ଇ - ନାମ ଆକାରରେ ଆରମ୍ଭ ହୋଇଥିଲା । 'ଗୋଟିଏ ଦେଶ, ଗୋଟିଏ କୃଷି ବଜାର' ର ଦୃଷ୍ଟିକୋଣ ଆଧାରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୨୧ଟି ମଣ୍ଡିକୁ ଏକ ପ୍ଲାଟଫର୍ମରେ ସଂଯୋଗ କରି ଇ - ନାମ ଆରମ୍ଭ କରିଥିଲେ, ଯାହା ଦ୍ୱାରା କୃଷିଜାତ ଦ୍ରବ୍ୟ ସହ ଜଡ଼ିତ ପ୍ରତିଯୋଗିତାମୂଳକ ବଜାରର ଲାଭ ମଧ୍ୟସ୍ଥିଙ୍କ ପରିବର୍ତ୍ତେ ସିଧାସଳଖ ଦେଶର ଖାଦ୍ୟ ଉତ୍ପାଦକଙ୍କୁ ମିଳିପାରିବ। ଇ - ନାମ ପ୍ରକୃତରେ ଏକ ଅନଲାଇନ୍ ଟ୍ରେଡିଂ ପ୍ଲାଟଫର୍ମ, ଯାହା କୃଷକମାନଙ୍କୁ ଉତ୍ତମ ମୂଲ୍ୟ ପାଇବାରେ ସାହାଯ୍ୟ କରେ | ଇ - ନାମ ଜରିଆରେ କୃଷି ଉତ୍ପାଦ ମଣ୍ଡିକୁ ଡିଜିଟାଲ ମାଧ୍ୟମରେ ସଂଯୋଗ କରାଯାଇଛି, ଯାହା ଦ୍ୱାରା ଚାଷୀ ନିଜ ଫସଲକୁ ବିକ୍ରି କରିପାରିବେ, ଯେଉଁଠାରେ ସେ ସର୍ବାଧିକ ମୂଲ୍ୟ ପାଇପାରିବେ, ତାଙ୍କ ଉତ୍ପାଦ ଉପରେ ସର୍ବୋଚ୍ଚ ନିଲାମ ଡକାଯାଇପାରିବ । ଆଜି ୨୭ଟି ରାଜ୍ୟର ୧୪୬୬ଟି ମଣ୍ଡିକୁ ଇ - ନାମ ସହ ସଂଯୋଗ କରାଯାଇଛି। ଏକ ନିର୍ଦ୍ଦିଷ୍ଟ ମାନକ ଆଧାରରେ ପ୍ଲାଟଫର୍ମରେ ୨୩୧ ପ୍ରକାର ସାମଗ୍ରୀ ବିକ୍ରି ହେଉଛି ଏବଂ ଏଠାରେ ୪ ଲକ୍ଷ କୋଟି ଟଙ୍କାରୁ ଅଧିକ କାରବାର ହୋଇଛି।

### ଇ - ନାମ ଆନ୍ତଃରାଷ୍ଟ୍ରୀୟ କୃଷି ବଜାରରେ ପ୍ରବେଶକୁ ସୁଗମ କରିବ

ଆନ୍ତଃରାଜ୍ୟ ଏବଂ ଆନ୍ତଃବଜାର ବାଣିଜ୍ୟରେ କୃଷକମାନଙ୍କ ପାଇଁ ସବୁଠାରୁ ବଡ଼ ପ୍ରତିବନ୍ଧକ ହେଉଛି ଲଜିଷ୍ଟିକ୍ସ । ଏହି ପ୍ରତିବନ୍ଧକକୁ ଦୂର କରି ଇ - ନାମ ପ୍ଲାଟଫର୍ମକୁ ଅଧିକ ଦକ୍ଷ କରିବା ନିମନ୍ତେ କେନ୍ଦ୍ର ସରକାର ଏହାକୁ ଇ-ନାମ ୨.୦ରେ ପରିଣତ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏହି ପ୍ଲାଟଫର୍ମ ଅଧିକ ଦୃଢ, ଉପଭୋକ୍ତା - ଅନୁକୂଳ, ସମାବେଶୀ, ସ୍କେଲେବଲ୍ ଏବଂ ମୁକ୍ତ ନେଟୱାର୍କ ଅନୁରୂପ ଗଠିତ । ଏଥିରେ ଲଜିଷ୍ଟିକ୍ ସେବା ପ୍ରଦାନକାରୀଙ୍କୁ ସାମିଲ କରିବା ସହ ଆଧାର ବ୍ୟବହାର କରି ବ୍ୟାଙ୍କ ଆକାଉଣ୍ଟ ଯାଂଚ, ଇ - କେୱାଇସିକୁ ସାମିଲ କରିବାର ସୁବିଧା ରହିଛି।

### ଏବେ ଚାଷୀଙ୍କ ପାଇଁ ୫.୫ ଗୁଣା ବଜେଟ୍




*୨୦୨୪ - ୨୫ ଆର୍ଥିକ ବର୍ଷର ତଥ୍ୟ ଫେବୃଆରୀ ୨୮ ପର୍ଯ୍ୟନ୍ତ

### କେଉଁମାନେ ଇ - ନାମ ସହିତ ସଂଯୁକ୍ତ

| | |
|---|---|
| ରାଜ୍ୟ | 27 |
| ବ୍ୟବସାୟୀ | 2,64,111 |
| କମିଶନ ଏଜେଣ୍ଟ | 1,14,942 |
| ସେବା ପ୍ରଦାନକାରୀ | 79 |
| କୃଷକ ସଂଗଠନ | 4,389 |
| କୃଷକ | 1,78,77,555 |

ସମୁଦାୟ 1,82,61,076


**ବଜେଟ୍ ପରେ ହିତାଧିକାରୀଙ୍କ ସହ ଆଲୋଚନା**

# ଏକ ନିର୍ମାଣର ରାସ୍ତା ବିକଶିତ ଭାରତ

*ପୁରୁଣା ପରମ୍ପରାକୁ ଭାଙ୍ଗିବାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବେଶ୍ ଜଣାଶୁଣା । ଦେଶର ସ୍ୱାର୍ଥ ଦୃଷ୍ଟିରୁ ନୀତିଗୁଡ଼ିକୁ ସଂକଳ୍ପରେ ପରିଣତ କରିବାକୁ ସେ ଦୃଢ଼ ପ୍ରତିବଦ୍ଧ। ବର୍ଷ ବର୍ଷ ଧରି ଦେଶରେ ଚାଲିଆସୁଥିବା ପୁରୁଣା ଅଭ୍ୟାସରେ ପରିବର୍ତ୍ତନ ଆଣି ସେ ଏଭଳି ନୂଆ ମାନଦଣ୍ଡ ପ୍ରତିଷ୍ଠା କରିଛନ୍ତି, ଯାହା ଆଧାରରେ ଦେଶ ଏବେ ଏକ ବିକଶିତ ରାଷ୍ଟ୍ର ହେବା ପଥରେ ଅଗ୍ରସର ହୋଇଛି। ମାସକ ଆଗରୁ ସାଧାରଣ ବଜେଟ୍ ଉପସ୍ଥାପନ ଆରମ୍ଭ ହେଉ କିମ୍ବା ବଜେଟ୍ ପରେ ସଂକଳ୍ପ ହାସଲ ପାଇଁ ପଦକ୍ଷେପ ହେଉ, ପ୍ରଧାନମନ୍ତ୍ରୀ ମୋଦୀ ମଧ୍ୟ ହିତଧାରକମାନଙ୍କୁ ଯୋଡ଼ି ବଜେଟ୍ ୱେବିନାର୍ ମାଧ୍ୟମରେ ଏକ ନୂଆ ପରମ୍ପରା ଆରମ୍ଭ କରିଥିଲେ, ଯାହା ଦ୍ୱାରା ଦେଶର ଅବହେଳିତ ନାଗରିକମାନେ ସିଧାସଳଖ ଉପକୃତ ହୋଇପାରିବେ। ୨୦୨୧ ମସିହାରେ ବଜେଟ୍ ଆରମ୍ଭ ହେବା ପରେ ହିତଧାରକମାନଙ୍କ ସହ ଆଲୋଚନାର ପଞ୍ଚମ ବର୍ଷରେ ସେ ୪ଟି ୱେବିନାର ମାଧ୍ୟମରେ ସିଧାସଳଖ ବକ୍ତବ୍ୟ ରଖିଥିଲେ।*

ବିଗତ ୧୦ ବର୍ଷ ମଧ୍ୟରେ ସଂସ୍କାର, ଆର୍ଥିକ ଶୃଙ୍ଖଳା, ସ୍ୱଚ୍ଛତା ଏବଂ ଅନ୍ତର୍ଭୁକ୍ତ ବିକାଶ ଦିଗରେ ଭାରତ ନିଜର ନିରନ୍ତର ପ୍ରତିବଦ୍ଧତା ଦେଖାଇଛି, ତେଣୁ ଏଥର ସାଧାରଣ ବଜେଟ୍ ମଧ୍ୟ ନୀତିରେ ନିରନ୍ତରତା ଏବଂ ଏକ ବିକଶିତ ଭାରତର ଦୃଷ୍ଟିକୋଣକୁ ସ୍ପଷ୍ଟ ଭାବରେ ପ୍ରତିଫଳିତ କରିଛି । ସାଧାରଣ ବଜେଟ୍ ଉପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମାର୍ଚ୍ଚ ପହିଲାରୁ ବଜେଟ୍ ୱେବିନାର ମାଧ୍ୟମରେ ବିଭିନ୍ନ କ୍ଷେତ୍ରର ଅଂଶୀଦାରଙ୍କ ସହ ଆଲୋଚନା ଆରମ୍ଭ କରିଥିଲେ। ଯୋଜନା ଗୁଡ଼ିକର ଠିକ୍ ସମୟରେ କାର୍ଯ୍ୟକାରିତା ଏବଂ ପ୍ରତ୍ୟେକ ଅଭାବୀ ଲୋକଙ୍କ ପାଖରେ ଲାଭ ପହଞ୍ଚାଇବା ପାଇଁ ପ୍ରଧାନମନ୍ତ୍ରୀ ମୋଦୀ କୃଷି, ନିଯୁକ୍ତି, ଶିଳ୍ପ-ବ୍ୟବସାୟ, ଶିକ୍ଷା, ସ୍ୱାସ୍ଥ୍ୟ, ପ୍ରଯୁକ୍ତି ବିଦ୍ୟା, ଭିତ୍ତିଭୂମି ଏବଂ ନିବେଶ ସମ୍ବନ୍ଧୀୟ ବିଷୟ ଉପରେ ୱେବିନାର ଆୟୋଜନ କରି ଆସୁଛନ୍ତି । କୃଷି ଏବଂ ଗ୍ରାମୀଣ ସମୃଦ୍ଧି ଉପରେ ଆୟୋଜିତ ୱେବିନାରରେ ପ୍ରଧାନମନ୍ତ୍ରୀ ମୋଦୀ ଏହାକୁ ଭାରତର ବିକାଶର ପ୍ରଥମ ଇଞ୍ଜିନ୍ ବୋଲି ବର୍ଣ୍ଣନା କରିବା ସହ ଗ୍ରାମର ସମୃଦ୍ଧି ଉପରେ ଗୁରୁତ୍ୱାରୋପ କରିଥିଲେ । ବିଗତ ୧୦ ବର୍ଷ ମଧ୍ୟରେ କେନ୍ଦ୍ର ସରକାର ଏ ଦିଗରେ କରିଥିବା ପ୍ରୟାସ ସହିତ ୨୦୨୫ - ୨୬ ବର୍ଷ ପାଇଁ ସାଧାରଣ ବଜେଟରେ ଏହି କ୍ଷେତ୍ର ସହ ଜଡ଼ିତ ବ୍ୟବସ୍ଥାକୁ କାର୍ଯ୍ୟକାରୀ କରିବାକୁ ସେ ତାଙ୍କର ପ୍ରତିବଦ୍ଧତାକୁ ମଧ୍ୟ ପ୍ରକାଶ କରିଛନ୍ତି।

ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ଉପରେ ଆୟୋଜିତ ୱେବିନାରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ଯେ ଗତ ୧୦ ବର୍ଷ ମଧ୍ୟରେ ଭାରତ ସଂସ୍କାର, ଆର୍ଥିକ ଶୃଙ୍ଖଳା, ସ୍ୱଚ୍ଛତା ଏବଂ ଅନ୍ତର୍ଭୁକ୍ତ ବିକାଶ



ଦିଗରେ ନିରନ୍ତର ପ୍ରତିବଦ୍ଧତା କ୍ଷେତ୍ରରେ ନିଜର ପରିଚୟ ଦେଇଛି। ଫଳରେ ଆଜି ବିଶ୍ୱର ପ୍ରତ୍ୟେକ ଦେଶ ଭାରତ ସହ ନିଜର ଅର୍ଥନୈତିକ ଭାଗିଦାରୀକୁ ସୁଦୃଢ଼ କରିବାକୁ ଚାହୁଁଛନ୍ତି । ଆଗାମୀ ବର୍ଷ ଗୁଡ଼ିକରେ ମଧ୍ୟ ଏହି ନିରନ୍ତରତା ତ୍ୱରାନ୍ୱିତ ହେବ ବୋଲି ସେ ଉତ୍ପାଦନ ଏବଂ ରପ୍ତାନି ସହ ଜଡ଼ିତ ପ୍ରତ୍ୟେକ ହିତଧାରକମାନଙ୍କୁ ଆଶ୍ୱାସନା ଦେଇଛନ୍ତି। ଅପରପକ୍ଷରେ ରୋଜଗାର ସୃଷ୍ଟିକୁ କେନ୍ଦ୍ରରେ ରଖି ବଜେଟର ବ୍ୟବସ୍ଥା ଉପରେ ଆଲୋଚନା କରି ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି ଯେ ନାଗରିକଙ୍କ କ୍ଷେତ୍ରରେ ପୁଞ୍ଜିନିବେଶ କରିବାର ଆଭିମୁଖ୍ୟ ଶିକ୍ଷା, ଦକ୍ଷତା ଏବଂ ସ୍ୱାସ୍ଥ୍ୟ ତିନୋଟି ସ୍ତମ୍ଭ ଉପରେ ରହିଛି।

'ନାଗରିକ, ଅର୍ଥନୀତି ଏବଂ ଉଦ୍ଭାବନରେ ପୁଞ୍ଜିନିବେଶ' ଶୀର୍ଷକ ୱେବିନାରରେ ସେ କହିଥିଲେ ଯେ ଏହା ଏକ ବିଷୟବସ୍ତୁ ଯାହା ବିକଶିତ ଭାରତର ରୋଡ୍ ମ୍ୟାପ୍ କୁ ନିର୍ଦ୍ଧାରଣ କରେ।

ୱେବିନାର ମାଧ୍ୟମରେ ସିଧାସଳଖ ଆଲୋଚନା କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବିଭିନ୍ନ କ୍ଷେତ୍ର ପାଇଁ ବଜେଟ୍ ବ୍ୟବସ୍ଥା ଏବଂ ଏହାର ପ୍ରଭାବଶାଳୀ କାର୍ଯ୍ୟକାରିତା ଉପରେ ଆଲୋକପାତ କରିବା ସହ ଗତ ୧୦ ବର୍ଷ ମଧ୍ୟରେ ସରକାରଙ୍କ ପ୍ରୟାସ ଉପରେ ମଧ୍ୟ ଆଲୋକପାତ କରିଥିଲେ। ପଢନ୍ତୁ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଆଲୋଚନାର ସମ୍ପାଦିତ ଅଂଶ...

## କୃଷି ଓ ଗ୍ରାମୀଣ ସମୃଦ୍ଧି
### ଭାରତର ବିକାଶର ମାର୍ଗ ପାଲଟିବ

ପିଏମ କିଷାନ ସମ୍ମାନ ନିଧି ଯୋଜନା ବିଷୟରେ ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି ଯେ, ଏହି ଯୋଜନା ୬ ବର୍ଷ ପୂର୍ବରୁ କାର୍ଯ୍ୟକାରୀ କରାଯାଇଥିଲା ।

**₹ 3.75** ଏହି ଯୋଜନା ଅଧୀନରେ ବର୍ତ୍ତମାନ ସୁଦ୍ଧା କୃଷକମାନଙ୍କୁ ଲକ୍ଷ କୋଟି ଟଙ୍କା ପ୍ରଦାନ କରାଯାଇଛି।

ପ୍ରାୟ ୧୧ କୋଟି କୃଷକଙ୍କ ଆକାଉଣ୍ଟକୁ ଏହି ରାଶି ସିଧାସଳଖ ପ୍ରଦାନ କରାଯାଇଛି।



ବଜେଟରେ ପ୍ରଧାନମନ୍ତ୍ରୀ ଧନ ଧାନ୍ୟ କୃଷି ଯୋଜନାର ବ୍ୟବସ୍ଥା ବିଷୟରେ ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ ମୋଦୀ କହିଥିଲେ ଯେ ଏହା ଅଧୀନରେ ଦେଶରେ ସର୍ବନିମ୍ନ କୃଷି ଉତ୍ପାଦକତା ଥିବା

**100** ଟି ଜିଲ୍ଲାର ବିକାଶ ଉପରେ ଗୁରୁତ୍ୱ ଦିଆଯିବ ।

ଏହା ଦ୍ୱାରା ଏହି ୧୦୦ ଟି ଜିଲ୍ଲାର କୃଷକଙ୍କ ଆୟ ବୃଦ୍ଧିରେ ସହାୟକ ହେବ ।

ସରକାରଙ୍କ ପ୍ରୟାସ ଫଳରେ ୧୦ - ୧୧ ବର୍ଷ ପୂର୍ବେ ପ୍ରାୟ ୨୬୫ ନିୟୁତ ଟନ୍ ଥିବା କୃଷି ଉତ୍ପାଦନ ଏବେ ୩୩୦ ନିୟୁତ ଟନ୍କୁ ବୃଦ୍ଧି ପାଇଛି। ଉଦ୍ୟାନ କୃଷି ଉତ୍ପାଦନ ୩୫୦ ନିୟୁତ ଟନରୁ ଅଧିକ ହୋଇଛି । ବିହନ ଠାରୁ ଆରମ୍ଭ କରି ବଜାର ପର୍ଯ୍ୟନ୍ତ, ପ୍ରତ୍ୟେକ ଜିନିଷ ଉପରେ ସରକାରଙ୍କ ବିଚାରଧାରାର ଏହା ହେଉଛି ଫଳ।

ଡାଲି ଉତ୍ପାଦନରେ ଘରୋଇ ବ୍ୟବହାରର ୨୦ ପ୍ରତିଶତ ଏବେ ବି ବିଦେଶ ଉପରେ ନିର୍ଭରଶୀଳ ବୋଲି ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି। ଡାଲି ଉତ୍ପାଦନ ବୃଦ୍ଧି ପାଇଁ କାର୍ଯ୍ୟ କରାଯାଉଛି। ଚଣା ଓ ମୁଗ ଉତ୍ପାଦନରେ ଦେଶ ଆତ୍ମନିର୍ଭରଶୀଳତା ହାସଲ କରିଛି।

- ନୂତନ ପ୍ରଜାତିର ଫସଲର ବିକାଶ ବିଷୟରେ ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି ଯେ ଗତ ଦଶନ୍ଧିରେ ଭାରତୀୟ କୃଷି ଗବେଷଣା ପରିଷଦ (ଆଇସିଏଆର) ଆଧୁନିକ ଉପକରଣ ଏବଂ ଅତ୍ୟାଧୁନିକ ଜ୍ଞାନକୌଶଳ ବ୍ୟବହାର କରିଛି । ଫଳରେ ୨୦୧୪ ରୁ ୨୦୨୪ ମଧ୍ୟରେ ଖାଦ୍ୟଶସ୍ୟ, ତୈଳବୀଜ, ଡାଲି, ଗୋଖାଦ୍ୟ ଓ ଆଖୁ ସମେତ ବିଭିନ୍ନ ଫସଲରେ ୨୯୦୦ ରୁ ଅଧିକ ନୂଆ ପ୍ରଜାତିର ବିକାଶ ହୋଇଛି।
- ସ୍ୱାଧୀନତା ପର ଠାରୁ ମତ୍ସ୍ୟ ଚାଷ କ୍ଷେତ୍ରରେ ସର୍ବବୃହତ ପୁଞ୍ଜିନିବେଶ ପାଇଁ ୨୦୧୯ରେ ଆରମ୍ଭ ହୋଇଥିବା ପିଏମ୍ ମତ୍ସ୍ୟ ସମ୍ପଦ ଯୋଜନା ବିଷୟରେ ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ କହିଥିଲେ ଯେ ଏହା ମତ୍ସ୍ୟ ଚାଷ କ୍ଷେତ୍ରରେ ଉତ୍ପାଦନ, ଉତ୍ପାଦକତା ଏବଂ ପରିଚାଳନାରେ ଉନ୍ନତି ଆଣିବାରେ ସହାୟକ ହୋଇଛି । ଆଜି ଦେଶରେ ମାଛ ଉତ୍ପାଦନ ଓ ରପ୍ତାନି ଦ୍ୱିଗୁଣିତ ହୋଇଛି।

*ଏକ ସମୃଦ୍ଧ ଗ୍ରାମୀଣ ଅର୍ଥନୀତି ଦିଗରେ ଭାରତର ପ୍ରୟାସ ବିଷୟରେ ପ୍ରଧାନମନ୍ତ୍ରୀ ମୋଦୀ କହିଥିଲେ ଯେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା- ଗ୍ରାମୀଣ ଅଧୀନରେ କୋଟି କୋଟି ଗରିବ ଲୋକଙ୍କୁ ଘର ଦିଆଯାଉଛି ଏବଂ ସମ୍ପତ୍ତି ମାଲିକମାନେ ସ୍ୱାମିତ୍ୱ ଯୋଜନା ମାଧ୍ୟମରେ 'ରେକର୍ଡ ଅଫ୍ ରାଇଟ୍ସ' ପାଇଛନ୍ତି। ୩ କୋଟି ଲକ୍ଷପତି ଦିଦି ତିଆରି କରିବାକୁ ଲକ୍ଷ୍ୟ ରଖାଯାଇଛି। ୧ କୋଟି ୨୫ ଲକ୍ଷରୁ ଅଧିକ ଭଉଣୀ ଲକ୍ଷ୍ମୀ ଦିଦି ହୋଇଛନ୍ତି।*



# ନିଯୁକ୍ତି, ଶିକ୍ଷା, ସ୍ୱାସ୍ଥ୍ୟ ଓ ଅର୍ଥନୀତି

*ଉନ୍ନତ ଶିକ୍ଷା, ସୁଦୃଢ଼ ସ୍ୱାସ୍ଥ୍ୟ ବ୍ୟବସ୍ଥା ଏବଂ ନିଯୁକ୍ତି ସୁଯୋଗ ଯେକୌଣସି ଦେଶର ଅର୍ଥନୀତିର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଉପାଦାନ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ଯେ ଆମେ ପୁଞ୍ଜି ନିବେଶରେ ଭିତ୍ତିଭୂମି ଏବଂ ଶିଳ୍ପକୁ ଯେତିକି ପ୍ରାଥମିକତା ଦେଇଛୁ, ଆମେ ନାଗରିକ, ଅର୍ଥନୀତି ଏବଂ ଅଭିନବତାକୁ ସେତିକି ପ୍ରାଥମିକତା ଦେଇଛୁ। ସେ ଏହି ସବୁ କ୍ଷେତ୍ର ସହ ଜଡିତ ପ୍ରତ୍ୟେକ ପ୍ରସଙ୍ଗରେ ନିଜର ବିଚାରଧାରାକୁ ଉପସ୍ଥାପିତ କରିଥିଲେ।*



- ଦକ୍ଷତା ବୃଦ୍ଧି ଏବଂ ପ୍ରତିଭା ସୃଷ୍ଟି ଉପରେ କାର୍ଯ୍ୟ କରାଯାଉଛି । ଏହା ଦେଶର ପ୍ରଗତିର ମୂଳଦୁଆ ଭାବେ କାର୍ଯ୍ୟ କରିଥାଏ।
- ସାଧାରଣ ଜନତାଙ୍କ ପାଇଁ ପୁଞ୍ଜିନିବେଶର ଦୃଷ୍ଟିକୋଣ ତିନୋଟି ସ୍ତମ୍ଭ, ଯଥା - ଶିକ୍ଷା, ଦକ୍ଷତା ଏବଂ ସ୍ୱାସ୍ଥ୍ୟସେବା ଉପରେ ରହିଛି !
- ଜାତୀୟ ଶିକ୍ଷା ନୀତି, ଆଇଆଇଟିର ସମ୍ପ୍ରସାରଣ, ଶିକ୍ଷା ବ୍ୟବସ୍ଥାରେ ବୈଷୟିକ ଜ୍ଞାନକୌଶଳର ସମନ୍ୱୟ, କୃତ୍ରିମ ବୁଦ୍ଧିମତାକୁ ଏହାର ସମ୍ପୂର୍ଣ୍ଣ ସାମର୍ଥ୍ୟକୁ ଉପଯୋଗ କରି ବ୍ୟବହାର କରାଯାଉଛି, ପାଠ୍ୟପୁସ୍ତକକୁ ଡିଜିଟାଇଜ୍ କରାଯାଉଛି, ୨୨ଟି ଭାରତୀୟ ଭାଷାରେ ଶିକ୍ଷାଦାନ ସାମଗ୍ରୀ ଯୋଗାଇବା ପାଇଁ ମିଶନ ମୋଡରେ କାର୍ଯ୍ୟ ଚାଲିଛି ।

**୨୦୧୪ ରୁ କେନ୍ଦ୍ର ସରକାର 3 କୋଟିରୁ ଅଧିକ ଯୁବକଙ୍କୁ ଦକ୍ଷତା ପ୍ରଶିକ୍ଷଣ ଦେଇଛନ୍ତି।**

- ୧ ହଜାର ଆଇଟିଆଇର ଉନ୍ନତିକରଣ ଏବଂ ୫ଟି ଉତ୍କର୍ଷ କେନ୍ଦ୍ର ସୃଷ୍ଟି କରିବାକୁ ନିଷ୍ପତ୍ତି ନିଆଯାଇଥିଲା।
- ସରକାରଙ୍କ ଲକ୍ଷ୍ୟ ହେଉଛି ଯୁବକମାନଙ୍କୁ ଏପରି ପ୍ରଶିକ୍ଷଣ ଦିଆଯିବା ଉଚିତ. ଯାହା ଦ୍ୱାରା ସେମାନେ ଶିଳ୍ପର ଆବଶ୍ୟକତା ପୂରଣ କରିପାରିବେ ।
- ଯୁବବର୍ଗଙ୍କୁ ନୂତନ ସୁଯୋଗ ଏବଂ ବ୍ୟବହାରିକ ଦକ୍ଷତା ପ୍ରଦାନ କରିବା ପାଇଁ ପିଏମ ଇଣ୍ଟର୍ଣ୍ଣସିପ୍ ଯୋଜନା ଆରମ୍ଭ କରାଯାଇଛି ।
- ୧୦,୦୦୦ ଅତିରିକ୍ତ ମେଡିକାଲ ସିଟ୍ ଘୋଷଣା। ଆସନ୍ତା ୫ ବର୍ଷ ମଧ୍ୟରେ ମେଡିକାଲ କଲେଜ ଗୁଡ଼ିକରେ ୭୫ ହଜାର ସିଟ୍ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖାଯାଇଛି। ସମସ୍ତ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଟେଲିମେଡିସିନ୍ ସୁବିଧାର ସମ୍ପ୍ରସାରଣ ।
- ଡେ-କେୟାର କର୍କଟ କେନ୍ଦ୍ର - ଡିଜିଟାଲ ସ୍ୱାସ୍ଥ୍ୟସେବା ମାଧ୍ୟମରେ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଶେଷ ମାଇଲ୍ ପର୍ଯ୍ୟନ୍ତ ପହଞ୍ଚାଇବା ପାଇଁ କାର୍ଯ୍ୟ କରାଯାଉଛି ।



- ୨୦୪୭ ସୁଦ୍ଧା ଭାରତର ସହରାଞ୍ଚଳ ଜନସଂଖ୍ୟା ପ୍ରାୟ ୯୦ କୋଟି ହେବ ବୋଲି ଆକଳନ କରାଯାଇଛି । ଏହି ବିଶାଳ ଜନସଂଖ୍ୟା ପାଇଁ ଯୋଜନାବଦ୍ଧ ସହରୀକରଣର ଆବଶ୍ୟକତା ରହିଛି । ଏଥିପାଇଁ ୧ ଲକ୍ଷ କୋଟି ଟଙ୍କାର ଅର୍ବାନ ଚ୍ୟାଲେଞ୍ଜ ପାଣ୍ଠି ଗଠନ ପାଇଁ ପଦକ୍ଷେପ ନିଆଯାଇଛି।
- ପର୍ଯ୍ୟଟନ କ୍ଷେତ୍ର ଜିଡିପିରେ ୧୦% ପର୍ଯ୍ୟନ୍ତ ଯୋଗଦାନ କରିବ ବୋଲି ଆଶା କରାଯାଉଛି । ଏହି କ୍ଷେତ୍ରରେ କୋଟି କୋଟି ଯୁବକଯୁବତୀଙ୍କ ନିଯୁକ୍ତି ଦେବାର ସମ୍ଭାବନା ରହିଛି। ତେଣୁ ଚଳିତ ବଜେଟରେ ଘରୋଇ ଓ ଅନ୍ତର୍ଜାତୀୟ ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବା ପାଇଁ ଅନେକ ନିଷ୍ପତ୍ତି ନିଆଯାଇଛି।

**50 ପର୍ଯ୍ୟଟନକୁ ଗୁରୁତ୍ୱ ଦେଇ ସାରା ଦେଶରେ ୫୦ଟି ପର୍ଯ୍ୟଟନସ୍ଥଳୀ ସ୍ଥାନର ବିକାଶ କରାଯିବ । ଏହି ସବୁ ସ୍ଥାନରେ ହୋଟେଲଗୁଡ଼ିକୁ ଭିତ୍ତିଭୂମି ମାନ୍ୟତା ପ୍ରଦାନ କଲେ ପର୍ଯ୍ୟଟନର ମାର୍ଗ ସହଜ ହେବା ସହ ସ୍ଥାନୀୟ ନିଯୁକ୍ତି ବୃଦ୍ଧି ପାଇବ।**

- 'ହିଲ୍ ଇନ୍ ଇଣ୍ଡିଆ' ଏବଂ 'ଲ୍ୟାଣ୍ଡ ଅଫ୍ ବୁଦ୍ଧ' ଅଭିଯାନ ମାଧ୍ୟମରେ ସମଗ୍ର ବିଶ୍ୱରୁ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରାଯାଉଛି।
- ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଭାରତର ଅର୍ଥନୀତିରେ ଅନେକ ଲକ୍ଷ କୋଟି ଟଙ୍କା ଯୋଡ଼ିପାରିବ । ତେଣୁ କୃତ୍ରିମ ବୁଦ୍ଧିମତା ଭିତ୍ତିକ ଶିକ୍ଷା ଓ ଗବେଷଣା ପାଇଁ ବଜେଟରେ ୫ ହଜାର କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି।
- ଭାରତ ଏଆଇ ଦକ୍ଷତା ବିକାଶ ପାଇଁ ଜାତୀୟ ବୃହତ ଭାଷା ମଡେଲ ମଧ୍ୟ ସ୍ଥାପନ କରିବ ।
- ଭାରତ ବର୍ତ୍ତମାନ ବିଶ୍ୱର ତୃତୀୟ ବୃହତ୍ତମ ଷ୍ଟାର୍ଟଅପ୍ ଇକୋସିଷ୍ଟମ୍ ଅଟେ । ଗବେଷଣା ଓ ଉଦ୍ଭାବନ ବୃଦ୍ଧି ପାଇଁ ୧ ଲକ୍ଷ କୋଟି ଟଙ୍କାର କର୍ପସ ପାଣ୍ଠି ମଞ୍ଜୁର କରାଯାଇଛି।
- ଆଇଆଇଟି ଏବଂ ଆଇଆଇଏସସିରେ ୧୦ ହଜାର ରିସର୍ଚ୍ଚ ଫେଲୋସିପ୍ ର ବ୍ୟବସ୍ଥା କରାଯାଇଛି । ଏହା ଦ୍ୱାରା ଗବେଷଣାକୁ ପ୍ରୋତ୍ସାହନ ମିଳିବ, ପ୍ରତିଭାବାନ ଯୁବକ ଯୁବତୀମାନେ ସୁଯୋଗ ପାଇବେ ।

# ଏମଏସଏମଇ ହେଉଛି ଅର୍ଥନୀତିର ଅଭିବୃଦ୍ଧି ଇଞ୍ଜିନ

***ଉତ୍ପାଦନ, ରପ୍ତାନି, ପରମାଣୁ ଶକ୍ତି ମିଶନ, ନିୟାମକ, ନିବେଶ ଏବଂ ବ୍ୟବସାୟ କରିବାର ସହଜତା ଉପରେ ଆୟୋଜିତ ୱେବିନାରରେ ପ୍ରଧାନମନ୍ତ୍ରୀ ମୋଦୀ ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ (ଏମଏସଏମଇ)କୁ ଦେଶର ଅର୍ଥନୀତିର ଅଭିବୃଦ୍ଧିର ଇଞ୍ଜିନ୍ ବୋଲି ବର୍ଣ୍ଣନା କରିବା ସହ ଗତ ୧୦ ବର୍ଷ ମଧ୍ୟରେ ଏହି କ୍ଷେତ୍ର ପାଇଁ କେନ୍ଦ୍ର ସରକାରଙ୍କ ପ୍ରୟାସକୁ ଦୋହରାଇଛନ୍ତି। ନୂତନ ବଜେଟ୍ ବ୍ୟବସ୍ଥା ସହିତ ଏହି କ୍ଷେତ୍ରକୁ ଆହୁରି ସୁଦୃଢ଼ କରିବାକୁ ସେ ନିଜର ସଂକଳ୍ପ ମଧ୍ୟ ପ୍ରକାଶ କରିଥିଲେ ।***





ପ୍ରଧାନମନ୍ତ୍ରୀ ମୋଦୀ ସାହସିକ ପଦକ୍ଷେପ ନେବାକୁ ଏବଂ ଦେଶ ପାଇଁ ଉତ୍ପାଦନ ଏବଂ ରପ୍ତାନିର ନୂତନ ମାର୍ଗ ଖୋଲିବାକୁ ଶିଳ୍ପକୁ ଉତ୍ସାହିତ କରିଛନ୍ତି।

ଆୟକର ପାଇଁ ସରକାର ସରଳ ବ୍ୟବସ୍ଥା ପ୍ରଣୟନ କରିଛନ୍ତି ଏବଂ ଜନ ବିଶ୍ୱାସ ୨.୦ ବିଲ୍ ଉପରେ କାମ ଚାଲୁ ରହିଛି।

**ଉଭୟ କେନ୍ଦ୍ର ଓ ରାଜ୍ୟ ସ୍ତରରେ**

**40,000**

**ରୁ ଅଧିକ ଅନୁପାଳନ କୁ ହଟାଇ ଦିଆଯାଇ ଥିବାରୁ ବ୍ୟବସାୟ କରିବା ସହଜ ହୋଇଥିଲା।**

ଅଣ-ଆର୍ଥିକ କ୍ଷେତ୍ରରେ ନିୟମଗୁଡ଼ିକୁ ଆଧୁନିକ, ନମନୀୟ, ଲୋକାଭିମୁଖୀ ଏବଂ ବିଶ୍ୱାସ ଭିତ୍ତିକ କରିବା ପାଇଁ ଏହାର ସମୀକ୍ଷା ନିମନ୍ତେ ଏକ କମିଟି ଗଠନ କରାଯାଇଛି।

- କୋଭିଡ୍ ମହାମାରୀ ସମୟରେ ଯେତେବେଳେ ବିଶ୍ୱ ଅର୍ଥନୀତି ମନ୍ଥର ହୋଇଯାଇଥିଲା, ସେତେବେଳେ ଭାରତ ବିଶ୍ୱ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିଥିଲା।
- ବର୍ତ୍ତମାନ ୧୪ଟି କ୍ଷେତ୍ର ଉତ୍ପାଦନ ସଂଯୁକ୍ତ ପ୍ରୋତ୍ସାହନ (ପିଏଲ୍ଆଇ) ଯୋଜନାରେ ଉପକୃତ ହେଉଛନ୍ତି। ଏହି ଯୋଜନାରେ ୭୫୦ରୁ ଅଧିକ ୟୁନିଟ୍ ମଞ୍ଜୁର କରାଯାଇଛି।
- ଏହା ଦ୍ୱାରା ୧.୫ ଲକ୍ଷ କୋଟି ଟଙ୍କାରୁ ଅଧିକ ପୁଞ୍ଜିନିବେଶ ହୋଇଛି, ୧୩ ଲକ୍ଷ କୋଟି ରୁ ଅଧିକ ଉତ୍ପାଦନ ହୋଇଛି ଏବଂ ୫ ଲକ୍ଷ କୋଟି ଟଙ୍କାରୁ ଅଧିକ ରପ୍ତାନି ହୋଇଛି ।



- ୨୦୨୦ ମସିହାରେ ସରକାର ୧୪ ବର୍ଷ ପରେ ଏମଏସଏମଇର ସଂଜ୍ଞା ସଂଶୋଧନ କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଥିଲେ, ଯାହା ଦ୍ୱାରା ଏମଏସଏମଇ ଗୁଡିକର ଶଙ୍କା ଶେଷ ହୋଇଥିଲା ଯେ ସେମାନେ ନୂତନ କ୍ଷେତ୍ରରେ ପ୍ରବେଶ କରିବା ଦ୍ୱାରା ସରକାରୀ ସୁବିଧା ହରାଇବେ।



**ଦେଶରେ ଏମଏସଏମଇ ସଂଖ୍ୟା ୬ କୋଟିରୁ ଅଧିକ କୁ ବୃଦ୍ଧି ପାଇଛି, ଯାହା କୋଟି କୋଟି ଲୋକଙ୍କୁ ନିଯୁକ୍ତି ସୁଯୋଗ ପ୍ରଦାନ କରିଛି ।**

- ୧୦ ବର୍ଷ ତଳେ ଏମ୍ଏସ୍ଏମ୍ଇଗୁଡ଼ିକ ପ୍ରାୟ ୧୨ ଲକ୍ଷ କୋଟି ଟଙ୍କାର ଋଣ ପାଉଥିଲେ, ଯାହା ଏବେ ପ୍ରାୟ ୩୦ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି ପାଇଛି।
- ବଜେଟରେ ଏମଏସଏମଇ ଋଣ ପାଇଁ ଗ୍ୟାରେଣ୍ଟି କଭରକୁ ଦୁଇଗୁଣ କରି ୨୦ କୋଟି ଟଙ୍କା କରାଯାଇଛି ।
- କାର୍ଯ୍ୟକାରୀ ପୁଞ୍ଜି ଆବଶ୍ୟକତାକୁ ପୂରଣ କରିବା ପାଇଁ ୫ ଲକ୍ଷ ଟଙ୍କା ସୀମା ବିଶିଷ୍ଟ କଷ୍ଟମାଇଜ୍ଡ କ୍ରେଡିଟ୍ କାର୍ଡ ପ୍ରଦାନ କରାଯିବ।
- ବିନା ଗ୍ୟାରେଣ୍ଟିରେ ଋଣ ପ୍ରଦାନ କରୁଥିବା ପିଏମ୍ ମୁଦ୍ରା ଭଳି ଯୋଜନା ମଧ୍ୟ ଗତ ୧୦ ବର୍ଷ ମଧ୍ୟରେ କ୍ଷୁଦ୍ର ଶିଳ୍ପଗୁଡ଼ିକୁ ସମର୍ଥନ କରିଛି।

**ମହିଳା, ଅନୁସୂଚିତ ଜାତି (ଏସସି) ଓ ଅନୁସୂଚିତ ଜନଜାତି (ଏସଟି) ସମ୍ପ୍ରଦାୟର**

**5** **ଲକ୍ଷ ପ୍ରଥମ ଥର ଉଦ୍ୟୋଗୀଙ୍କୁ ୨ କୋଟି ଟଙ୍କାର ଋଣ ମିଳିବ।**



**ପ୍ରଚ୍ଛଦ ପ୍ରସଙ୍ଗ**

**ମୁଦ୍ରା ଯୋଜନାର ଏକ ଦଶନ୍ଧି**






# 'ମୁଦ୍ରା'ରୁ ବାହାରୁଥିବା ଉଦ୍ୟୋଗର ଅମୃତ ଧରା



*ଏକ ଦଶନ୍ଧି ପୂର୍ବେ ଆରମ୍ଭ ହୋଇଥିବା ମୁଦ୍ରା ଯୋଜନାରେ ୫୨ କୋଟିରୁ ଅଧିକ ଋଣ ମଞ୍ଜୁର ହୋଇଛି ଏବଂ ୩୩ ଲକ୍ଷ କୋଟିରୁ ଅଧିକ ଟଙ୍କା ବିତରଣ କରାଯାଇଛି, ଯାହା ଯୁବବର୍ଗ, ମହିଳା, ଅବହେଳିତ ଏବଂ ପଛୁଆ ଗୋଷ୍ଠୀମାନଙ୍କୁ ଉଦ୍ୟୋଗୀ ହେବାର ସୁଯୋଗ ପ୍ରଦାନ କରିଛି। ମୁଦ୍ରା ଯୋଜନା ହେଉଛି ସେମାନଙ୍କର ଉଦ୍ୟୋଗୀ କ୍ଷମତା ଉପରେ ରଖାଯାଇଥିବା ବିଶ୍ୱାସର କାହାଣୀ ଯେଉଁଗୁଡ଼ିକ ପୂର୍ବରୁ ଦୁର୍ବଳ ଥିଲା। କେନ୍ଦ୍ର ସରକାରଙ୍କ ଏହି ପରିବର୍ତ୍ତନମୂଳକ ପଦକ୍ଷେପ ଲୋକଙ୍କୁ ଦଲାଲଙ୍କ କବଳରୁ ମୁକ୍ତ କରିବା ସହ ଆର୍ଥିକ ସମ୍ବଳରେ ସଶକ୍ତ କରିଛି ଏବଂ ଆର୍ଥିକ ଓ ସାମାଜିକ ସ୍ତରରେ ସୁଦୃଢ଼ କରିଛି। ଏହା ଏବେ ବିକଶିତ ଭାରତର ସ୍ୱପ୍ନକୁ ସାକାର କରିବା ପାଇଁ ଏକ ମଜଭୁତ ଭିତ୍ତିଭୂମି ସ୍ଥାପନ କରୁଛି ...*






## ବିନିତାଙ୍କ ସ୍ୱପ୍ନକୁ ଉଡାଣ ଦେଲା ମୁଦ୍ରା ଯୋଜନା

*ବିନିତା ଦେବନାଥ ସେହି ମହିଳାମାନଙ୍କ ମଧ୍ୟରୁ ଅନ୍ୟତମ ଯିଏ ଆଗକୁ ବଢ଼ିବାର ସ୍ୱପ୍ନ ଦେଖିଥିଲେ, କିନ୍ତୁ ଆର୍ଥିକ ସହାୟତା ବିନା ଏହି ସ୍ୱପ୍ନକୁ ପୂରଣ କରିବା ପାଇଁ କୌଣସି ଉପାୟ ନଥିଲା । ରେଶମ*



*ଉତ୍ପାଦନ ବିଷୟରେ ଭଲ ଜ୍ଞାନ ଥିବାରୁ ବିନିତା ଏହି କ୍ଷେତ୍ରରେ ନିଜେ କିଛି କରିବାକୁ ଚାହୁଁଥିଲେ। ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନା ବିଷୟରେ ସେ ଟେଲିଭିଜନରୁ ଜାଣିବାକୁ ପାଇଥିଲେ। ସେ ବ୍ୟାଙ୍କର ଦ୍ୱାରସ୍ଥ ହୋଇ ପିଏମଏମୱାଇ ଅଧୀନରେ ଅସୁବିଧାମୁକ୍ତ ଋଣ ପାଇଥିଲେ । ବିନିତା ମୁଦ୍ରା ଯୋଜନାରୁ ୧.୯୯ ଲକ୍ଷ ଟଙ୍କା ଋଣ ନେଇ ବ୍ୟବସାୟ ଆରମ୍ଭ କରିଥିଲେ। ବ୍ୟବସାୟ ବଢ଼ିବା ପରେ ସେ ପୁଣି ଥରେ ୪ ଲକ୍ଷ ଟଙ୍କାର ଋଣ ପାଇଁ ଆବେଦନ କରିଥିଲେ। ଏହାପରେ ସେ ନିଜ କାମକୁ ପୁଣି ଥରେ ପ୍ରତିଷ୍ଠା କରିଥିଲେ। ଆଜି ବିନିତା ଆସାମର ପରିଚୟ ମେଖଳା ଏବଂ ରିଆ -ସାଦୋର ରେଶମ ଶାଢ଼ିର ଉତ୍ପାଦନ ଓ ବ୍ୟବସାୟ କରି ନିଜକୁ ଜଣେ ସଫଳ ଉଦ୍ୟୋଗୀ ଭାବେ ପ୍ରତିଷ୍ଠିତ କରିପାରିଛନ୍ତି।*

## ଦୈନିକ ମଜୁରିଆରୁ ଅଟା ମିଲ୍ ମାଲିକ

*ତାମିଲନାଡୁର ବାସିନ୍ଦା ସରସ୍ୱତୀ ଏକ ଅଟା ମିଲରେ ଦିନ ମଜୁରିଆ ଭାବେ କାମ କରୁଥିଲେ। ସେ ନିଜର ଅଟା ମିଲ୍ ସ୍ଥାପନ କରିବାର ସ୍ୱପ୍ନ ଦେଖିଥିଲେ। କିନ୍ତୁ ପାଣ୍ଠି ଅଭାବରୁ ସେ ନିଜର ବ୍ୟବସାୟ*




*ପ୍ରତିଷ୍ଠା କରିପାରିନଥିଲେ। ଓବିସି ସମ୍ପ୍ରଦାୟର ସରସ୍ୱତୀ ୨୦୨୨ରେ ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନା ବିଷୟରେ ଜାଣିବାକୁ ପାଇଥିଲେ। ସରସ୍ୱତୀ ନିଜର ଅଟା କଳ ସ୍ଥାପନ ପାଇଁ କେତେ ଖର୍ଚ୍ଚ ହେବ, ସେ ବିଷୟରେ ପଚାରି ବୁଝିଥିଲେ, ଯେଉଁଥିପାଇଁ ୫ ଲକ୍ଷ ଟଙ୍କାରୁ କମ୍ ଖର୍ଚ୍ଚ ହୋଇଥିଲା। ସରସ୍ୱତୀ ଇଣ୍ଡିଆନ୍ ବ୍ୟାଙ୍କର ରେଡ୍ ହିଲ୍ସ ଶାଖାରେ ଆବେଦନ କରି ୪.୮୬ ଲକ୍ଷ ଟଙ୍କାର ଋଣ ପାଇଥିଲେ। ଏବେ ସେ ଚାକିରିଆ କିମ୍ବା ଦିନ ମଜୁରିଆ ନୁହଁନ୍ତି ବରଂ ଜଣେ ନିଯୁକ୍ତିଦାତା । ସେ ତାଙ୍କ ଥିରୁନାଭୁକ୍କରାସୁ ଅଟା ମିଲରେ ୪ ଜଣଙ୍କୁ ନିଯୁକ୍ତି ଦେଇଛନ୍ତି।*







ଏଠାରେ ଏଭଳି ଲକ୍ଷ ଲକ୍ଷ କାହାଣୀ ଅଛି ଯାହା ଭାରତରେ ଉଦ୍ୟୋଗର ସମଗ୍ର ଦୃଶ୍ୟକୁ ବଦଳାଇ ଦେଇଛି, ଯାହା ଦର୍ଶାଉଛି ଯେ ମୁଦ୍ରା କିପରି ଗରିବ ଶ୍ରମିକଙ୍କ ଅର୍ଥନୈତିକ ଉନ୍ନତି ଉଦ୍ଦେଶ୍ୟରେ ଏକ ଦେଶବ୍ୟାପୀ ଆନ୍ଦୋଳନରେ ପରିଣତ ହୋଇଛି । ଏହି ଦୃଷ୍ଟିକୋଣକୁ ସମର୍ଥନ କରିବା ପାଇଁ କେନ୍ଦ୍ର ସରକାର ଏକ ନୂତନ ଅର୍ଥନୈତିକ ଢାଞ୍ଚା ପ୍ରତିଷ୍ଠା କରିଛନ୍ତି ଯାହା ଏହାର ପାରମ୍ପରିକ ଶାସନ ବାହାରେ ବିସ୍ତାରିତ ହୋଇଛି, ଯାହା ଶିକ୍ଷିତ ଯୁବକଙ୍କ ସମେତ ଆକାଂକ୍ଷୀ ଉଦ୍ୟୋଗୀ ସୃଷ୍ଟି କରିବା




**ମଞ୍ଜୁର ହୋଇଥିବା ମୁଦ୍ରା ଋଣ ରାଶି**

| | |
|---|---|
| ଶିଶୁ ବର୍ଗ | 11,68,019+ |
| କିଶୋର ବର୍ଗ | 13,39,994+ |
| ତରୁଣ ବର୍ଗ | 8,08,541+ |
| ତରୁଣ + ବର୍ଗ | 2,818 |

* ସଂଖ୍ୟାଗୁଡ଼ିକ କୋଟି ଟଙ୍କାରେ

*The figures are till 28 February 2025.*

ଏବଂ ସେମାନଙ୍କ ସ୍ୱପ୍ନକୁ ସାକାର କରିବାରେ ସାହାଯ୍ୟ କରିବା ପାଇଁ ପ୍ରସ୍ତୁତ କରାଯାଇଛି ।

ସାମଗ୍ରିକ ବିକାଶ ଏବଂ ଅତ୍ୟଧିକ ଅବହେଳିତ ଲୋକଙ୍କ ପାଖରେ ପହଂଚିବା ଉପରେ ଗୁରୁତ୍ୱ ଦେଇ କେନ୍ଦ୍ର ସରକାର 'ଅନ୍ତ୍ୟୋଦୟ'ର ନୀତି ପ୍ରତି ସମର୍ପିତ- ଶେଷ ବ୍ୟକ୍ତିର ଉତ୍ଥାନ । 'ସର୍ବଜନ ହିତାୟ, ସର୍ବଜନ ସୁଖାୟ' ର ବ୍ୟାପକ ଲକ୍ଷ୍ୟ ହାସଲ କରିବା ପାଇଁ ସରକାର ମୁଦ୍ରା ମାଧ୍ୟମରେ ବ୍ୟକ୍ତିବିଶେଷଙ୍କୁ ସଶକ୍ତ କରିଛନ୍ତି ଏବଂ ସେମାନଙ୍କୁ ଦେଶର ବିକାଶରେ ସକ୍ରିୟ ଅଂଶୀଦାର ଭାବେ ସାମିଲ କରିଛନ୍ତି। ଚଳିତ ବର୍ଷ ସାମାଜିକ ନ୍ୟାୟ ଓ ସମ୍ବିଧାନର ନିର୍ମାତା ବାବାସାହେବ ଭୀମରାଓ ଆମ୍ବେଦକରଙ୍କ ୧୩୫ତମ ଜୟନ୍ତୀ ଅବସରରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ପାଳନ କରାଯାଉଛି। କ୍ଷୁଦ୍ର ବ୍ୟବସାୟୀଙ୍କ ପାଇଁ ଏକ ପ୍ରମୁଖ ସହାୟତା ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନା ଏପ୍ରିଲ ୮ ରେ ଏହାର ଦଶମ ବାର୍ଷିକୀ ପାଳନ କରିବ ।


ସାମାଜିକ ଅନ୍ୟାୟକୁ ଶେଷ କରିବା ପାଇଁ ଆଧୁନିକୀକରଣ ଉପରେ ଗୁରୁତ୍ୱ ଦେବା ଡ. ଆମ୍ବେଦକରଙ୍କ ଦୂରଦୃଷ୍ଟିସମ୍ପନ୍ନ ଚିନ୍ତାଧାରାର ପରିଣାମ ଥିଲା । ସମାଜ ପ୍ରତି ତାଙ୍କର ଦୃଷ୍ଟିକୋଣ ଏପରି ଥିଲା ଯେ ସହରୀକରଣ ଓ ଶିଳ୍ପାୟନ ନ୍ୟାୟପୂର୍ଣ୍ଣ ଢଙ୍ଗରେ ଏକା ସହିତ କରାଯାଇପାରିବ । ଦକ୍ଷତା ଏବଂ ସମାନ ସୁଯୋଗ ଆଧାରରେ ଏକ ଶିଳ୍ପ ସଭ୍ୟତା ସ୍ୱାଭାବିକ ଭାବରେ ବିକଶିତ ହୁଏ । ସରକାରୀ କ୍ଷେତ୍ରରେ ସୁଯୋଗର ଅଭାବ ଦେଖି ଦଳିତ ଓ ପଛୁଆ ବର୍ଗଙ୍କ ସମେତ ସମସ୍ତ ବର୍ଗ ବ୍ୟବସାୟ କ୍ଷେତ୍ରରେ ସମ୍ଭାବନା ଖୋଜିବା ଆରମ୍ଭ କରିଛନ୍ତି, ଯେଉଁଥିରେ ନୂତନ ଉଦ୍ୟୋଗ ମଧ୍ୟ ସାମିଲ ଅଛି ଏବଂ କେନ୍ଦ୍ର ସରକାର ସେମାନଙ୍କୁ ମୁଦ୍ରା ଯୋଜନା ମାଧ୍ୟମରେ ଏକ ନୂତନ ସୁଯୋଗ ଦେଇଛନ୍ତି ।

> **କ୍ଷୁଦ୍ର ବ୍ୟବସାୟ କରୁଥିବା ଏହି ଦେଶର ଲକ୍ଷ ଲକ୍ଷ ସାଧାରଣ ପୁରୁଷ ଓ ମହିଳା ଅର୍ଥନୀତିରେ ସେମାନଙ୍କର ବିପୁଳ ଅବଦାନ ସତ୍ତ୍ୱେ ଆନୁଷ୍ଠାନିକ ସଂସ୍ଥାଗତ ଆର୍ଥିକ ପରିସର ବାହାରେ ରହିଛନ୍ତି। ଗରିବ ଲୋକଙ୍କୁ ଅର୍ଥ ଯୋଗାଇବା ପାଇଁ ମୁଦ୍ରା ହେଉଛି ଆମର ଉଦ୍ଭାବନ ।**
>
> **ନରେନ୍ଦ୍ର ମୋଦୀ, ପ୍ରଧାନମନ୍ତ୍ରୀ**

ଦୀର୍ଘ ଦିନ ଧରି ବିଶ୍ୱାସ ରହି ଆସିଛି ଯେ ବୃହତ୍ ଶିଳ୍ପ ହେଉଛି ନିଯୁକ୍ତିର ପ୍ରାଥମିକ ଉତ୍ସ । ତେବେ ସତ କଥା ହେଉଛି ଏହି ବଡ଼ ଶିଳ୍ପରେ ମାତ୍ର ୧.୨୫ କୋଟି ନିଯୁକ୍ତି ରହିଛି।  ଭାରତର କୋଟି କୋଟି ଲୋକ କ୍ଷୁଦ୍ର ବ୍ୟବସାୟ କ୍ଷେତ୍ରରେ ନିୟୋଜିତ ଅଛନ୍ତିଏବଂ ଏହି କ୍ଷେତ୍ର ୧୨ କୋଟିରୁ ଅଧିକ ଲୋକଙ୍କୁ କର୍ମସଂସ୍ଥାନ ଯୋଗାଇ

## ପି.ଏମ. ମୁଦ୍ରା ଯୋଜନା ଅଧୀନରେ ବର୍ଷୱାରୀ ମଂଜୁର ଅର୍ଥ

- **35.19** କୋଟି ମହିଳା ଜମାଖାତା
- **25.97** କୋଟି ଏସସି, ଏସଟି, ଓ.ବି.ସି. ଜମାଖାତା
- **10.67** କୋଟି ନୂତନ ଉଦ୍ୟୋଗୀ ଜମାଖାତା




ଦ୍ରଷ୍ଟବ୍ୟ: ୨୦୨୪-୨୫ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ପ୍ରଦତ୍ତ ହିସାବ ଫେବୃଆରୀ ୨୮ ତାରିଖ ପର୍ଯ୍ୟନ୍ତ ହିସାବ କରାଯାଇଛି ।

ଆସୁଛି ଏବଂ ସ୍ୱଳ୍ପ ସହାୟତା ମିଳିଲେ ଏହି କ୍ଷୁଦ୍ର ବ୍ୟବସାୟୀମାନେ ଅର୍ଥନୀତି ଉପରେ ବ୍ୟାପକ ପ୍ରଭାବ ପକାଇ ପାରିବେ । ଏହି ଚିନ୍ତାଧାରା ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନାକୁ ଯଥେଷ୍ଟ ପ୍ରୋତ୍ସାହନ ଯୋଗାଇଛି । ଆଜି କେନ୍ଦ୍ର ସରକାର କ୍ଷୁଦ୍ର ଉଦ୍ୟୋଗୀମାନଙ୍କୁ ସଶକ୍ତ କରିବା ଉପରେ ଅଧିକ ଗୁରୁତ୍ୱ ଆରୋପ କରୁଛନ୍ତି ଯାହାକି ଦେଶର ଆର୍ଥିକ ଭିତ୍ତିଭୂମିକୁ ସୁରକ୍ଷିତ ରଖି ପାରିବ । ମୁଦ୍ରା ଯୋଜନା ଏକ ପ୍ଲାଟଫର୍ମ ଭଳି କାର୍ଯ୍ୟ କରୁଛି ଯାହା କ୍ଷୁଦ୍ର ଆର୍ଥିକ ବ୍ୟବସ୍ଥାକୁ ସକ୍ରିୟ ଭାବରେ କାର୍ଯ୍ୟକ୍ଷମ ହେବାରେ ସହାୟକ ହୋଇଛି ଏବଂ କ୍ଷୁଦ୍ର ବ୍ୟବସାୟର ବିକାଶରେ ମଧ୍ୟ ସକାରାତ୍ମକ ଯୋଗଦାନ ଯୋଗାଇ ଆସୁଛି ।

ବାସ୍ତବ ପକ୍ଷେ, ଦେଶର ଅର୍ଥନୀତିକୁ ଏକ ପିରାମିଡ ସହିତ ତୁଳନା କରାଯାଇପାରେ ଯେଉଁଠାରେ ପ୍ରତ୍ୟେକ ବ୍ୟକ୍ତି ଆଗକୁ ବଢ଼ିବା ସକାଶେ ପ୍ରୟାସରତ । ଏହାର ଶୀର୍ଷରେ ସମାଜର ସ୍ୱଚ୍ଛଳବର୍ଗଙ୍କ ନିମନ୍ତେ ବିପୁଳ ସଂପଦ ମହଜୁତ ରହିଛି, କିନ୍ତୁ ନିମ୍ନ ଭାଗରେ ବସବାସ କରୁଥିବା ଲୋକମାନେ ସାମାଜିକ ସମର୍ଥନ ପାଇପାରୁ ନାହାନ୍ତି । ଏହି ସ୍ତରର ପ୍ରାୟ ୫.୫ କୋଟି କ୍ଷୁଦ୍ର ୟୁନିଟ୍ ଯଥା କ୍ଷୁଦ୍ର ବ୍ୟବସାୟୀ, ପନିପରିବା ବିକାଳୀ ଅଛନ୍ତି ଯେଉଁମାନେ ସେମାନଙ୍କ ବ୍ୟବସାୟ କାରବାର ଚଳାଇ ରଖିବା ସକାଶେ ସାହୁକାରମାନଙ୍କଠାରୁ ଚଢ଼ା ସୁଧ ହାରରେ କରଜ ନେବା ଉପରେ ଅଧିକ ମାତ୍ରାରେ ନିର୍ଭରଶୀଳ ରହିଆସିଛନ୍ତି । ଏହିଭଳି କରଜ ଉପରେ ସେମାନଙ୍କୁ ପ୍ରାୟ ୨୪ରୁ ୩୬ ପ୍ରତିଶତ ପର୍ଯ୍ୟନ୍ତ ସୁଧ ଦେବାକୁ ପଡ଼ିଥାଏ । ତୃଣମୂଳ ସ୍ତରରେ ଯଦିଓ ବ୍ୟାଙ୍କମାନ ରହିଛି, ସେମାନେ ଏହିସବୁ କ୍ଷୁଦ୍ର ବ୍ୟବସାୟୀଙ୍କ ଉପରେ ଆଦୌ ଆସ୍ଥା ସ୍ଥାପନ କରିପାରୁ ନଥିଲେ ଏବଂ ସେମାନଙ୍କ ଋଣ ଦେବାଲାଗି ସିଧାସଳଖ ମନାକରି ଦେଉଥିଲେ । ଏହି ଘଟଣା ସମସ୍ତଙ୍କ ମନରେ ଗୋଟିଏ

**ମୋଟ ଋଣ ପ୍ରଦାନ ସଂଖ୍ୟା**
**52.07**
**କୋଟି**

**ପ୍ରଦତ୍ତ ଋଣ ରାଶିର ପରିମାଣ**
**₹ 33.19**
**ଲକ୍ଷ କୋଟି ଟଙ୍କା**

- **୨୦୨୨-୨୩ ଆର୍ଥିକ ବର୍ଷ ନିମନ୍ତେ ମୋଟ ଋଣ ରାଶିର ୭୧% ମହିଳା ଜମାଖାତାଧାରୀଙ୍କୁ ପ୍ରଦାନ କରାଯାଇଥିଲା । ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନା ଅଧୀନରେ ସେମାନଙ୍କୁ ମୋଟ ମଂଜୁର ରାଶିର ୪୮% ଅର୍ଥ ଯୋଗାଇ ଦିଆଯାଇଛି ।**
- **ସେଥି ମଧ୍ୟରୁ ଶିଶୁ ଓ କିଶୋର ବର୍ଗରେ ୯୯% ମହିଳାମାନଙ୍କୁ ଋଣ ଯୋଗାଇ ଦିଆଯାଇଛି ।**

ପ୍ରଶ୍ନବାଚୀ ସୃଷ୍ଟି କରିଥିଲା ଯେ ଗରିବ ଲୋକମାନେ ସେମାନଙ୍କ ଆର୍ଥିକ ସଂଘର୍ଷରୁ ଉଦ୍ଧାର ପାଇବାକୁ ସକ୍ଷମ ହୋଇପାରିବେ ନା ନାହିଁ? ଏଥିରୁ ସ୍ପଷ୍ଟ ହୋଇଥିଲା ଯେ ଏହିସବୁ ଲୋକମାନଙ୍କ ଉପରେ ଆସ୍ଥା ଓ ବିଶ୍ୱାସ ସ୍ଥାପନ କରିବା । ଏହା ଏକ ଜଟିଳ କାର୍ଯ୍ୟ ଥିଲା – କିନ୍ତୁ ଏହାର ସମାଧାନ ଯଦି ଏବେ


## ପରିବାରକୁ ସହାୟକ ହେବା ନିମନ୍ତେ ସିନ୍ଧୁଙ୍କ ଆଡ଼କୁ ହାତ ବଢ଼ାଇଲା ମୁଦ୍ରା


*କେରଳର ନୀଲାମ୍ବୁର ନାମକ ଏକ ଛୋଟ ଗାଁର ଅଧିବାସୀ ସିନ୍ଧୁ । ସେ ନିଜେ କିଛି ବ୍ୟବସାୟ କରି ପରିବାରକୁ ସାହାଯ୍ୟ କରିବା ନିମନ୍ତେ ଚେଷ୍ଟା କରୁଥିଲେ । ପୁରୁଣା କପଡ଼ା ଏବଂ ଅନ୍ୟାନ୍ୟ ବର୍ଜ୍ୟକୁ ବ୍ୟବହାର କରି କିପରି ସତରଞ୍ଜି ପ୍ରସ୍ତୁତ କରିବାକୁ ହେବ, ସେ କଳା ତାଙ୍କୁ ଜଣାଥିଲା । ତେଣୁ ଏହି ବ୍ୟବସାୟ ପାଇଁ ସେ ମନରେ*



*ଆଗ୍ରହ ପୋଷଣ କରିଥିଲେ । କିନ୍ତୁ ତାଙ୍କ ପାଇଁ ସବୁଠାରୁ ବଡ଼ ସମସ୍ୟାଟି ଥିଲା ଅର୍ଥ । ତେବେ ନିଜର ଆଶା ନହରାଇ ଜଣେ ସମ୍ପର୍କୀୟଙ୍କ ମାଧ୍ୟମରେ ସେ ମୁଦ୍ରା ଯୋଜନାରେ ଋଣ ପାଇଁ ଆବେଦନ କଲେ । ଦୁହେଁ ଏକାଠି ମିଶି ଗୋଟିଏ ଛୋଟ ୟୁନିଟ୍ ସ୍ଥାପନ କଲେ ଏବଂ ପ୍ରତିଦିନ ୧୦ରୁ ୧୫ଗୋଟି ଲେଖାଏଁ ସତରଞ୍ଜି ପ୍ରସ୍ତୁତ କଲେ। ବଡ଼ ବଡ଼ କମ୍ପାନୀମାନଙ୍କ ସହ ଯୋଗାଯୋଗ ମଧ୍ୟ ସ୍ଥାପନ କଲେ । ଏହି କମ୍ପାନୀମାନେ ସିନ୍ଧୁଙ୍କ ଠାରୁ ପ୍ରତି ମାସକୁ ୪୦୦ ରୁ ୫୦୦ ପର୍ଯ୍ୟନ୍ତ ସତରଞ୍ଜି କ୍ରୟ କଲେ । ସିନ୍ଧୁଙ୍କ ପାଇଁ ଏହା ଥିଲା ବଡ଼ ସଫଳତା । ଯେତେବେଳେ ତାଙ୍କ ସତରଞ୍ଜିର ଚାହିଦା ବୃଦ୍ଧି ପାଇଲା, ସେ ଆଉ ଦୁଇଟି ନୂଆ ମେସିନ୍ କିଣିଲେ ଏବଂ ଆଉ ତିନିଜଣ ଲୋକଙ୍କୁ ନିଜ ୟୁନିଟରେ ନିଯୁକ୍ତ କଲେ। ଆଜି ସିନ୍ଧୁ କେବଳ ଆର୍ଥିକ ଦୃଷ୍ଟିରୁ ସ୍ୱଚ୍ଛଳ ଓ ସ୍ୱାବଲମ୍ବୀ ହୋଇ ପାରିନାହାନ୍ତି, ଅପର ପକ୍ଷେ ନିଜ ପରିବାରର ଆର୍ଥିକ ମେରୁଦଣ୍ଡ ଭାବରେ ସୁଦ୍ଧା ଦଣ୍ଡାୟମାନ ହୋଇଛନ୍ତି ।*

## ମହିଳାଙ୍କ ଅଂଶଗ୍ରହଣ






କରା ନଯିବ, ତେବେ କେବେ ମଧ୍ୟ କରାଯାଇ ପାରିବନାହିଁ ବୋଲି ସରକାର ଚିନ୍ତା କଲେ । ଏହି ଆତ୍ମବିଶ୍ୱାସ ଆଧାରରେ, ସରକାର ଏକ ଯୁଗାନ୍ତକାରୀ ପଦକ୍ଷେପ ଗ୍ରହଣ କଲେ ଏବଂ ଏଥି ନିମନ୍ତେ ଏକ ଅଣୁ ୟୁନିଟ୍ ବିକାଶ ଓ ପୁନଃ ଅର୍ଥଯୋଗାଣ ଏଜେନ୍ସି ଗଠନ କଲେ ଯାହାକୁ ଆମେ 'ମୁଦ୍ରା'ଯୋଜନା ଭାବରେ ସମ୍ବୋଧନ କରିଆସୁଛୁ । ଭାରତର ଅଣୁ ଅର୍ଥଯୋଗାଣର ଢ଼ାଞ୍ଚାରେ ଆମୂଳଚୂଳ ପରିବର୍ତ୍ତନ ଆଣିବା ଏହାର ଉଦ୍ଦେଶ୍ୟ । ଏହି ଉପକ୍ରମ ଦେଶର କୋଟି କୋଟି ଲୋକଙ୍କୁ ସଶକ୍ତ କରିବା ସକାଶେ ଚାବିକାଠି ଭାବରେ କାର୍ଯ୍ୟ କରିଆସୁଛି।

ଯୁବ ରାଷ୍ଟ୍ର ଭାରତରେ ସାମର୍ଥ୍ୟ ଓ ମହତ୍ତ୍ୱାକାଂକ୍ଷା ଭରପୂର ହୋଇ ରହିଛି । ସେମାନେ ନିଜର ନବସୃଜନକାରୀ ଦକ୍ଷତା ଓ ମାନସିକତାକୁ ରାଷ୍ଟ୍ରୀୟ ବିକାଶ ଦିଗରେ ବିନିଯୋଗ କରିବା ସକାଶେ ପ୍ରୟାସରତ । ନିଜ ନାଗରିକମାନଙ୍କଠାରେ ଭରପୂର ରହିଥିବା ଏହି ଔଦ୍ୟୋଗିକ ସାମର୍ଥ୍ୟର ସୁବିନିଯୋଗ ନିମନ୍ତେ, ନିଜର ଆର୍ଥିକ ବ୍ୟବସ୍ଥାରେ ରହିଥିବା ବୈଷମ୍ୟକୁ ଉପଯୋଗ କରିବାର ଆବଶ୍ୟକତାକୁ ସ୍ୱୀକାର ପୂର୍ବକ କେନ୍ଦ୍ର ସରକାର ମୁଦ୍ରା ଯୋଜନାର ଶୁଭାରମ୍ଭ କରିଥିଲେ ଯାହା ଦେଶର କୋଟି କୋଟି ଲୋକଙ୍କ ମନରେ ଆତ୍ମମର୍ଯ୍ୟାଦା ଓ ସ୍ୱାଧୀନତାର ଭାବନା ଉଦ୍ରେକ କରିବା ସହିତ ସେମାନଙ୍କ ଆଶା, ଆକାଂକ୍ଷା ଓ ସ୍ୱପ୍ନକୁ ମଧ୍ୟ ସାକାର କରିଆସୁଛି ।

- **ସମାଜ ସେତିକିବେଳେ ପ୍ରଗତିଶୀଳ ହୋଇଥାଏ ଯେତେବେଳେ ମହିଳା ଓ ଯୁବବର୍ଗ ସଶକ୍ତ ହୋଇଥାଆନ୍ତି । ମୁଦ୍ରା ଋଣ ଯୋଗାଇ ଦିଆଯାଇ ଏହିଭଳି କୋଟି କୋଟି ମହିଳାଙ୍କୁ ସେମାନଙ୍କ ନିଜସ୍ୱ ବ୍ୟବସାୟ ଚଳାଇବାର ସୁବିଧା ଯୋଗାଇ ଦିଆଯାଇଛି ।**
- **ମୁଦ୍ରା ଯୋଜନା ଏବଂ ଷ୍ଟାଣ୍ଡ ଅପ୍ ଇଣ୍ଡିଆ ଅଧୀନରେ ସରକାର ଯଥାକ୍ରମେ ୬୮% ସହାୟତା ଏବଂ ୮୨% ମହିଳା ଉଦ୍ୟୋଗୀଙ୍କୁ ସହାୟତା ଯୋଗାଇ ଦେଇଛନ୍ତି ।**

### ପୁଂଜି ଯୋଗାଣ ପୂର୍ବକ ନୂତନ ଉଦ୍ୟୋଗକୁ ସମର୍ଥନ ଜ୍ଞାପନ

ପୂର୍ବରୁ ଏପରି ଏକ ସମୟ ଥିଲା ଯେତେବେଳେ ଲୋକମାନେ ସାହୁକାରମାନଙ୍କ ଠାରୁ ଋଣ ନେଇ ଅପ୍ରୀତିକର ଏବଂ ଅଶୋଭନୀୟ ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡୁଥିଲା । ଏଥି ନିମନ୍ତେ ସେମାନଙ୍କ ୨୪ ପ୍ରତିଶତରୁ ୩୦ ପ୍ରତିଶତ ପର୍ଯ୍ୟନ୍ତ ସୁଧ ଦେବାକୁ ହେଉଥିଲା । ସୁଦୃଢ଼ ଯୋଗସୂତ୍ର ଥିବା ଅବା ଉତ୍ତମ ସୁନାମ ଥିବା ଲୋକମାନଙ୍କ ପାଇଁ କେବଳ ବ୍ୟାଙ୍କ ଋଣ ଉପଲବ୍ଧ ହେଉଥିଲା । ଏହା ଅନେକ ଲୋକଙ୍କୁ ବିଶେଷ କରି ଦୁର୍ବଳ ଓ ପଛୁଆ ବର୍ଗର ଲୋକମାନଙ୍କୁ ଆର୍ଥିକ ବ୍ୟବସ୍ଥାଠାରୁ ଦୂରରେ ରଖିଥିଲା । ପରିଣାମ ସ୍ୱରୂପ, ଅନେକ ଲୋକ ସାହୁକାରଙ୍କଠାରୁ ଋଣ ନେଇ କଳନ୍ତର ଚକ୍ରରେ ଫସିବାକୁ ବାଧ୍ୟ ହେଉଥିଲେ ।

ତେବେ, ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନା ପ୍ରବର୍ତ୍ତନ ହେବା ପରେ ଏଥିରେ ବ୍ୟାପକ ପରିବର୍ତ୍ତନ ଘଟିଛି। ଏହି ଯୋଜନା କ୍ଷୁଦ୍ର ବ୍ୟବସାୟୀ ଏବଂ ଉଦ୍ୟୋଗୀ ଯେଉଁମାନେ ପୂର୍ବରୁ ପୁଂଜି ପାଇଁ ଅକ୍ଳାନ୍ତ ଶ୍ରମ ସ୍ୱୀକାର କରୁଥିଲେ ସେମାନଙ୍କୁ ଆର୍ଥିକ ସହାୟତା ଯୋଗାଇ ଦେବା ନିମନ୍ତେ ଅଭିପ୍ରେତ । ଯେଉଁମାନେ ଏହି



ବର୍ଗର ସର୍ତ୍ତ ପୂରଣ କରନ୍ତି, ସେମାନଙ୍କୁ ମୁଦ୍ରା ଯୋଜନା ମାଧ୍ୟମରେ ୨୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି । ବିଶେଷ କରି ଅବହେଳିତ ବର୍ଗର ବ୍ୟକ୍ତି ବିଶେଷମାନେ କୌଣସି ବାଛ ବିଚାର ବିନା ଏଥିରୁ ସର୍ବାଧିକ ଉପକୃତ ହୋଇପାରୁଛନ୍ତି । ଏହିସବୁ ଉଦ୍ୟୋଗୀମାନଙ୍କୁ ସଶକ୍ତ କରିବା ଏବଂ ସେମାନଙ୍କର ବ୍ୟବସାୟିକ କାରବାର ବୃଦ୍ଧି କରିବା ହେଉଛି ମୁଦ୍ରା ଯୋଜନାର ଅସଲ ଉଦ୍ଦେଶ୍ୟ । ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନା ଲୋକମାନଙ୍କ ମନରେ ଏକ ନୂତନ ଆତ୍ମବିଶ୍ୱାସ ଭରି ଦେଇଛି । ଏହା ସେମାନଙ୍କୁ ସଂକେତ ପ୍ରଦାନ କରିଛି ଯେ ଯଦି ସେମାନେ ରାଷ୍ଟ୍ରର ବିକାଶ ପାଇଁ କୌଣସି ଅବଦାନ ଦେଉଛନ୍ତି, ତେବେ ସରକାର ମଧ୍ୟ ସେମାନଙ୍କ ଆଡ଼କୁ ସମର୍ଥନ ଯୋଗାଣର ହାତ ବଢ଼ାଇବାକୁ ପ୍ରସ୍ତୁତ ଅଛନ୍ତି । ଏଭଳି ଉପକ୍ରମ ଦେଶର ଅର୍ଥନୀତିକୁ ମଜଭୁତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ସରକାର କ୍ଷୁଦ୍ର ବ୍ୟବସାୟୀମାନଙ୍କୁ ସହାୟତା ଯୋଗାଇ ଦେଇଛନ୍ତି ଯାହାକି କର୍ମନିଯୁକ୍ତି ସୁଯୋଗ ସୃଷ୍ଟିରେ ମହତ୍ତ୍ୱପୂର୍ଣ୍ଣ ହୋଇପାରିଛି । କୃଷି ପରେ ଏହି କ୍ଷେତ୍ରର କର୍ମନିଯୁକ୍ତି ସର୍ବାଧିକ । ଏହି ଯୋଜନା ଅଧୀନରେ ଦୋକାନୀ, ପରିବା ବିକାଳୀ, ଟ୍ରକ୍ ଡ୍ରାଇଭର, କ୍ଷୁଦ୍ରଶିଳ୍ପର ସତ୍ତ୍ୱାଧିକାରୀ ଏବଂ କାରିଗରମାନଙ୍କ ଭଳି ବିଭିନ୍ନ ପ୍ରକାର ଉଦ୍ୟୋଗୀମାନେ ଆବଶ୍ୟକ କରୁଥିବା ଆର୍ଥିକ ସହାୟତା ପାଇ ପାରୁଛନ୍ତି । ଏହା ଅନେକଙ୍କୁ ଆର୍ଥିକ ଓ ସାମାଜିକ ସମାଯୋଜନ ଯୋଗାଇବାର ମୁଖ୍ୟ ଆୟୁଧ ପାଲଟିଛି ।

## କ୍ଷୁଦ୍ର ବ୍ୟବସାୟୀମାନଙ୍କୁ ଆର୍ଥିକ ସହାୟତା


୨୦୧୫ ମସିହାରେ ମୁଦ୍ରା ଯୋଜନାର ଶୁଭାରମ୍ଭ କରାଯାଇଥିଲା । ସାରା ଦେଶର କ୍ଷୁଦ୍ର ବ୍ୟବସାୟୀମାନଙ୍କୁ ପ୍ରୋତ୍ସାହିତ କରିବା ଏବଂ ଉଦ୍ୟୋଗୀମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିବା ଥିବା ଏହାର ମୁଖ୍ୟ ଉଦ୍ଦେଶ୍ୟ । ଏହାର ଅନ୍ୟତମ ଲକ୍ଷ୍ୟ ଥିଲା ଯେଉଁ ବ୍ୟକ୍ତି ବିଶେଷ ନିଜର ବ୍ୟବସାୟ ଆରମ୍ଭ କରୁଛନ୍ତି ସେମାନଙ୍କୁ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆର୍ଥିକ ସହାୟତା ପ୍ରଦାନ କରିବା । ଏହା ବ୍ୟତୀତ ମାଇକ୍ରୋ ଫାଇନାନ୍ସକୁ ନିୟନ୍ତ୍ରଣ କରିବା ମଧ୍ୟ ଏହାର ଅନ୍ୟତମ ଅଭିପ୍ରାୟ ଥିଲା । ପ୍ରଥମରୁ ତିନୋଟି ବର୍ଗରେ ଏହି ଋଣ ଯୋଗାଇ ଦିଆଯାଉଥିଲା । ସେଗୁଡ଼ିକ ହେଲା: ଶିଶୁ, କିଶୋର ଏବଂ ତରୁଣ । ବର୍ତ୍ତମାନ ଏହାର ସଫଳତାକୁ ବିଚାର କରି କେନ୍ଦ୍ର ସରକାର ଏଥିରେ ଆଉ ଗୋଟିଏ ବର୍ଗ ସଂଯୋଗ କରିଛନ୍ତି । ମୋଦୀ ସରକାରଙ୍କ ତୃତୀୟ ପାଳିର ପ୍ରଥମ ସାଧାରଣ

## ସ୍ୱଚ୍ଛତା ପ୍ରତି ଶୈଳେଷଙ୍କ ସକାରାତ୍ମକ ଯୋଗଦାନ


*ଶୈଳେଷ ଭୋଁସଲେ, ମୁମ୍ବାଇର ଅଇରୋଲି ଅଞ୍ଚଳରେ ବାସ କରନ୍ତି । ସରକାରଙ୍କ ମୁଦ୍ରା ଯୋଜନାରେ ସେ କେବଳ ନିଜ ସ୍ୱପ୍ନକୁ ସାକାର କରିବାକୁ ସକ୍ଷମ ହୋଇନାହାନ୍ତି, ଅପର ପକ୍ଷେ, ନିଜର ଅଭିନବ ଚିନ୍ତାଧାରା ମାଧ୍ୟମରେ ସେ ସ୍ୱଚ୍ଛ ଭାରତ ଅଭିଯାନ ପ୍ରତି ମଧ୍ୟ ନିଜର ଅବଦାନକୁ ସ୍ପଷ୍ଟ କରିପାରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କଦ୍ୱାରା ଆରମ୍ଭ କରାଯାଇଥିବା ସ୍ୱଚ୍ଛ ଭାରତ ଅଭିଯାନ କଥା ଯେତେବେଳେ ଶୈଳେଷ ଶୁଣିଥିଲେ, ଏହି ମହାନ୍ ଅଭିଯାନରେ ସାମିଲ ହେବାକୁ ସେ ମନରେ ଆଗ୍ରହ ପ୍ରକଟ କରିଥିଲେ । ଶୈଳେନ୍ଦ୍ର ଯେଉଁଠାରେ ଅବସ୍ଥାନ କରୁଥିଲେ ସେଠାରେ ବର୍ଜ୍ୟଜଳ ନିଷ୍କାସନର ବିରାଟସମସ୍ୟା ଥିଲା । ତେଣୁ ଏହି ଅଭିଯାନରେ ଜଣେ ସ୍ୱେଚ୍ଛାସେବୀ ଭାବରେ ସାମିଲ ହେବା ପରିବର୍ତ୍ତେ, ଶୈଳେଷ ଆଉ ଏକ ଅଭିନବ ଉପାୟ ଚିନ୍ତା କରିଥିଲେ । ଏଥି ନିମନ୍ତେ ଏକ ପ୍ରସ୍ତାବ ସହ ସେ ବ୍ୟାଙ୍କ୍ ନିକଟରେ ପହଂଚିଥିଲେ। ବ୍ୟାଙ୍କ୍ ତାଙ୍କ ପ୍ରସ୍ତାବକୁ ତାରିଫ କରିବା ସହିତ ତାଙ୍କୁ ୮.୫୭ ଲକ୍ଷ ଟଙ୍କାର ମୁଦ୍ରା ଋଣ ମଂଜୁର କରିଥିଲେ । ସେହି ଅର୍ଥରେ ଶୈଳେଷ ଗୋଟିଏ ଟ୍ୟାଙ୍କର ଓ ସକ୍ସନ୍ପମ୍ପ୍ ସେଟ୍ କିଣିଥିଲେ । ଏଥି ସହିତ ଆଉ କିଛି ପାଣିଉଠା ସାମଗ୍ରୀ ମଧ୍ୟ କ୍ରୟ କରିଥିଲେ । ଆଜି ନିଜର ୟୁନିଟ୍ ମାଧ୍ୟମରେ ଶୈଳେଷ କେବଳ ସ୍ୱଚ୍ଛତା ପ୍ରତି ନିଜର ଅବଦାନ ପ୍ରତିପାଦନ କରିନାହାନ୍ତି, ଅପରନ୍ତୁ ସେଥିରୁ ସେ ବେଶ୍ ଉତ୍ତମ ଅର୍ଥ ମଧ୍ୟ ଉପାର୍ଜନ କରିପାରୁଛନ୍ତି । ନିଜର ଜୀବନଜୀବିକା ସହିତ ସେ ଦେଶ ପାଇଁ ସେବା କରିବା ଚିନ୍ତାଧାରାକୁ ଯୋଡ଼ି ଦେଇପାରିଛନ୍ତି ।*

## ଗୋଷ୍ଠୀ : ବର୍ଗୱାରୀ ସୁଫଳ

ରଣ ପରିମାଣ




ରଣ ଆବେଦନ




୨୮.୦୨.୨୦୨୫ ପର୍ଯ୍ୟନ୍ତ ତଥ୍ୟ



> ଯଦି ଗୋଟିଏ ଦଶନ୍ଧି ପୂର୍ବରୁ ଯୁବଗୋଷ୍ଠୀଙ୍କ ନିକଟରେ ମୁଦ୍ରା ଭଳି ଏକ ଯୋଜନା ଥାଆନ୍ତା, ତେବେ ସହରମୁହାଁ ସ୍ଥାନାନ୍ତରଣ ଏତେ ଉତ୍କଟ ହୋଇ ନଥାଆନ୍ତା । କୌଣସି ପ୍ରକାର ବ୍ୟାଙ୍କ୍ ଗ୍ୟାରେଣ୍ଟି ବିନା ସ୍ୱଳ୍ପ ସୁଧାହାରରେ ଯୁବଗୋଷ୍ଠୀ ନିଜପାଇଁ ନିଜ ଗ୍ରାମ ବା ସହରରେ କର୍ମନିଯୁକ୍ତିର ସୁଯୋଗ ସୃଷ୍ଟି କରିପାରି ଥାଆନ୍ତେ । ଆଜି ଦରିଦ୍ରରୁ ଦରିଦ୍ରତମ ଲୋକମାନେ କୌଣସି ଗ୍ୟାରେଣ୍ଟି ବିନା ମୁଦ୍ରା ଋଣ ପାଇପାରୁଛନ୍ତି । ମୁଦ୍ରା ଋଣର ସହାୟତା ନେଇ ଜଣେ ସାଧାରଣ ଲୋକ ସୁଦ୍ଧା ବର୍ତ୍ତମାନ ଉଦ୍ୟୋଗପତି ହୋଇ ପାରିବ ।
>
> **- ନରେନ୍ଦ୍ର ମୋଦୀ, ପ୍ରଧାନମନ୍ତ୍ରୀ**


- **ଋଣ ପାଇବାକୁ ହକଦାର ଏବଂ ଏକ କ୍ଷୁଦ୍ର ବ୍ୟବସାୟିକ ଯୋଜନା ମନରେ ପୋଷଣ କରିଥିବା ଯେକୌଣସି ବ୍ୟକ୍ତି ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନା ଅଧୀନରେ ଋଣ ହାସଲ କରିପାରିବେ ।**
- **ଉତ୍ପାଦନ, ବାଣିଜ୍ୟ କାରବାର ଏବଂ ସେବା କ୍ଷେତ୍ର ଏବଂ ଏଥି ସହିତ କକୁଡ଼ାଚାଷ, ଗୋପାଳନ, ମହୁଚାଷ, ଭଳି କୃଷି ଓ ଦୋକାନ ପରି କାର୍ଯ୍ୟ, ଫଳ ଓ ପନିପରିବା ବିକ୍ରି, ବେପାର, ଟ୍ରକ୍ ଅଥବା ଅନ୍ୟ ଯାନବାହନର ଡ୍ରାଇଭର, କ୍ଷୁଦ୍ର ଶିଳ୍ପ, କାରିଗର ଏବଂ ଅନ୍ୟମାନେ ଏଭଳି ଋଣ ପାଇଁ ଆବେଦନ କରିପାରିବେ ।**

## ନୂତନ ଉଦ୍ୟୋଗୀମାନଙ୍କ ନିମନ୍ତେ ବଡ଼ ସହଯୋଗ

ନୂତନ ଉଦ୍ୟୋଗୀ/ରଣ ଅଂଶର ସଂଖ୍ୟା




ନୂତନ ଉଦ୍ୟୋଗୀ /ରଣ ପରିମାଣର ଅଂଶ




୨୮.୦୨.୨୦୨୫ ପର୍ଯ୍ୟନ୍ତ ତଥ୍ୟ




## ମୁଦ୍ରା ପକ୍ଷରୁ ସୁଦୃଢ଼ ସମର୍ଥନ



ବିହାର ରାଜଧାନୀ ପାଟନା ସହରର ଛବି ଦେବୀ ଦେଶର ସେହିଭଳି ଲକ୍ଷ ଲକ୍ଷ ଲୋକମାନଙ୍କ ମଧ୍ୟରୁ ଜଣେ ଯାହାଙ୍କ ପରିବାରର ସ୍ୱପ୍ନ ମୁଦ୍ରା ଯୋଜନା ମାଧ୍ୟମରେ ସାକାର ହୋଇପାରିଛି । ଛବିଙ୍କ ସ୍ୱାମୀ ଜଣେ ଚିତ୍ରକର ଯାହାଙ୍କ ଉପାର୍ଜନ ଅନିୟମିତ କାର୍ଯ୍ୟ ଯୋଗୁ ଅନିଶ୍ଚିତ ଥିଲା ଓ ପରିବାର ପ୍ରତିପୋଷଣ ଖୁବ୍ କଷ୍ଟସାଧ ହୋଇ ପଡ଼ିଥିଲା । ଏଭଳି ପରିସ୍ଥିତିରେ, ଛବି ମୁଦ୍ରା ଯୋଜନା ସମ୍ପର୍କରେ ଜାଣିବାକୁ ପାଇଥିଲେ ଏବଂ ନିଜ ନାମରେ ଋଣ ଉଠାଇବାକୁ ସ୍ଥିର କରିଥିଲେ। ସେହି ଋଣ ଅର୍ଥରେ ତାଙ୍କ ଶ୍ୱଶୁର କିଛି ଖାଇବା ବାସନ କିଣି ସେସବୁକୁ ଅନ୍ୟମାନଙ୍କୁ ଭଡ଼ାରେ ଦେଇଥିଲେ । ବିବାହ ଓ ଅନ୍ୟାନ ଭୋଜି ଉତ୍ସବରେ  ମଧ କ୍ୟାଟରିଂ ସେବା ଯୋଗାଇବା ଆରମ୍ଭ କରିଥିଲେ । ସମୟକ୍ରମେ ପରିବାରର ଉପାର୍ଜନ ବେଶ୍ ବୃଦ୍ଧି ପାଇଲା । ଛବିଙ୍କ ପିଲାମାନେ ବର୍ତ୍ତମାନ ଏକ ଉତ୍ତମ ବିଦ୍ୟାଳୟରେ ଅଧ୍ୟୟନ କରୁଛନ୍ତି ।

## ମୁଦ୍ରା ଋଣ ଯୋଗାଣ ସଂଖ୍ୟା ଏବଂ ପରିମାଣ (ଅପ୍ରେଲ ୮,୨୦୧୫ ଠାରୁ ଫେବ୍ରୁଆରୀ ୨୮,୨୦୨୫ ପର୍ଯ୍ୟନ୍ତ)

● ଋଣ ପରିମାଣ ● ସଂଖ୍ୟାଗୁଡ଼ିକ କୋଟି ଟଙ୍କାରେ



| | | |
|---|---|---|
| ଜାମ୍ମୁ ଓ କାଶ୍ମୀର | 21,33,342 | 47,437 |
| ପଞ୍ଜାବ | 95,77,658 | 78,314 |
| ଚଣ୍ଡୀଗଡ଼ | 1,96,358 | 3,308 |
| ହରିଆଣା | 94,68,110 | 72,701 |
| ଗୁଜରାଟ | 1,56,31,752 | 1,28,974 |
| ଦାଦ୍ରା ଓ ନଗର ହାବେଳୀ, ଡାମନ ଓ ଡିଉ | 41,740 | 739 |
| ଗୋଆ | 3,81,054 | 5,401 |
| ଆନ୍ଧ୍ର ପ୍ରଦେଶ | 1,01,66,870 | 1,21,008 |
| କର୍ଣ୍ଣାଟକ | 4,96,64,726 | 3,06,317 |
| ଲଦାଖ | 63,308 | 1,936 |
| ରାଜସ୍ଥାନ | 2,23,36,127 | 1,74,713 |
| ମହାରାଷ୍ଟ୍ର | 4,17,40,196 | 2,79,137 |
| ଲାକ୍ଷାଦ୍ୱୀପ | 12,184 | 186 |
| କେରଳ | 1,69,85,782 | 1,17,859 |
| ହିମାଚଳ ପ୍ରଦେଶ | 11,20,766 | 22,398 |
| ଉତ୍ତରାଖଣ୍ଡ | 32,78,277 | 31,305 |
| ଦିଲ୍ଲୀ | 35,18,927 | 40,918 |
| ଉତ୍ତର ପ୍ରଦେଶ | 5,13,32,213 | 3,23,277 |
| ମଧ୍ୟ ପ୍ରଦେଶ | 3,09,34,148 | 1,80,576 |
| ତାମିଲନାଡୁ | 5,80,63,665 | 3,26,932 |
| ବିହାର | 5,91,31,357 | 2,95,539 |
| ଝାଡ଼ଖଣ୍ଡ | 1,52,53,328 | 79,803 |
| ସିକିମ | 1,70,246 | 1,740 |
| ଓଡ଼ିଶା | 3,35,67,998 | 1,52,510 |
| ଛତିଶଗଡ଼ | 98,76,372 | 61,121 |
| ତେଲଙ୍ଗାନା | 76,95,919 | 73,635 |
| ପୁଡୁଚେରୀ | 12,15,650 | 7,651 |
| ଆସାମ | 1,14,28,299 | 64,514 |
| ଅରୁଣାଚଳ ପ୍ରଦେଶ | 1,37,575 | 1,788 |
| ନାଗାଲାଣ୍ଡ | 1,58,596 | 2,340 |
| ମଣିପୁର | 4,60,165 | 3,125 |
| ମିଜୋରାମ | 1,63,702 | 2,859 |
| ତ୍ରିପୁରା | 31,71,318 | 17,902 |
| ମେଘାଳୟ | 2,92,492 | 2,928 |
| ପଶ୍ଚିମବଙ୍ଗ | 5,11,86,301 | 2,87,328 |
| ଆଣ୍ଡାମାନ ଓ ନିକୋବର | 54,113 | 1,155 |

**ମୋଟ ଋଣ ସଂଖ୍ୟା 52.07 କୋଟି | ମୋଟ ଋଣ ପରିମାଣ ₹ 33.19 ଲକ୍ଷ କୋଟି ଟଙ୍କା**

ବଜେଟରେ, ଅର୍ଥାତ୍ ଜୁଲାଇ ୨୦୨୪ରେ ସଂସଦରେ ଉପସ୍ଥାପନ କରାଯାଇଥିବା ସାଧାରଣ ବଜେଟରେ ଏହା ସଂଯୁକ୍ତ ହୋଇଛି । ଏହି ନୂତନ ବର୍ଗରେ ତରୁଣ ପ୍ଲସକୁ ପ୍ରଥମ ଥର ପାଇଁ ପ୍ରବର୍ତ୍ତନ କରାଯାଇଛି । ଏହି ବର୍ଗର ଆବେଦନକାରୀ ଯେଉଁମାନେ ପୂର୍ବରୁ ତରୁଣ ବର୍ଗରେ ଋଣ ନେଇଥିବେ ଏବଂ ନିର୍ଦ୍ଧାରିତ ସମୟରେ ତାହା ପରିଶୋଧ କରିଥିବେ ସେମାନଙ୍କ ପାଇଁ ଏହି ରାଶିର ପରିମାଣକୁ ୧୦ ଲକ୍ଷରୁ ସର୍ବାଧିକ ୨୦ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି ।

ମୁଦ୍ରା ଯୋଜନା ଅଧୀନରେ ଯେକୌଣସି ଭାରତୀୟ ନାଗରିକ ଯିଏ ଏକ ନୂତନ ବ୍ୟବସାୟିକ ଉପକ୍ରମ ଆରମ୍ଭ କରିବା ସକାଶେ ଆଗ୍ରହୀ ଏବଂ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆର୍ଥିକ ସହାୟତା ଆବଶ୍ୟକ

- **ଅନେକ ବ୍ୟାଙ୍କ୍ ଏବଂ ଆର୍ଥିକ ଅନୁଷ୍ଠାନ ସେମାନଙ୍କର ଅନଲାଇନ୍ ପ୍ଲାଟଫର୍ମମାନ ପ୍ରବର୍ତ୍ତନ କରିଛନ୍ତି ଏବଂ ଋଣ ଆବେଦନ ସକାଶେ ମୋବାଇଲ୍ ଆପ ଗୁଡ଼ିକର ମଧ୍ୟ ବ୍ୟବସ୍ଥା କରିଛନ୍ତି । ଏହା ଫଳରେ କାଗଜକାମ ଓ ବ୍ୟକ୍ତିଗତ ଭାବରେ ଶାଖାକୁ ଆବେଦନକାରୀଙ୍କୁ ଆଉ ଦୌଡ଼ିବାକୁ ପଡୁନାହିଁ ।**

mudra

Tuesday March 4, 2025 16:53 PM हिंदी A- A A+

LOGIN FOR PMMY PORTAL

# କିପରି ମୁଦ୍ରା ଋଣ ପାଇଁ ଆବେଦନ କରିବେ, ଜାଣନ୍ତୁ ସମ୍ପୂର୍ଣ୍ଣ ପ୍ରକ୍ରିୟା

ଅନଲାଇନ୍‌ରେ ମୁଦ୍ରା ଋଣ ପାଇଁ ଆବେଦନ କରିବାକୁ, ପ୍ରଥମେ ଆପଣଙ୍କୁ https://www. mudra.org.in/ ୱେବସାଇଟ୍ କୁ ଯିବାକୁ ପଡିବ। ସେଠାରୁ ଫର୍ମ ଡାଉନଲୋଡ୍ କରନ୍ତୁ। ଆପଣ ଯେଉଁ ବର୍ଗରେ ଋଣ ନେବାକୁ ଚାହୁଁଛନ୍ତି ତାହା ଉଲ୍ଲେଖ କରି ଫର୍ମ ପୂରଣ କରନ୍ତୁ ଏବଂ ପ୍ରାସଙ୍ଗିକ ଆବଶ୍ୟକୀୟ ଡକ୍ୟୁମେଣ୍ଟ ସହିତ ବ୍ୟାଙ୍କରେ ଦାଖଲ କରନ୍ତୁ।

## ଆବେଦନ ପୂର୍ବରୁ ପ୍ରସ୍ତୁତ ହେବାକୁ ଥିବା ଡକ୍ୟୁମେଣ୍ଟଗୁଡ଼ିକ

- ପରିଚୟ ପ୍ରମାଣ
- ଠିକଣା ପ୍ରମାଣ
- ପାସପୋର୍ଟ ଫଟୋ
- ଆବେଦନକାରୀଙ୍କ ଦସ୍ତଖତ
- ବ୍ୟବସାୟ ପ୍ରମାଣ, ଯେଉଁଠାରେ ପ୍ରଯୁଜ୍ୟ

## ଏହା ହେଉଛି ପଞ୍ଜୀକରଣର ପର୍ଯ୍ୟାୟକ୍ରମେ ପ୍ରକ୍ରିୟା

| ପଦକ୍ଷେପ-୧ | ପଦକ୍ଷେପ-୨ | ପଦକ୍ଷେପ-୩ | ପଦକ୍ଷେପ -୪ |
|---|---|---|---|
| ଜନ ସମର୍ଥ ପୋର୍ଟାଲ୍ ପାଇଁ ସରକାରୀ ୱେବସାଇଟ୍ mudra.org.in କୁ ଯାଆନ୍ତୁ କିମ୍ବା ଯେକୌଣସି ବ୍ୟାଙ୍କର ନିକଟତମ ଶାଖାକୁ ଯାଆନ୍ତୁ। | ମୁଦ୍ରା ଋଣ "ଏବେ ଆବେଦନ କରନ୍ତୁ" ଉପରେ କ୍ଲିକ୍ କରନ୍ତୁ। | ନିମ୍ନଲିଖିତ ମଧ୍ୟରୁ ଗୋଟିଏ ଚୟନ କରନ୍ତୁ: ନୂତନ ଉଦ୍ୟୋଗୀ / ବିଦ୍ୟମାନ ଉଦ୍ୟୋଗୀ / ସ୍ୱ-ନିଯୁକ୍ତ ବୃତ୍ତିଗତ। | ତା'ପରେ, ଆବେଦନକାରୀଙ୍କ ନାମ, ଇ-ମେଲ୍ ଏବଂ ମୋବାଇଲ୍ ନମ୍ବର ପୂରଣ କରନ୍ତୁ ଏବଂ ଏକ ଓଟିପି ଜେନେରେଟ୍ କରନ୍ତୁ। |

## ପଞ୍ଜୀକରଣ ପରେ

- **ପର୍ଯ୍ୟାୟ ୧:** ବ୍ୟକ୍ତିଗତ ବିବରଣୀ ଏବଂ ବ୍ୟବସାୟିକ ବିବରଣୀ ପୂରଣ କରନ୍ତୁ।
- **ପର୍ଯ୍ୟାୟ ୨:** ପ୍ରକଳ୍ପ ପ୍ରସ୍ତାବ ପ୍ରସ୍ତୁତ କରିବାରେ ଯଦି କୌଣସି ସହାୟତା ଆବଶ୍ୟକ ହୁଏ, ତେବେ ସହାୟତା ଏଜେନ୍ସିଗୁଡ଼ିକୁ ଚୟନ କରନ୍ତୁ; ଅନ୍ୟଥା, "ଋଣ ଆବେଦନ କେନ୍ଦ୍ର" ଉପରେ କ୍ଲିକ୍ କରନ୍ତୁ।
- **ପର୍ଯ୍ୟାୟ ୩:** ଆବଶ୍ୟକ ଋଣର ବର୍ଗ ଚୟନ କରନ୍ତୁ - ମୁଦ୍ରା ଶିଶୁ/ମୁଦ୍ରା କିଶୋର/ମୁଦ୍ରା ତରୁଣ/ତରୁଣ ପ୍ଲସ୍।
- **ପର୍ଯ୍ୟାୟ ୪:** ବ୍ୟବସାୟର ନାମ, ବ୍ୟବସାୟିକ କାର୍ଯ୍ୟକଳାପ, ଇତ୍ୟାଦି ଲେଖନ୍ତୁ ଏବଂ କାର୍ଯ୍ୟକଳାପ ସହିତ ଜଡ଼ିତ ଉତ୍ପାଦନ, ସେବା, ବାଣିଜ୍ୟ କିମ୍ବା କୃଷି ଭଳି ଶିଳ୍ପର ପ୍ରକାର ଚୟନ କରନ୍ତୁ।
- **ପର୍ଯ୍ୟାୟ ୫:** ମାଲିକଙ୍କ ବିବରଣୀ, ବିଦ୍ୟମାନ ବ୍ୟାଙ୍କିଂ ଏବଂ ଋଣ ସୁବିଧା, ପ୍ରସ୍ତାବିତ ଋଣ ସୁବିଧା, ଭବିଷ୍ୟତର ଆକଳନ, ଏବଂ ପସନ୍ଦଯୋଗ୍ୟ ଋଣଦାତା ଭଳି ଅନ୍ୟାନ୍ୟ ବିବରଣୀ ଲେଖନ୍ତୁ।
- **ପର୍ଯ୍ୟାୟ ୬:** ପରିଚୟ ପ୍ରମାଣ, ଠିକଣା ପ୍ରମାଣ, ଆବେଦନକାରୀଙ୍କ ଫଟୋ, ଆବେଦନକାରୀଙ୍କ ଦସ୍ତଖତ, ବ୍ୟବସାୟିକ ଉଦ୍ୟୋଗର ପରିଚୟ ପ୍ରମାଣ/ଠିକଣା ଇତ୍ୟାଦି ସମସ୍ତ ଆବଶ୍ୟକୀୟ ଡକ୍ୟୁମେଣ୍ଟ ସଂଲଗ୍ନ କରନ୍ତୁ।
- **ପର୍ଯ୍ୟାୟ ୭:** ଆବେଦନ ଦାଖଲ ହେବା ପରେ, ଏକ ଆବେଦନ ନମ୍ବର ସୃଷ୍ଟି ହୁଏ, ଯାହାକୁ ଭବିଷ୍ୟତରେ ସୁପାରିଶ ପାଇଁ ରଖିବାକୁ ପଡିବ।

## ଆବେଦନକୁ ସହଜ କରିବା ଦିଗରେ ସରକାରୀ ପଦକ୍ଷେପ

ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନାର ପ୍ରଭାବଶାଳୀ କାର୍ଯ୍ୟାନ୍ୱୟନ ପାଇଁ ସରକାର ଅନେକ ପଦକ୍ଷେପ ନେଇଛନ୍ତି। ଏଥିରେ ପ୍ରଚାର ଅଭିଯାନ, ସହଜ ଆବେଦନ ଫର୍ମାଟ୍, ଋଣ ଗ୍ୟାରେଣ୍ଟି ଯୋଜନା, ମୁଦ୍ରା ନୋଡାଲ୍ ଅଫିସରଙ୍କ ନାମାଙ୍କନ ଅନ୍ତର୍ଭୁକ୍ତ। ଜନ ସମର୍ଥ ପୋର୍ଟାଲ୍ ପ୍ରଚଳନ ଆବେଦନକାରୀଙ୍କ ତଥ୍ୟର ଡିଜିଟାଲ ମୂଲ୍ୟାଙ୍କନ ଆଧାରରେ ଅନୁମୋଦନ ସହିତ ଶୀଘ୍ର ଏବଂ ପ୍ରଭାବଶାଳୀ ଋଣ ବଣ୍ଟନକୁ ସହଜ କରିଥାଏ।

### ପ୍ରଧାନମନ୍ତ୍ରୀ ମୁଦ୍ରା ଋଣ ପାଇଁ ଯୋଗ୍ୟ ଆବେଦନକାରୀ

- **ବ୍ୟକ୍ତି, ମାଲିକାନା ସମ୍ପର୍କିତ ସମସ୍ୟା, ସହଭାଗୀତା ଫାର୍ମ, ଘରୋଇ ସୀମିତ କମ୍ପାନୀ ଇତ୍ୟାଦି ପ୍ରଧାନମନ୍ତ୍ରୀ ମୁଦ୍ରା ଋଣ ପାଇଁ ଆବେଦନ କରିବାକୁ ଯୋଗ୍ୟ। ଆବେଦନକାରୀ କୌଣସି ବ୍ୟାଙ୍କ କିମ୍ବା ଆର୍ଥିକ ପ୍ରତିଷ୍ଠାନର ଋଣଖିଲାପକାରୀ ହେବା ଉଚିତ୍ ନୁହେଁ। ତାଙ୍କର କ୍ରେଡିଟ୍ ଟ୍ରାକ୍ ରେକର୍ଡ ସନ୍ତୋଷଜନକ ହେବା ଉଚିତ।**

କରନ୍ତି, ସେମାନେ ଚାହିଁଲେ ଯେକୌଣସି ବ୍ୟାଙ୍କ୍ କିମ୍ବା ଏନ.ବି.ଡି.ସି ଯେଉଁମାନେ କି ମୁଦ୍ରା ଋଣ ଦେଉଥିବେ, ସେମାନଙ୍କ ନିକଟରେ ଋଣ ଆବେଦନ କରିପାରିବେ । ସେମାନେ ସିଧାସଳଖ ଭାବରେ ଏହିସବୁ ଅନୁଷ୍ଠାନ ନିକଟରେ ଋଣ ଆବେଦନ ଦେଇପାରିବେ । ସରକାରୀ ମୁଦ୍ରା ୱେବସାଇଟରେ ଏହିସବୁ ଅନୁଷ୍ଠାନମାନଙ୍କ ତାଲିକା ସୂଚୀ ଦିଆଯାଇଛି କିମ୍ବା ମୁଦ୍ରା ପୋର୍ଟାଲ ମାଧ୍ୟମରେ ଅନଲାଇନରେ ମଧ୍ୟ ସେମାନେ ସିଧାସଳଖ ଆବେଦନ କରିପାରିବେ ।

ମୁଦ୍ରା ଯୋଜନାର ମୂଳ ଆଧାର ହେଲା ଦେଶବାସୀଙ୍କ ଉପରେ

# ନୂଆ ଚତୁର୍ଥ ବର୍ଗରେ ଏବେ 20 ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ

*ସରକାର ଚାକିରି ଖୋଜୁଥିବା ବ୍ୟକ୍ତିଙ୍କ ପରିବର୍ତ୍ତେ ଚାକିରି ସୃଷ୍ଟିକାରୀ ହେବା ପାଇଁ ପୁଞ୍ଜି ପ୍ରତିବନ୍ଧକକୁ ଦୂର କରୁଛନ୍ତି। ମୁଦ୍ରା ଯୋଜନା ଅଧୀନରେ, ଶିଶୁ, କିଶୋର ଏବଂ ତରୁଣ ଋଣ ଭଳି ୩ଟି ବର୍ଗ ପୂର୍ବରୁ ସମ୍ପୃକ୍ତ ଋଣ ସୀମା ସହିତ ଆରମ୍ଭ କରାଯାଇଥିଲା। ତରୁଣ ବର୍ଗରେ ସର୍ବାଧିକ ଋଣ ସୀମା ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଥିଲା। ୨୦୨୪-୨୫ ଆର୍ଥିକ ବର୍ଷରୁ ଏହି ଯୋଜନାରେ ଏକ ନୂଆ ବର୍ଗ ତରୁଣ ପ୍ଲସ୍ ସୃଷ୍ଟି କରାଯାଇଛି, ଯେଉଁଥିରେ ତରୁଣ ବର୍ଗରେ ପୂର୍ବରୁ ୧୦ ଲକ୍ଷ ଟଙ୍କାର ଋଣ ନେଇସାରିଥିବା ଏବଂ ସଫଳତାର ସହ ପରିଶୋଧ କରିଥିବା ଉଦ୍ୟୋଗୀମାନଙ୍କୁ ୨୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ପ୍ରଦାନ କରାଯିବା।ଏହି ଋଣ ବର୍ଗ ମଧ୍ୟ ମାଇକ୍ରୋ ୟୁନିଟ୍ ପାଇଁ କ୍ରେଡିଟ୍ ଗ୍ୟାରେଣ୍ଟି ପାଣ୍ଠି ଅଧୀନରେ ରହିବ, ଯାହା ଫଳରେ ଛୋଟ ବ୍ୟବସାୟଗୁଡ଼ିକ ପାଇଁ ଆର୍ଥିକ ସହାୟତା ପାଇବା ସହଜ ହେବ। ବର୍ତ୍ତମାନ, ମୁଦ୍ରା ଋଣ ଚାରୋଟି ବର୍ଗରେ ଦିଆଯାଉଛି।*

**ଶିଶୁ ଋଣ : 50 ହଜାର ପର୍ଯ୍ୟନ୍ତ**

**କିଶୋର ଋଣ: 50 ହଜାରରୁ ଅଧିକ 5 ଲକ୍ଷ ପର୍ଯ୍ୟନ୍ତ**

**ତରୁଣ ଋଣ : 5 ଲକ୍ଷରୁ ଅଧିକ 10 ଲକ୍ଷ ପର୍ଯ୍ୟନ୍ତ**

**ତରୁଣ ପ୍ଲସ୍ ଋଣ : 10 ଲକ୍ଷରୁ ଅଧିକ 20 ଲକ୍ଷ ପର୍ଯ୍ୟନ୍ତ**

- ମୁଦ୍ରା ଋଣ ପାଇଁ କୌଣସି ଗ୍ୟାରେଣ୍ଟି ଆବଶ୍ୟକ ନାହିଁ। ସମସ୍ତ ଋଣ ସମ୍ବନ୍ଧୀୟ ବିଷୟଗୁଡ଼ିକୁ ଆରବିଆଇ ଦ୍ୱାରା ନିୟନ୍ତ୍ରଣମୁକ୍ତ କରାଯାଇଛି ଏବଂ ଆରବିଆଇର ପ୍ରଚଳିତ ନିର୍ଦ୍ଦେଶାବଳୀ ଅନୁଯାୟୀ , ବ୍ୟାଙ୍କର ନିଜସ୍ୱ ଋଣ ନୀତି ଦ୍ୱାରା ନିୟନ୍ତ୍ରିତ ହୁଏ। ପିଏମ୍ଏମ୍‌ୱାଇ ଋଣ ପାଇଁ ଆଦାୟ କରାଯାଉଥିବା ସୁଧ ହାର ପାଣ୍ଠିର ମୂଲ୍ୟ, ବିପଦ ମୂଲ୍ୟାଙ୍କନ, ଋଣର ଅବଧି ଇତ୍ୟାଦି ଉପରେ ଆଧାରିତ।
- ଆକାଂକ୍ଷୀ ଯୁବକମାନଙ୍କ ମଧ୍ୟରେ ଉଦ୍ୟୋଗକୁ ପ୍ରୋତ୍ସାହିତ କରିବା ପାଇଁ ଶିଶୁ ଋଣକୁ ପ୍ରାଥମିକତା ଦିଆଯାଏ।

## ଅନେକ ଲାଭ

- ମୁଦ୍ରା ରୁପେ ଡେବିଟ୍ କାର୍ଡ ସହିତ ଋଣ ନେଉଥିବା ବ୍ୟକ୍ତି କୌଣସି ଅସୁବିଧା ବିନା ଆବଶ୍ୟକତା ଅନୁସାରେ ଋଣ ରାଶି ଉଠାଇପାରିବେ।
- ଏହି କାର୍ଡ ମାଧ୍ୟମରେ, ଋଣ ନେଉଥିବା ବ୍ୟକ୍ତି ଏକ ଓଭରଡ୍ରାଫ୍ଟ ସୁବିଧା ପାଆନ୍ତି, ଯାହା କାର୍ଯ୍ୟକ୍ଷମ ପୁଞ୍ଜିକୁ ସହଜ କରିଥାଏ।
- ମୁଦ୍ରା କାର୍ଡକୁ ଏଟିଏମ୍ କିମ୍ବା ବ୍ୟବସାୟ ପ୍ରତିନିଧିଙ୍କଠାରୁ ନଗଦ ଉଠାଇବା କିମ୍ବା ପଏଣ୍ଟ ଅଫ୍ ସେଲ୍ ମେସିନ୍ ବ୍ୟବହାର କରି କ୍ରୟ କରିବା ପାଇଁ ବ୍ୟବହାର କରାଯାଇପାରିବ।
- ଯଦି ଋଣଧାରକଙ୍କ ପାଖରେ ଅତିରିକ୍ତ ପରିମାଣର ଟଙ୍କା ଉପଲବ୍ଧ ଥାଏ, ତେବେ ସେ ଏହା ମାଧ୍ୟମରେ ମଧ୍ୟ ପରିଶୋଧ କରିପାରିବେ। ଏହା କରିବା ଦ୍ୱାରା, ଉଦ୍ୟୋଗୀଙ୍କ ସୁଧ ମୂଲ୍ୟ ହ୍ରାସ ପାଇଥାଏ।



## ମୁଦ୍ରା ଋଣ ମାଧ୍ୟମରେ ତିନି ବର୍ଷରେ ନିଯୁକ୍ତି ସୃଷ୍ଟି

ଶ୍ରମ ଏବଂ ନିଯୁକ୍ତି ମନ୍ତ୍ରଣାଳୟ ପିଏମ୍ଏମୱାଇ ଅଧୀନରେ ନିଯୁକ୍ତି ସୃଷ୍ଟି ଜାଣିବା ପାଇଁ ଏକ ଜାତୀୟ ସ୍ତରୀୟ ସର୍ଭେ କରିଥିଲା। ସର୍ଭେ ଫଳାଫଳ ଅନୁସାରେ, ଏହି ଯୋଜନା ୨୦୧୫ ରୁ ୨୦୧୮ ପର୍ଯ୍ୟନ୍ତ ତିନି ବର୍ଷ ମଧ୍ୟରେ ଅତିରିକ୍ତ ୧.୧୨ କୋଟି ନିଯୁକ୍ତି ସୃଷ୍ଟି କରିବାରେ ସାହାଯ୍ୟ କରିଛି।



ଆସ୍ଥା ପ୍ରକଟ କରିବା । କାରଣ ସେମାନଙ୍କ ଉପରେ ଦେଶର ପୂର୍ଣ୍ଣ ଆସ୍ଥା ରହିଛି । ଏହି ଉପକ୍ରମକୁ ବ୍ୟାଙ୍କ୍ ନେଟୱାର୍କ ଓ ଅଣ ବ୍ୟାଙ୍କିଙ୍ଗ୍ ଆର୍ଥିକ ଅନୁଷ୍ଠାନ ଏବଂ ମାଇକ୍ରୋ ଫାଇନାନ୍ସ ଇନଷ୍ଟିଚ୍ୟୁଟ୍ (ଏମ୍ ଏଫ୍ ଆଇ) ଆହୁରି ଅଧିକ ସମର୍ଥନ ଯୋଗାଇ ଆସିଛନ୍ତି । ଏହି ସଂସ୍ଥାଗୁଡ଼ିକ ଦେଶବ୍ୟାପୀ ଦାରିଦ୍ର୍ୟ ଦୂର କରିବା ଏବଂ ଉଦ୍ୟୋଗୀମାନଙ୍କୁ ସଶକ୍ତ କରିବା ପାଇଁ ଏକ ବଡ଼ ଆକାରର ଆନ୍ଦୋଳନ ସୃଷ୍ଟି କରିବା ପାଇଁ ଏକାଠି ହୋଇଛନ୍ତି।

ନୂତନ ଯୋଜନା ଅଧୀନରେ ଏହି ସଂସ୍ଥାଗୁଡ଼ିକୁ କ୍ଷୁଦ୍ର ବ୍ୟବସାୟୀଙ୍କ ପାଖକୁ ଯାଇ ସେମାନଙ୍କୁ ଚିହ୍ନଟ କରିବାକୁ ପଡ଼ିଥିଲା। ଏହି







## ଆପଣଙ୍କ ସମସ୍ତ ପ୍ରଶ୍ନର ଉତ୍ତର

- **ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନା ଅଧୀନରେ ଖଦି ଉଦ୍ୟୋଗ ଋଣ ପାଇଁ ମିଳେ କି?**

- ହଁ। ଆୟ ସୃଷ୍ଟି କରୁଥିବା ଯେକୌଣସି କାର୍ଯ୍ୟକଳାପ ପାଇଁ ମୁଦ୍ରା ଋଣ ଉପଲବ୍ଧ। ଖଦି ହେଉଛି ବୟନ ଶିଳ୍ପ କ୍ଷେତ୍ର ଅଧୀନରେ ଯୋଗ୍ୟ କାର୍ଯ୍ୟକଳାପ ମଧ୍ୟରୁ ଗୋଟିଏ। ଯଦି ଆୟ ସୃଷ୍ଟି ପାଇଁ ମୁଦ୍ରା ଋଣ ନିଆଯାଇଥାଏ, ତେବେ ଏହାକୁ କଭର କରାଯାଇପାରିବ।

- **ସିଏନ୍‌ଜି ଟେମ୍ପୋ/ଟ୍ୟାକ୍ସି କ୍ରୟ ପାଇଁ ମୁଦ୍ରା ଋଣ ଉପଲବ୍ଧ କି?**

- ଯଦି ଆବେଦନକାରୀ ବାଣିଜ୍ୟିକ ଉଦ୍ଦେଶ୍ୟରେ ଯାନ ବ୍ୟବହାର କରିବାକୁ ଚାହାଁନ୍ତି, ତେବେ ଏକ ସିଏମ୍‌ଜି ଟେମ୍ପୋ/ଟ୍ୟାକ୍ସି କିଣିବା ପାଇଁ ମୁଦ୍ରା ଋଣ ଉପଲବ୍ଧ ହେବ।

- **ମୋର ବ୍ୟାଙ୍କ ସଞ୍ଚୟ ଆକାଉଣ୍ଟ ଅଛି। ସେଥିରେ ମୁଦ୍ରା ଅଧୀନରେ ଋଣ ଉପଲବ୍ଧ ହେବ କି?**

- ହଁ। ଆବେଦନକାରୀ ଶାଖା ସହିତ ଯୋଗାଯୋଗ କରିପାରିବେ। ସଦସ୍ୟ ଋଣ ପ୍ରଦାନକାରୀ ସଂସ୍ଥାଗୁଡ଼ିକରେ ଋଣ ପାଇଁ ଆବେଦନ କରନ୍ତୁ। ଋଣର ନିୟମ ଏବଂ ସର୍ତ୍ତାବଳୀ ଆରବିଆଇର ବ୍ୟାପକ ନିର୍ଦ୍ଦେଶାବଳୀ ଉପରେ ଆଧାରିତ ଋଣ ପ୍ରଦାନକାରୀ ସଂସ୍ଥାର ନୀତି ଅନୁଯାୟୀ ହେବ। ପ୍ରସ୍ତାବିତ ଆୟ-ଉତ୍ପାଦନକାରୀ କାର୍ଯ୍ୟକଳାପର ଆବଶ୍ୟକତା ଅନୁଯାୟୀ ଋଣ ପରିମାଣ ସ୍ଥିର କରାଯିବ। ପରିଶୋଧ ସର୍ତ୍ତାବଳୀ କାର୍ଯ୍ୟକଳାପରୁ ପ୍ରତୀକ୍ଷିତ ନଗଦ ପ୍ରବାହ ଦ୍ୱାରା ସ୍ଥିର କରାଯିବ।

- **ପିଏମ୍ଏମୱାଇ-ଶିଶୁ ଋଣ ଅଧୀନରେ, ଋଣ ପ୍ରସ୍ତାବ ପ୍ରକ୍ରିୟାକରଣ କରିବାକୁ କେତେ ସମୟ ଲାଗେ?**

- ଆରବିଆଇ ଦ୍ୱାରା ପ୍ରତିଷ୍ଠିତ ବ୍ୟାଙ୍କିଂ କୋଡ୍ସ ଏବଂ ଷ୍ଟାଣ୍ଡାର୍ଡସ ବୋର୍ଡ ଅଫ୍ ଇଣ୍ଡିଆ (ବିସିଏସ୍‌ବିଆଇ) ଅନୁଯାୟୀ, ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ କ୍ରେଡିଟ୍ ସୀମା ପାଇଁ ଋଣ ଆବେଦନ ୨ ସପ୍ତାହ ମଧ୍ୟରେ ସମାଧାନ କରାଯିବା ଉଚିତ।

- **ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନା ଅଧୀନରେ 10 ଲକ୍ଷ ଟଙ୍କା ଋଣ ପାଇବା ପାଇଁ ଗତ 2 ବର୍ଷ ପାଇଁ ଆୟକର ରିଟର୍ଣ୍ଣ ଦାଖଲ କରିବା ବାଧ୍ୟତାମୂଳକ କି?**

- ସାଧାରଣତଃ, କ୍ଷୁଦ୍ର ମୂଲ୍ୟର ଋଣ ପାଇଁ ଆୟକର ରିଟର୍ଣ୍ଣ ଉପରେ ଜୋର ଦିଆଯାଇ ନାହିଁ। ତଥାପି, ସମ୍ପୃକ୍ତ ଋଣଦାତା ସଂସ୍ଥା ଏହାର ଆଭ୍ୟନ୍ତରୀଣ ନିର୍ଦ୍ଦେଶାବଳୀ ଏବଂ ନୀତି ଆଧାରରେ ଆବଶ୍ୟକୀୟ ଡକ୍ୟୁମେଣ୍ଟ ଉପରେ ପରାମର୍ଶ ଦେବେ।

- **ପ୍ରଧାନମନ୍ତ୍ରୀ ମୁଦ୍ରା ଋଣକୁ ସୁବିଧା ଦେବା ପାଇଁ କୌଣସି ଏଜେଣ୍ଟ ଅଛନ୍ତି କି?**

- ମୁଦ୍ରା ଋଣ ପାଇବା ପାଇଁ ମୁଦ୍ରା ଦ୍ୱାରା କୌଣସି ଏଜେଣ୍ଟ କିମ୍ବା ମଧ୍ୟସ୍ଥିଙ୍କୁ ନିଯୁକ୍ତ କରାଯାଏ ନାହିଁ। ଋଣ ଗ୍ରହୀତାମାନଙ୍କୁ ମୁଦ୍ରା ଯୋଜନାର ଏଜେଣ୍ଟ/ସହଯୋଗୀ ଭାବରେ ନିଜକୁ ପରିଚୟ କରୁଥିବା ବ୍ୟକ୍ତିଙ୍କଠାରୁ ଦୂରେଇ ରହିବାକୁ ପରାମର୍ଶ ଦିଆଯାଇଛି।

ମଧ୍ୟସ୍ଥିମାନଙ୍କୁ ମୁଦ୍ରା ଋଣ ମାଧ୍ୟମରେ କମ୍ ସୁଧ ହାରରେ ଟଙ୍କା ଦିଆଯାଇଥିଲା ଯାହା ଦ୍ୱାରା ସେମାନେ ମଧ୍ୟ କମ୍ ସୁଧ ହାରରେ ଲୋକଙ୍କୁ ଋଣ ଦେଇପାରିବେ। ଏଥିପାଇଁ ତିନୋଟି ବର୍ଗ (ବର୍ତ୍ତମାନ ଚାରିଟି) ସ୍ଥିର କରାଯାଇଥିଲା। ଏହା ସହିତ, ଋଣଦାତାଙ୍କ ପାଖକୁ ଫେରିବାକୁ ନପଡ଼ିବା ପାଇଁ ଋଣ ବ୍ୟତୀତ ଆହୁରି କିଛି ଟଙ୍କାର ଆବଶ୍ୟକତା ପୂରଣ କରିବା ପାଇଁ ଏକ ମୁଦ୍ରା କାର୍ଡ ବ୍ୟବସ୍ଥା କରାଯାଇଥିଲା। ଏହି କାର୍ଡକୁ ଜରୁରୀକାଳୀନ ପରିସ୍ଥିତିରେ ବ୍ୟବହାର କରାଯାଇପାରିବ। ମୁଦ୍ରା କାର୍ଡ ଏକ ନୂତନ ଋଣ ପଦକ୍ଷେପ ଯେଉଁଥିରେ ଋଣଗ୍ରହୀତାଙ୍କ ସୁବିଧା ଅନୁଯାୟୀ କୌଣସି ଅସୁବିଧା ବିନା ଋଣ ପାଇପାରିବେ। ଏହା ଋଣଗ୍ରହୀତାଙ୍କ ପାଇଁ ଓଭରଡ୍ରାଫ୍ଟ ସୁବିଧା ପ୍ରଦାନ କରେ। କାରଣ ମୁଦ୍ରା କାର୍ଡ ଏକ ରୁ-ପେ ଡେବିଟ୍ କାର୍ଡ, ଏହାକୁ ଏଟିଏମ୍ କିମ୍ବା ବ୍ୟବସାୟ କରେସପଣ୍ଡେଣ୍ଟରୁ ନଗଦ ଉଠାଇବା କିମ୍ବା ପଏଣ୍ଟ ଅଫ୍ ସେଲ୍ (ପିଓଏସ୍) ମେସିନ୍ ବ୍ୟବହାର କରି କ୍ରୟ କରିବା ପାଇଁ ବ୍ୟବହାର କରାଯାଇପାରିବ। ଏଥିରେ ଅତିରିକ୍ତ ନଗଦ ଉପଲବ୍ଧ ହେଲେ ପରିମାଣ ପରିଶୋଧ କରିବାର ସୁବିଧା ମଧ୍ୟ ଅଛି, ଯାହା ଦ୍ୱାରା ସୁଧ ଖର୍ଚ୍ଚ ହ୍ରାସ ପାଇଥାଏ।

### ଚାକିରି ଖୋଜିବା ନୁହେଁ, ଚାକିରି ସୃଷ୍ଟିକାରୀ

ମୁଦ୍ରା ଯୋଜନା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ହୃଦୟର ବହୁତ ନିକଟତର କାରଣ ଏହି ଯୋଜନାରୁ ଉତ୍ପନ୍ନ କର୍ମଯୋଗୀ, ଉଦ୍ୟୋଗୀ ଯୁବପିଢ଼ି ଏବଂ ମହିଳା ଶକ୍ତି ଆଜି ଦେଶର ସମୃଦ୍ଧି ଏବଂ ସମାଜର କଲ୍ୟାଣରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଉଛନ୍ତି। ଏହି ଯୋଜନା ଯୁବକମାନଙ୍କୁ ଚାକିରି ଖୋଜୁଥିବା ବ୍ୟକ୍ତି ବଦଳରେ ନିଯୁକ୍ତି ସୃଷ୍ଟିକାରୀ ହେବାରେ ସାହାଯ୍ୟ କରିଛି। ପ୍ରଧାନମନ୍ତ୍ରୀ ମୋଦୀ କୁହନ୍ତି, "ମୋ




ବାସଭବନରେ ମୁଦ୍ରା ଯୋଜନାର ହିତାଧିକାରୀଙ୍କ ସହିତ କିଛି ସମୟ ବିତାଇବାର ସୁଯୋଗ ମୋତେ ମିଳିଥିଲା। ସେମାନଙ୍କ ଅଭିଜ୍ଞତା, ସେମାନଙ୍କ ସଂଘର୍ଷ ଏବଂ ସେମାନଙ୍କର ପ୍ରଗତିର କାହାଣୀ ସନ୍ତୋଷ ପ୍ରଦାନ କରେ ଏବଂ ମନକୁ ଗର୍ବରେ ମଧ୍ୟ ଭରିଦିଏ।"

ସରକାରଙ୍କ ଗରିବଙ୍କ ପ୍ରତି ବିଶ୍ୱାସ, ଗରିବଙ୍କ ସ୍ୱପ୍ନରେ ବିଶ୍ୱାସ ଏବଂ ଗରିବଙ୍କ କଠିନ ପରିଶ୍ରମରେ ବିଶ୍ୱାସ ଆଜି ଏହି ଯୋଜନାର ମୂଳଦୁଆ। ମୁଦ୍ରା ଯୋଜନାର ସଫଳତାକୁ ଦେଖି ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି ଯେ ଯଦି ଯୁବପିଢ଼ି ଦଶନ୍ଧି ପୂର୍ବରୁ ମୁଦ୍ରା ଭଳି ଯୋଜନା ପାଇଥାନ୍ତେ, ତେବେ ସହରକୁ ପ୍ରବାସର ସମସ୍ୟା ଏତେ ଗୁରୁତର ହୋଇନଥାନ୍ତା। ଯଦି ଯୁବକମାନଙ୍କୁ ବ୍ୟାଙ୍କ ଗ୍ୟାରେଣ୍ଟି ବିନା ଋଣ ମିଳିଥାନ୍ତା, ଯଦି ସେମାନଙ୍କୁ କମ ସୁଧ ହାରରେ ଋଣ ମିଳୁଥାନ୍ତା, ତେବେ ସେମାନେ ନିଜ ଗାଁ କିମ୍ବା ସହରରେ ରହି ନିଜେ ନିଯୁକ୍ତି ସୃଷ୍ଟି କରିଥାନ୍ତେ। ଆଜି ଗରିବରୁ ଗରିବ ଲୋକ ମଧ୍ୟ କୌଣସି ଗ୍ୟାରେଣ୍ଟି ବିନା ମୁଦ୍ରା ଋଣ ପାଉଛନ୍ତି। ମୁଦ୍ରା ଋଣ ସାହାଯ୍ୟରେ ଜଣେ ସାଧାରଣ ଲୋକ ମଧ୍ୟ ଉଦ୍ୟୋଗୀ ହୋଇପାରିବେ। ଦେଶରେ ପ୍ରତିଭାର ଅଭାବ ନାହିଁ। ପ୍ରତ୍ୟେକ ବ୍ୟକ୍ତି, ସେ କେଉଁ କ୍ଷେତ୍ରରେ ଥାଆନ୍ତୁ କିମ୍ବା କେଉଁ ଶ୍ରେଣୀର, ତାଙ୍କର କିଛି ନା କିଛି ବିଶେଷ ପ୍ରତିଭା ଅଛି। ପ୍ରତିଭାକୁ ଚିହ୍ନିବା ଏବଂ ଏହାକୁ ଉତ୍ସାହିତ କରିବାର ଆବଶ୍ୟକତା ଅଛି। ମୁଦ୍ରା ଯୋଜନା ଲୋକଙ୍କର, ବିଶେଷକରି ଯୁବପିଢ଼ିର ଏହି ପ୍ରତିଭାକୁ ମଜବୁତ କରୁଛି। ଯେତେବେଳେ ପ୍ରତିଭାକୁ ପ୍ରୋତ୍ସାହିତ କରାଯାଏ, ଏହା ଆହୁରି ପ୍ରସ୍ଫୁଟିତ ହୁଏ ଏବଂ ଜୀବନରେ ପରିବର୍ତ୍ତନ ଆଣେ।

ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନା ଅଧୀନରେ, ୨୦ ପ୍ରତିଶତରୁ ଅଧିକ ଋଣ ସେହି ଲୋକମାନଙ୍କୁ ଦିଆଯାଇଛି ଯେଉଁମାନେ ପ୍ରଥମ ଥର ପାଇଁ ନିଜସ୍ୱ ବ୍ୟବସାୟ ଆରମ୍ଭ କରିଥିଲେ କିମ୍ବା ପ୍ରଥମ ଥର ପାଇଁ ମୁଦ୍ରା ଋଣ ଚାହୁଁଥିଲେ। ଏମାନେ ସେହି ଲୋକ ଯେଉଁମାନେ ଥରେ... ନିଯୁକ୍ତିପ୍ରାପ୍ତ ବ୍ୟକ୍ତିମାନେ ଏବେ ନିଯୁକ୍ତି ସୃଷ୍ଟି କରୁଛନ୍ତି। କେବଳ ଏତିକି ନୁହେଁ, ପ୍ରାୟ ୬୮ ପ୍ରତିଶତ ଋଣ ମହିଳା ମାନଙ୍କର। ଯେତେବେଳେ ଜଣେ ମହିଳା ଆଗକୁ ବଢ଼ନ୍ତି, ଆର୍ଥିକ କାର୍ଯ୍ୟକଳାପର କେନ୍ଦ୍ର ହୋଇଯାଆନ୍ତି, ସମଗ୍ର ପରିବାରର ଆତ୍ମବିଶ୍ୱାସ ବୃଦ୍ଧି ପାଏ, ଚିନ୍ତାଧାରା ନିଜେ ପରିବର୍ତ୍ତନ ହୁଏ ଏବଂ ସମାଜ ସଶକ୍ତ ହୁଏ। ମୁଦ୍ରା ଯୋଜନା ମହିଳାମାନଙ୍କର ଆର୍ଥିକ ଶକ୍ତି ଏବଂ ସାମାଜିକ ନିଷ୍ପତ୍ତିରେ ସେମାନଙ୍କର ଅଂଶଗ୍ରହଣକୁ ବୃଦ୍ଧି କରିଛି। ସେହିପରି, ମୁଦ୍ରା ଯୋଜନା ଅଧୀନରେ ୫୦ ପ୍ରତିଶତରୁ ଅଧିକ ଋଣ ପଛୁଆ ସମାଜର ଲୋକଙ୍କୁ ଦିଆଯାଇଛି। ମୁଦ୍ରା ଯୋଜନା ଆର୍ଥିକ ଅନ୍ତର୍ଭୁକ୍ତିର ଏକ ଉତ୍କୃଷ୍ଟ ଉଦାହରଣ ପାଲଟିଛି। ମୁଦ୍ରା ମାଧ୍ୟମରେ, ଏସସି-ଏସଟି ଯୁବକମାନଙ୍କୁ ବ୍ୟବସାୟ ଆରମ୍ଭ କରିବା ପାଇଁ ଏକ ଦୃଢ଼ ପ୍ଲାଟଫର୍ମ ପ୍ରଦାନ କରିବାର ସ୍ୱପ୍ନ ବାସ୍ତବରେ ପରିଣତ ହେଉଛି। ଏହି ଯୋଜନା କାର୍ଯ୍ୟକାରୀ ହେବା ଦ୍ୱାରା ସାରା ଦେଶରେ ପରିବାରର ଜୀବନଶୈଳୀରେ ଉନ୍ନତି ଆସିଛି; ସେମାନେ ସେମାନଙ୍କ ପିଲାମାନଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିପାରିବେ ଏବଂ ଅନ୍ୟମାନଙ୍କୁ ମଧ୍ୟ ଅନେକ ନିଯୁକ୍ତି ସୁଯୋଗ ପ୍ରଦାନ କରିପାରିବେ। ଏହା ସାମାଜିକ ଭାବରେ ପଛୁଆ ବର୍ଗ ପାଇଁ ସବୁଠାରୁ ବଡ଼ ଆର୍ଥିକ ଅନ୍ତର୍ଭୁକ୍ତି।

ଦଶନ୍ଧି ଧରି, ଭାରତ ଦାରିଦ୍ର୍ୟ ବିରୁଦ୍ଧରେ ଲଢ଼ିବା ଏବଂ ଗରିବଙ୍କ ଉନ୍ନତି ପାଇଁ ସମର୍ଥନ କରିବା ଉପରେ କେନ୍ଦ୍ରିତ ଅନେକ ସ୍ଲୋଗାନ

### ହାରାହାରି ଋଣ ଆବଶ୍ୟକତା








> **ଯେତେବେଳେ ଦକ୍ଷତାକୁ ପ୍ରୋତ୍ସାହନ ମିଳେ, ତାହା ଆହୁରି ପ୍ରସ୍ଫୁଟିତ ହୁଏ ଏବଂ ଜୀବନ ପରିବର୍ତ୍ତନ ଆସେ। ଯଦି କାହାର ଏମ୍ବ୍ରୋଡେରୀ କରିବାର ଦକ୍ଷତା ଅଛି, ସେ ମୁଦ୍ରା ଋଣ ନେଇ ଏମ୍ବ୍ରୋଡେରୀ ବ୍ୟବସାୟ ଆରମ୍ଭ କରିପାରିବେ। ଏହା ଦ୍ୱାରା ତାଙ୍କର ହସ୍ତତନ୍ତରେ ବ୍ୟବସାୟ କରିବାକୁ ସାହାଯ୍ୟ ମିଳିବ। ଏକ ପ୍ରକାରେ, ମୁଦ୍ରା ଯୋଜନା ଦେଶର ସାଧାରଣ ଲୋକଙ୍କ ଦକ୍ଷତା ବୃଦ୍ଧି ଏବଂ ଲୋକଙ୍କୁ ସଶକ୍ତ କରିବା ପାଇଁ କାମ କରିଛି।**
>
> **- ନରେନ୍ଦ୍ର ମୋଦୀ, ପ୍ରଧାନମନ୍ତ୍ରୀ**

ଦେଖିଛି। ତଥାପି, ମୁଦ୍ରା ଯୋଜନା ଏକ ଯୋଜନା ଭାବରେ ଠିଆ ହୋଇଛି ଯାହା ପ୍ରକୃତରେ ସୀମାନ୍ତବର୍ତ୍ତୀ ସମ୍ପ୍ରଦାୟକୁ କୌଣସି ପକ୍ଷପାତ ବିନା ଆର୍ଥିକ ଏବଂ ସାମାଜିକ ସହାୟତା ପ୍ରଦାନ କରି ସେମାନଙ୍କୁ ସଶକ୍ତ କରିବା ପାଇଁ କାର୍ଯ୍ୟ କରୁଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ଏକ ଦଶନ୍ଧି ପୂର୍ବରୁ ଆରମ୍ଭ ହୋଇଥିବା ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନା ଆୟ ସୃଷ୍ଟିକାରୀ କାର୍ଯ୍ୟକଳାପରେ ସାମିଲ କ୍ଷୁଦ୍ର, ଅଣ-କର୍ପୋରେଟ୍, ଅଣ-କୃଷି ଉଦ୍ୟୋଗୀମାନଙ୍କ ପାଇଁ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବନ୍ଧକମୁକ୍ତ କ୍ଷୁଦ୍ର ଋଣ ସହଜରେ ପାଇବା ପାଇଁ ଡିଜାଇନ୍ କରାଯାଇଥିଲା। ଏହି ଋଣ ପରିମାଣ ବର୍ତ୍ତମାନ ୨୦ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି।

ଫେବୃଆରୀ ୨୦୨୫ ସୁଦ୍ଧା, ଏହି ଯୋଜନା ଅଧୀନରେ ୫୨ କୋଟିରୁ ଅଧିକ ଋଣ ମଞ୍ଜୁର କରାଯାଇଛି। ମୁଦ୍ରା ଯୋଜନା ସାରା ଦେଶରେ ସୂକ୍ଷ୍ମ ଉଦ୍ୟୋଗ ପାଇଁ ବନ୍ଧକମୁକ୍ତ ଋଣ ପାଇଁ ଅସୁବିଧାମୁକ୍ତ ପ୍ରବେଶକୁ ସୁବିଧା ପ୍ରଦାନ କରିଛି। ଏହି ପଦକ୍ଷେପକୁ ପ୍ରୋତ୍ସାହିତ କରିବା ଉପରେ ସରକାରଙ୍କ ଧ୍ୟାନ ଯୋଗୁଁ, ଲକ୍ଷ ଲକ୍ଷ ଏମ୍‌ଏସ୍‌ଏମ୍‌ଇ (ସୂକ୍ଷ୍ମ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ) କୁ ଆନୁଷ୍ଠାନିକ ଅର୍ଥନୀତିରେ ଅଣାଯାଇଛି, ଯାହା ସେମାନଙ୍କୁ ମହାଜନଙ୍କ ଦ୍ୱାରା ପ୍ରାୟତଃ ଲାଗୁ କରାଯାଇଥିବା ଉଚ୍ଚ-ସୁଧ ଋଣରୁ ରକ୍ଷା କରିବାରେ ସାହାଯ୍ୟ କରିଛି। ଉଦୀୟମାନ ଉଦ୍ୟୋଗୀମାନଙ୍କ ପାଇଁ ଋଣର ସହଜ ଉପଲବ୍ଧତା ନବସୃଜନକୁ ପ୍ରୋତ୍ସାହିତ କରିଛି ଏବଂ ପ୍ରତି ମୁଣ୍ଡପିଛା ଆୟରେ ସ୍ଥିର ଅଭିବୃଦ୍ଧି ଆଣିଛି।

ନିଶ୍ଚିତ ଭାବରେ, ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନା ଭାରତରେ ଉଦ୍ୟୋଗର ଦୃଶ୍ୟପଟକୁ ମୌଳିକ ଭାବରେ ପରିବର୍ତ୍ତନ କରିଛି, ଯାହା ଆର୍ଥିକ ଏବଂ ସାମାଜିକ ଅନ୍ତର୍ଭୁକ୍ତିକରଣରେ ଗୁରୁତ୍ୱପୂର୍ଣ୍ଣ ପ୍ରଗତି ଆଣିଛି। ଏହି ଯୋଜନା ଅଗଣିତ ନୂତନ ଉଦ୍ୟୋଗୀଙ୍କୁ ସେମାନଙ୍କର ବ୍ୟବସାୟିକ ସ୍ୱପ୍ନକୁ ସାକାର କରିବାରେ ସକ୍ଷମ କରିଛି। ବର୍ଷ ବର୍ଷ ଧରି, ଏହି ଯୋଜନା ମହିଳା ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟକୁ ମଧ୍ୟ ସଶକ୍ତ କରିଛି, ଆର୍ଥିକ ଉନ୍ନତି ପାଇଁ ସୁଯୋଗ ସୃଷ୍ଟି କରିଛି ଏବଂ ଅଧିକ ଅନ୍ତର୍ଭୁକ୍ତିମୂଳକ ଅଭିବୃଦ୍ଧି ପାଇଁ ଏକ ପରିବେଶ ସୃଷ୍ଟି କରିଛି। ଋଣ ସୀମା ୨୦ ଲକ୍ଷ ଟଙ୍କାକୁ ବୃଦ୍ଧି ପାଇବା ସହିତ, ମୁଦ୍ରା ଯୋଜନା କ୍ଷୁଦ୍ର ବ୍ୟବସାୟକୁ ପୋଷଣ କରିବା ଏବଂ ଦେଶକୁ ଏକ ଅଧିକ ସମାନ ଏବଂ ସମୃଦ୍ଧ ଭବିଷ୍ୟତ ଆଡ଼କୁ ନେଇଯିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଆସୁଛି।

ଷ୍ଟାଣ୍ଡ-ଅପ୍ ଇଣ୍ଡିଆ ଯୋଜନାକୁ ନଅ ବର୍ଷ

# ଅନୁସୂଚିତ ଜାତି, ଜନଜାତି ଏବଂ ମହିଳା ଉଦ୍ୟୋଗୀଙ୍କୁ ଦୃଢ଼ ସମର୍ଥନ

*ବ୍ୟାଙ୍କ ଜାତୀୟକରଣର ପାଞ୍ଚ ଦଶନ୍ଧି ପରେ ମଧ୍ୟ ୨୦୧୪ ପର୍ଯ୍ୟନ୍ତ, ଦେଶର ପ୍ରାୟ ଅଧା ଜନସଂଖ୍ୟା ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥା ବାହାରେ ଥିଲା। ନରେନ୍ଦ୍ର ମୋଦୀଙ୍କ ସରକାର କ୍ଷମତାକୁ ଆସିବା ପରେ କେବଳ ଯେ ୫୫ କୋଟି ଜନଧନ ଆକାଉଣ୍ଟ ଖୋଲାଯାଇଥିଲା ତା' ନୁହେଁ, ବରଂ ଯୁବକମାନଙ୍କୁ ନିଯୁକ୍ତି ସୃଷ୍ଟିକାରୀ କରିବା ପାଇଁ ବିନା ଗ୍ୟାରେଣ୍ଟିରେ ଋଣ ପ୍ରଦାନ ଯୋଜନା ମଧ୍ୟ ଆରମ୍ଭ କରାଯାଇଥିଲା। ୫ ଏପ୍ରିଲ, ୨୦୧୬ ରେ ଆରମ୍ଭ ହୋଇଥିବା ଷ୍ଟାଣ୍ଡଅପ୍ ଇଣ୍ଡିଆ ଯୋଜନା ଏଥିମଧ୍ୟରୁ ଗୋଟିଏ। ପରିସଂଖ୍ୟାନ ମଧ୍ୟ ଏହି ଯୋଜନାର ସଫଳତାର କାହାଣୀ ବତାଏ। ୯ବର୍ଷ ମଧ୍ୟରେ, ଷ୍ଟାଣ୍ଡଅପ୍ ଇଣ୍ଡିଆ ୨.୬୭ ଲକ୍ଷ ଆବେଦନକାରୀଙ୍କୁ ୬୦ ହଜାର କୋଟି ଟଙ୍କାରୁ ଅଧିକ ଋଣ ଦେଇ ଅନୁସୂଚିତ ଜାତି, ଜନଜାତି ସମ୍ପ୍ରଦାୟ ସହିତ ସମସ୍ତ ବର୍ଗର ମହିଳା ଉଦ୍ୟୋଗୀଙ୍କୁ ନୂତନ ସମର୍ଥନ ଦେଇଛି...*

ଭାରତ ସରକାରଙ୍କ ଷ୍ଟାଣ୍ଡଅପ୍ ଇଣ୍ଡିଆ ଯୋଜନା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଚିନ୍ତାଧାରାର ଫଳାଫଳ, ଯାହାର ଉଦ୍ଦେଶ୍ୟ ହେଉଛି ଦେଶର ନୂତନ ଉଦ୍ୟୋଗୀ ଏବଂ ଯୁବକମାନଙ୍କ ମଧ୍ୟରେ ଆତ୍ମନିଯୁକ୍ତି ସହିତ ଔଦ୍ୟୋଗୀକତା ଭାବନାକୁ ଆର୍ଥିକ ଶକ୍ତି ପ୍ରଦାନ କରିବା। ଅନୁସୂଚିତ ଜାତି, ଜନଜାତି ଏବଂ ମହିଳାମାନଙ୍କୁ ଧ୍ୟାନରେ ରଖି ପ୍ରସ୍ତୁତ କରାଯାଇଥିବା ଷ୍ଟାଣ୍ଡ ଅପ୍ ଇଣ୍ଡିଆ ଯୋଜନା ଆତ୍ମନିର୍ଭର ଭାରତର ସଂକଳ୍ପ ହାସଲ କରିବା ପାଇଁ ଏକ ଦୃଢ଼ ସଂଯୋଗ ଭାବରେ ଉଭା ହୋଇଛି। ଷ୍ଟାଣ୍ଡ ଅପ୍ ଇଣ୍ଡିଆ ଅଧୀନରେ, ଏପର୍ଯ୍ୟନ୍ତ ୮୨% ରୁ ଅଧିକ ଋଣ ମହିଳା ଉଦ୍ୟୋଗୀମାନଙ୍କୁ ଦିଆଯାଇଛି।

## ୧୦ ଲକ୍ଷ ରୁ ୧ କୋଟି ଟଙ୍କା ପର୍ଯ୍ୟନ୍ତ ଋଣ

ଷ୍ଟାଣ୍ଡ ଅପ୍ ଇଣ୍ଡିଆର ଉଦ୍ଦେଶ୍ୟ ହେଉଛି ପ୍ରତ୍ୟେକ ବ୍ୟାଙ୍କ ଶାଖାରେ ଅତି କମରେ ଜଣେ ଅନୁସୂଚିତ ଜାତି କିମ୍ବା ଜନଜାତି ଆବେଦନକାରୀ ଏବଂ ଜଣେ ମହିଳା ଆବେଦନକାରୀଙ୍କୁ ଅନୁସୂଚିତ ବାଣିଜ୍ୟିକ ବ୍ୟାଙ୍କ ମାଧ୍ୟମରେ ଉତ୍ପାଦନ, ସେବା, ବାଣିଜ୍ୟ ଏବଂ କୃଷି ସହିତ ଜଡିତ କାର୍ଯ୍ୟକଳାପ କ୍ଷେତ୍ରରେ ସବୁଜ କ୍ଷେତ୍ର ଉଦ୍ୟୋଗ ସ୍ଥାପନ କରିବା ପାଇଁ ୧୦ ଲକ୍ଷ ରୁ ୧ କୋଟି ଟଙ୍କା ପର୍ଯ୍ୟନ୍ତ ଋଣ ପ୍ରଦାନ କରିବା। ଗ୍ରୀନଫିଲ୍ଡ ଉଦ୍ୟୋଗ ହେଉଛି ସେହି ସଂସ୍ଥା ଯେଉଁମାନେ ଏକ ନୂତନ ଉତ୍ପାଦ ପ୍ରସ୍ତୁତ କରିବାକୁ କିମ୍ବା ଏକ ନୂତନ ସେବା ପ୍ରଦାନ କରିବାକୁ କିମ୍ବା ଏକ ନୂତନ ବଜାରରେ ବିସ୍ତାର କରିବାକୁ ଚାହାଁନ୍ତି। ଏହା ସହିତ, ଯଦି ସଂସ୍ଥା ଋଣ ପାଇଁ ଆବେଦନ କରୁଛି, ତେବେ ଏଥିରେ ଅତି କମରେ ୫୧% ଅଂଶ ଅନୁସୂଚିତ ଜାତି ବା ଜନଜାତି କିମ୍ବା ମହିଳା ଉଦ୍ୟୋଗୀଙ୍କ ପାଖରେ ରହିବା ଉଚିତ। ଆବେଦନକାରୀଙ୍କ ବୟସ ଅତି କମରେ ୧୮ ବର୍ଷ ହେବା ଉଚିତ। ଯଦି ଆବେଦନକାରୀ ପୁରୁଷ, ତେବେ ସେ ଅନୁସୂଚିତ ଜାତି ବା ଜନଜାତି ବର୍ଗର ହେବା ଉଚିତ। ଷ୍ଟାଣ୍ଡଅପ୍ ଇଣ୍ଡିଆର ସରକାରୀ ପୋର୍ଟାଲ୍ https://www.standupmitra.in/Login/ Register ପରିଦର୍ଶନ କରି ଋଣ ପାଇଁ ଆବେଦନ କରିପାରିବେ। ଏହା ବ୍ୟତୀତ, www. jansamarth.in ପୋର୍ଟାଲ୍ ରେ ମଧ୍ୟ ଋଣ ଆବେଦନ କରାଯାଇପାରିବ।



**ଅନୁମୋଦିତ ଋଣ ପରିମାଣ 4 ଥର ବୃଦ୍ଧି ପାଇଛି**

| ମାର୍ଚ୍ଚ, ୨୦୧୮ | ଫେବୃଆରୀ, ୨୦୨୫ |
|---|---|
| ₹ 15,233.78 କୋଟି | ₹ 60,503 କୋଟି |

**ଅନୁମୋଦିତ ଆକାଉଣ୍ଟ: ୨.୬୭ ଲକ୍ଷ**

**ଅନୁମୋଦିତ ପରିମାଣ ୬୦,୫୫୫ ଟଙ୍କା**

*ମାର୍ଚ୍ଚ ୫, ୨୦୨୫ ପର୍ଯ୍ୟନ୍ତ ସଂଖ୍ୟା



# ସହଯୋଗରେ ବିଶ୍ୱ
# ସହଭାଗୀତା ମାଧ୍ୟମରେ ସମୃଦ୍ଧି

***ସମବାୟରୁ ସମୃଦ୍ଧି ମିଶନ ଦ୍ୱାରା, ଜୁଲାଇ ୨୦୨୧ ରେ ଏକ ସ୍ୱତନ୍ତ୍ର ମନ୍ତ୍ରଣାଳୟ ଗଠନ କରାଯାଇଥିଲା, ଏବଂ ବର୍ତ୍ତମାନ, ବିଶ୍ୱ ସହଭାଗୀତା ସହିତ ଏହି ଦିଗରେ ଦୃଢ଼ ପଦକ୍ଷେପ ନିଆଯାଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମାର୍ଚ୍ଚ ୬ ରେ ସମବାୟ କ୍ଷେତ୍ରର ସମୀକ୍ଷାରେ ଏକ ନୂତନ ମନ୍ତ୍ର ଦେଇଥିଲେ...***

ସମବାୟ ସ୍ୱାବଲମ୍ବନର ସର୍ବୋତ୍ତମ ପ୍ରକାଶ ଏବଂ ଦେଶର ଖାଦ୍ୟ ଯୋଗାଣକାରୀମାନଙ୍କୁ ସମୃଦ୍ଧ କରିବା ପାଇଁ ଏକ ଶକ୍ତିଶାଳୀ ମାଧ୍ୟମ। ସହକାର ସେ ସମୃଦ୍ଧିର ନୀତି ଉପରେ ଆଧାରିତ ଭାରତରେ ସମବାୟ ମଡେଲ କେବଳ ସମାବେଶୀ ନୁହେଁ, ବରଂ ପ୍ରତ୍ୟେକ ଗାଁରେ ପହଞ୍ଚିବା ସହିତ, ଏହା ସାମାଜିକ ଏବଂ ଅର୍ଥନୈତିକ ବନ୍ଧନକୁ ମଧ୍ୟ ସୁଦୃଢ଼ କରିବା ଲକ୍ଷ୍ୟରେ ରହିଛି। ବର୍ତ୍ତମାନ, ଏହାକୁ ଆହୁରି ମଜବୁତ କରିବା ଦିଗରେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭାରତୀୟ ସମବାୟ କ୍ଷେତ୍ରର ବିସ୍ତାର ଏବଂ ସମବାୟ ସଂଗଠନ ମାଧ୍ୟମରେ ଜୈବିକ ଉତ୍ପାଦର ପ୍ରୋତ୍ସାହନ ପାଇଁ ବିଶ୍ୱସ୍ତରୀୟ ସଂଗଠନଗୁଡ଼ିକ ସହିତ ସହଭାଗୀତାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଛନ୍ତି। ସମବାୟ କ୍ଷେତ୍ରର ପ୍ରଗତି ସମୀକ୍ଷା ପାଇଁ ଏକ ଉଚ୍ଚସ୍ତରୀୟ ବୈଠକର ଅଧ୍ୟକ୍ଷତା କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରପ୍ତାନି ବଜାର ଉପରେ ଧ୍ୟାନ ଦେବା ଏବଂ କୃଷି ପଦ୍ଧତିରେ ଉନ୍ନତି ଆଣିବା ପାଇଁ ସମବାୟ ସମାଜ ମାଧ୍ୟମରେ ମୃତ୍ତିକା ପରୀକ୍ଷା ମଡେଲ ବିକଶିତ କରିବା ପାଇଁ ମଧ୍ୟ ପରାମର୍ଶ




## ଦେଶର ଜନସଂଖ୍ୟାର ଏକ-ପଞ୍ଚମାଂଶ ସମବାୟ କ୍ଷେତ୍ର ସହିତ ଜଡ଼ିତ

- ବର୍ତ୍ତମାନ, ଦେଶର ଜନସଂଖ୍ୟାର ଏକ-ପଞ୍ଚମାଂଶ ସମବାୟ କ୍ଷେତ୍ର ସହିତ ଜଡ଼ିତ। ଏଥିରେ ୩୦ ରୁ ଅଧିକ କ୍ଷେତ୍ରରେ ୮.୨ ଲକ୍ଷରୁ ଅଧିକ ସମବାୟ ପ୍ରତିଷ୍ଠାନ ରହିଛି। ୩୦ କୋଟିରୁ ଅଧିକ ଲୋକ ଏହାର ସଦସ୍ୟ।
- 'ସମବାୟରୁ ସମୃଦ୍ଧି'ର ଦୃଷ୍ଟିକୋଣକୁ ସାକାର କରି, ସମବାୟ ମନ୍ତ୍ରଣାଳୟ ଏକ ବିସ୍ତୃତ ପରାମର୍ଶ ପ୍ରକ୍ରିୟା ମାଧ୍ୟମରେ ଜାତୀୟ ସମବାୟ ନୀତି ୨୦୨୫ ର ଏକ ଖସଡ଼ା ପ୍ରସ୍ତୁତ କରିଛି। ଏହା ସମବାୟ କ୍ଷେତ୍ରର ବ୍ୟବସ୍ଥିତ ଏବଂ ସାମଗ୍ରିକ ବିକାଶକୁ ସହଜ କରିବା ପାଇଁ ଲକ୍ଷ୍ୟ ରଖିଛି।
- ସମବାୟ ଆନ୍ଦୋଳନକୁ ପ୍ରୋତ୍ସାହିତ ଏବଂ ସୁଦୃଢ଼ କରିବା ପାଇଁ ମନ୍ତ୍ରଣାଳୟ ୭ଟି ପ୍ରମୁଖ କ୍ଷେତ୍ରରେ ୬୦ଟି ପଦକ୍ଷେପ ଗ୍ରହଣ କରିଛି।
- ଭାରତ ସରକାର ସମବାୟ ପାଇଁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରିଛନ୍ତି, ଯେଉଁଥିରେ ପ୍ରାଥମିକ କୃଷି ଋଣ ସମାଜ (ପ୍ୟାକ୍ସ) ସ୍ତରରେ ୧୦ରୁ ଅଧିକ ମନ୍ତ୍ରଣାଳୟର ୧୫ରୁ ଅଧିକ ଯୋଜନାକୁ ସମନ୍ୱିତ କରାଯାଇଛି।

## ଦୁଗ୍ଧ କ୍ଷେତ୍ରରେ ସ୍ଥାୟୀତ୍ୱ ଏବଂ ସର୍କୁଲାରିଟି ଉପରେ କର୍ମଶାଳାର ଉଦଘାଟନ


କେନ୍ଦ୍ର ସମବାୟ ମନ୍ତ୍ରୀ ଅମିତ ଶାହ ମାର୍ଚ୍ଚ ୩ ରେ ନୂଆଦିଲ୍ଲୀରେ 'ଦୁଗ୍ଧ କ୍ଷେତ୍ରରେ ସ୍ଥାୟୀତ୍ୱ ଏବଂ ସର୍କୁଲାରିଟି ଉପରେ କର୍ମଶାଳା' ଉଦଘାଟନ କରିଥିଲେ। ଏହି କର୍ମଶାଳା ସମବାୟ ମନ୍ତ୍ରଣାଳୟ ଏବଂ ମତ୍ସ୍ୟ, ପଶୁପାଳନ ଏବଂ ଡେରୀ ମନ୍ତ୍ରଣାଳୟର ନୀତି ଏବଂ ପଦକ୍ଷେପ ଉପରେ କେନ୍ଦ୍ରିତ ଥିଲା। ଏହାର ଉଦ୍ଦେଶ୍ୟ ହେଉଛି ଦୁଗ୍ଧ ଚାଷରେ ସ୍ଥାୟୀତ୍ୱ ସହିତ ଆର୍ଥିକ ବିକାଶ ସୁନିଶ୍ଚିତ କରିବା ସହ ପରିବେଶ ସୁରକ୍ଷା ସୁନିଶ୍ଚିତ କରିବା। ଉଦଘାଟନୀ କାର୍ଯ୍ୟକ୍ରମରେ ସମବାୟ ମନ୍ତ୍ରୀ ଅମିତ ଶାହ କହିଥିଲେ ଯେ ଆଜି ଯେତେବେଳେ ଆମେ ଶ୍ୱେତ ବିପ୍ଳବ-୨ ଆଡକୁ ଅଗ୍ରସର ହେଉଛୁ, ସେତେବେଳେ ସ୍ଥାୟୀତ୍ୱ ଏବଂ ସର୍କୁଲାରିଟିର ଗୁରୁତ୍ୱ ବହୁତ ବଢ଼ିଯାଏ। ଶ୍ୱେତ ବିପ୍ଳବ – ୧ ରୁ ଏପର୍ଯ୍ୟନ୍ତ ଯାହା ହାସଲ ହୋଇଛି ତାହା ସହିତ ସ୍ଥାୟୀତ୍ୱ ଏବଂ ସର୍କୁଲାରିଟି ଏପର୍ଯ୍ୟନ୍ତ ହାସଲ ହୋଇପାରିନାହିଁ। ସେ କହିଥିଲେ ଯେ ଶ୍ୱେତ ବିପ୍ଳବ ୨.୦ ର ମୁଖ୍ୟ ଲକ୍ଷ୍ୟ ହେଉଛି ସ୍ଥାୟୀତ୍ୱ ଏବଂ ସର୍କୁଲାରିଟି, ଏବଂ ଏଗୁଡ଼ିକ ଆରମ୍ଭରୁ ଯତ୍ନ ନେବା ଉଚିତ। କର୍ମଶାଳା ସମୟରେ, ଅନେକ ରାଜ୍ୟରେ ବାୟୋଗ୍ୟାସ୍ ପ୍ଲାଣ୍ଟ ସ୍ଥାପନ ପାଇଁ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା, ଏବଂ ବୃତ୍ତାକାର ଦୁଗ୍ଧ ପଦ୍ଧତିର ପ୍ରସାରଣ ଉପରେ ଆଲୋଚନା କରାଯାଇଥିଲା। ଏହା ସହିତ, ଦୁଗ୍ଧ ଚାଷକୁ ଅଧିକ ଦକ୍ଷ କରିବାରେ ଉନ୍ନତ ପ୍ରଯୁକ୍ତିର ଭୂମିକା ଉପରେ ଆଲୋକପାତ କରିଥିଲା। ଭାରତ ସରକାରଙ୍କ ପଶୁପାଳନ ଏବଂ ଦୁଗ୍ଧ ବିଭାଗ ଦ୍ୱାରା ଜାତୀୟ ଦୁଗ୍ଧ ବିକାଶ ବୋର୍ଡ ସହଯୋଗରେ ଏହି କର୍ମଶାଳା ଆୟୋଜିତ ହୋଇଥିଲା।

ଦେଇଥିଲେ। ଏହା ସହିତ, ପ୍ରଧାନମନ୍ତ୍ରୀ ମୋଦୀ ଆର୍ଥିକ କାରବାରକୁ ସହଜ କରିବା ପାଇଁ ରୁ-ପେ କିସାନ କ୍ରେଡିଟ୍ କାର୍ଡ ସହିତ ୟୁପିଆଇକୁ ସଂହତ କରିବାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ ଏବଂ ସମବାୟ ସଂଗଠନଗୁଡ଼ିକ ମଧ୍ୟରେ ସୁସ୍ଥ ପ୍ରତିଯୋଗିତାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ।

ସମବାୟ କ୍ଷେତ୍ରରେ ପ୍ରଯୁକ୍ତିବିଦ୍ୟା ଅନ୍ତର୍ଭୁକ୍ତି ସାହାଯ୍ୟରେ 'ସମବାୟରୁ ସମୃଦ୍ଧି'କୁ ପ୍ରୋତ୍ସାହିତ କରିବା ପାଇଁ ଯୋଜନାଗୁଡ଼ିକ ଉପରେ ମଧ୍ୟ ଆଲୋଚନା କରାଯାଇଥିଲା, ଯାହା ଫଳରେ ସମବାୟ କ୍ଷେତ୍ରରେ ଯୁବପିଢ଼ି ଏବଂ ମହିଳାମାନଙ୍କ ଅଂଶଗ୍ରହଣ ବୃଦ୍ଧି ପାଇବ। ବୈଠକରେ ପ୍ରଧାନମନ୍ତ୍ରୀ ମୋଦୀ ସ୍ୱଚ୍ଛତା ସୁନିଶ୍ଚିତ କରିବା ପାଇଁ ସମବାୟ ସଂଗଠନଗୁଡ଼ିକର ସମ୍ପତ୍ତିର ନଥୀକରଣ ଉପରେ ଗୁରୁତ୍ୱାରୋପ କରିଥିଲେ। ସେ ସମବାୟ କୃଷିକୁ ଏକ ଅଧିକ ସ୍ଥାୟୀ କୃଷି ମଡେଲ୍ ଭାବରେ ପ୍ରୋତ୍ସାହିତ କରିବାକୁ ମଧ୍ୟ ପରାମର୍ଶ ଦେଇଥିଲେ।

## ସ୍କୁଲ, କଲେଜ ଏବଂ ଆଇଆଇଏମ୍ ରେ ପଢାଯିବ ସମବାୟ ପାଠ

ସମୀକ୍ଷା ବୈଠକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସମବାୟ କ୍ଷେତ୍ରରେ କୃଷି ଏବଂ ସମ୍ପର୍କିତ କାର୍ଯ୍ୟକଳାପକୁ ବିସ୍ତାର କରିବା ପାଇଁ ଡିଜିଟାଲ୍ ସାର୍ବଜନୀନ ଭିତ୍ତିଭୂମି (ଏଗ୍ରିଷ୍ଟାକ୍) ବ୍ୟବହାର କରିବାକୁ ପରାମର୍ଶ ଦେଇଥିଲେ। ଏହା କୃଷକମାନଙ୍କୁ କୃଷି କ୍ଷେତ୍ର ସହିତ ଜଡିତ ସେବା ପାଇବାକୁ ସହଜ କରିବ। ପ୍ରଧାନମନ୍ତ୍ରୀ ମୋଦୀ ସ୍କୁଲ, କଲେଜ ଏବଂ ଭାରତୀୟ ପରିଚାଳନା ପ୍ରତିଷ୍ଠାନରେ ସମବାୟ ପାଠ୍ୟକ୍ରମ ଆରମ୍ଭ କରିବା ସହିତ ଭବିଷ୍ୟତ ପିଢ଼ିକୁ ପ୍ରେରଣା ଦେବା ପାଇଁ ମଧ୍ୟ ପ୍ରସ୍ତାବ ଦେଇଥିଲେ।



# ଦେବଭୂମି ଉତ୍ତରାଖଣ୍ଡରେ 'ଅଣ- ଋତୁ' ବୋଲି କିଛି ରହିବା ଅନୁଚିତ

***ଘନ ସବୁଜିମାଭରା ଜଙ୍ଗଲ, ତୁଷାର ଆଚ୍ଛାଦିତ ଗିରିଶୃଙ୍ଗ, ଛନ୍ଦମୟ ନଦୀର ଧାର ଏବଂ ଆସ୍ଥାରେ ଭରପୂର ଉପତ୍ୟକାମାନ ଉତ୍ତରାଖଣ୍ଡକୁ ଦେବତାମାନଙ୍କ ଭୂମିରେ ପରିଣତ କରିବା ସହ ସମସ୍ତଙ୍କୁ ଆକର୍ଷିତ କରିଆସୁଛି । ଏହା ଚାରିଧାମ ପ୍ରକଳ୍ପ ହୋଇଥାଉଅବା ପର୍ଯ୍ୟଟନ ସମ୍ପର୍କୀତ ସକଳ ପ୍ରକାର ନୂତନ ବିକା ଯୋଜନା ହୋଇଥାଉ ଏହି ଭୂମି ପ୍ରତି ଦିନ ସୁଯୋଗର ଏକ ନୂତନ ଦିଗ ରଚନା କରିଚାଲିଛି । ଶୀତ ପର୍ଯ୍ୟଟନ ସହିତ, ଉତ୍ତରାଖଣ୍ଡ ବର୍ତ୍ତମାନ ସମ୍ଭାବନାର ନୂତନ ଦ୍ୱାର ଉନ୍ମୋଚନ କରିଛି ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନିବେଦନ କରିଛନ୍ତି ଯେ ପର୍ଯ୍ୟଟକମାନଙ୍କ ସକାଶେ ଏହି ପ୍ରକୃତି କୋଳରେ ବିରାଜମାନ କରିଥିବା ଏହି ରାଜ୍ୟରେ କୌଣସି ମାସ 'ଅଣ- ପର୍ଯ୍ୟଟକ ଋତୁ'ବୋଲି ରହିବନାହିଁ...***

ବିଗତ କିଛି ବର୍ଷ ଧରି, ଉତ୍ତରାଖଣ୍ଡ ସରକାର କେନ୍ଦ୍ର ସରକାରଙ୍କ ସହାୟତାରେ ବିକାଶର ନୂତନ ଦିଗ ରଚନା କରି ଚାଲିଛନ୍ତି । ସରକାର ପରିବେଶ ପର୍ଯ୍ୟଟନ ଠାରୁ ଆରମ୍ଭ କରି ଚାର ଧାମ ଯାତ୍ରା ସ୍ଥାନ ପର୍ଯ୍ୟନ୍ତ, ପାର୍ବତ୍ୟ ବାଇକିଂ ଠାରୁ ନେଇ ପର୍ବତାରୋହ ଏବଂ ସ୍କେଟିଂ ଠାରୁ ବରଫ କ୍ରୀଡ଼ା ଯାଏଁ ଅନେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସଂପାଦନ କରିଛନ୍ତି । ଏଥିପାଇଁ ଗତ ୧୦ ବର୍ଷ ମଧ୍ୟରେ ସରକାର ଉତ୍ତରାଖଣ୍ଡର ବିକାଶ ନିମନ୍ତେ ହଜାର ହଜାର କୋଟି ଟଙ୍କା ନିବେଶ କରିଛନ୍ତି । ଗତ କିଛି ବର୍ଷ ମଧ୍ୟରେ ସରକାରଙ୍କ ଏହିସବୁ ପ୍ରୟାସର ଫଳଶ୍ରୁତି ସ୍ୱରୂପଉତ୍ତରାଖଣ୍ଡରେ ପର୍ଯ୍ୟଟନ ଏବଂ ନିଯୁକ୍ତି ସୁଯୋଗ ବୃଦ୍ଧି ପାଇବାରେ ଲାଗିଛି । ଶ୍ରଦ୍ଧାଳୁମାନଙ୍କ ସକାଶେ ସୁବିଧା ସୁଯୋଗ ବୃଦ୍ଧି ପାଇବା ଯୋଗୁ, ୨୦୨୪ ମସିହା ପୂର୍ବରୁ ପ୍ରତି ବର୍ଷ ଚାର ଧାମ ଯାତ୍ରାରେ ମାତ୍ର ୧୮ ଲକ୍ଷ ତୀର୍ଥଯାତ୍ରୀ ଆସୁଥିଲେ ଯାହା ଏବେ ବୃଦ୍ଧି ପାଇ ବର୍ଷକୁ ୫୦ ଲକ୍ଷ ଛୁଇଁଛି ।

ଉତ୍ତରାଖଣ୍ଡ ପାଇଁ ପର୍ଯ୍ୟଟନ କ୍ଷେତ୍ରର ବିବିଧିକରଣ ଏବଂ ସମ୍ପ୍ରସାରଣ ଏବଂ ସାରା ବର୍ଷ ପର୍ଯ୍ୟଟନ ସୁବିଧା କରାଯିବା ଏକାନ୍ତ ଜରୁରି ବୋଲି କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ । ସେ କହିଛନ୍ତି ଯେ ମାର୍ଚ୍ଚ ୬ ତାରିଖ ଦିନ ଉତ୍ତରାଖଣ୍ଡର ହର୍ଷାଲୀ ଠାରେ ଶୀତ ପର୍ଯ୍ୟଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଚାହାନ୍ତି ଯେ ଉତ୍ତରାଖଣ୍ଡରେ ପର୍ଯ୍ୟଟକମାନଙ୍କ ପାଇଁ 'ଅଣ-ଋତୁ'ବୋଲି କିଛି ନରହୁ ଏବଂ ପ୍ରତି ଋତୁରେ ଏଠାକୁ ପର୍ଯ୍ୟଟକମାନଙ୍କ ଆଗମନ ହେଉ । ସାଧାରଣତଃ ପାର୍ବତ୍ୟ କ୍ଷେତ୍ରମାନଙ୍କୁ ପର୍ଯ୍ୟଟକମାନଙ୍କ ଆଗମନ ଋତୁ ଆଧାରିତ ହୋଇଥାଏ । ମାର୍ଚ୍ଚ, ଅପ୍ରେଲ, ମେ ଏବଂ ଜୁନ୍ ମାସରେ ଏଠାକୁ ସର୍ବାଧିକ ପର୍ଯ୍ୟଟକଙ୍କ ଆଗମନ ଘଟିଥାଏ । କିନ୍ତୁ ତାହା ପରେ ପର୍ଯ୍ୟଟକମାନଙ୍କ ଆଗମନ ସଂଖ୍ୟା ଧୀରେ ଧୀରେ ହ୍ରାସ ପାଇଥାଏ । ତେଣୁ ଏଠାକାର ଅଧିକାଂଶ ହୋଟେଲ୍, ରିସୋର୍ଟ ଏବଂ ହୋମଷ୍ଟେ' ଶୀତଦିନ ସାରା ଖାଲି ପଡ଼ିଥାଏ । ଏଭଳି ଅସନ୍ତୁଳନ ଯୋଗୁ ଉତ୍ତରାଖଣ୍ଡ ବର୍ଷର ଅଧିକାଂଶ ସମୟ ଆର୍ଥିକ ଦୃଷ୍ଟିକୋଣରୁ ସ୍ଥିର ରହିଥାଏ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ଯେ ଉତ୍ତରାଖଣ୍ଡକୁ ଶୀତଦିନେ ସୁଦ୍ଧା ପରିଦର୍ଶନରେ ଆସିହେବ ଏବଂ ସେତିକିବେଳେ ହିଁ ଦେବଭୂମିର ଦିବ୍ୟ ସ୍ୱରୂପକୁ ସର୍ବାଧିକ ମାତ୍ରାରେ ଉପଭୋଗ କରିହେବ ।

## ପ୍ରଧାନମନ୍ତ୍ରୀଙ୍କ ନିବେଦନ

- ଶୀତ ଦିନେ ପାର୍ବତ୍ୟ ପର୍ଯ୍ୟଟନ ନିମନ୍ତେ ଯୁବଗୋଷ୍ଠୀ ପାର୍ବତ୍ୟାଞ୍ଚଳକୁ ଭ୍ରମଣରେ ଆସିବା ଉଚିତ।
- ଗଢ଼ୱାଲରେ' ଗ୍ରାମ ଟାପୋ ପର୍ଯ୍ୟଟନ'ଚିନ୍ତାଧାରା ପାଇଁ ପ୍ରଧାନମନ୍ତ୍ରୀ ପରାମର୍ଶ ଦେଇଛନ୍ତି ।
- କର୍ପୋରେଟ୍ ସଂସ୍ଥାମାନେ ଉତ୍ତରାଖଣ୍ଡରେ ସେମାନଙ୍କର ବୈଠକ, ସମ୍ମିଳନୀ ଏବଂ ପ୍ରଦର୍ଶନୀମାନ ଆୟୋଜନ କରିବା ଉଚିତ ।
- ଶୀତଦିନେ ଉତ୍ତରାଖଣ୍ଡରେ ବିବାହ ଉତ୍ସବ ସଂପାଦନ ନିମନ୍ତେ ଅଗ୍ରାଧିକାର ପ୍ରଦାନ କରାଯିବା ଜରୁରି ।
- ଶୀତଦିନ ଉତ୍ତରାଖଣ୍ଡରେ ଚଳଚ୍ଚିତ୍ର ସୁଟିଂ ନିମନ୍ତେ ସର୍ବୋତ୍କୃଷ୍ଟ ସମୟ ଏବଂ ସ୍ଥାନ ।
- ଉତ୍ତରାଖଣ୍ଡର ଉଷ୍ମ ପ୍ରସବଣ ଗୁଡ଼ିକକୁ ନିରାମୟ ସ୍ପା' ଭାବରେ ବିକାଶ କରାଯିବା ଆବଶ୍ୟକ ।
- ବରଫାବୃତ୍ତ ଅଞ୍ଚଳରେ ଶୀତଦିନିଆ ଯୋଗ ଶିବିରମାନ ଆୟୋଜନ କରାଯିବା ଉଚିତ ।
- ଶୀତଦିନେ ଉତ୍ତରାଖଣ୍ଡରେ ବିଶେଷ ବନ୍ୟପ୍ରାଣୀ ସଫାରୀର ଆୟୋଜନ କରାଯିବା ବାଞ୍ଛନୀୟ ।
- ଶୀତଦିନିଆ ପର୍ଯ୍ୟଟନକୁ ଯୁବଗୋଷ୍ଠୀ ଏବଂ କଣ୍ଟେଣ୍ଟ୍ ସୃଜକମାନେ ପ୍ରୋତ୍ସାହିତ କରିବା ଜରୁରି ।
- କଣ୍ଟେଣ୍ଟ୍ ସୃଜକମାନଙ୍କ ଦ୍ୱାରା ଏଠାରେ କ୍ଷୁଦ୍ର ଚଳଚ୍ଚିତ୍ର ଉପରେ ଏକ ପ୍ରତିଯୋଗିତା ଆୟୋଜନ କରାଯିବା ଆବଶ୍ୟକ ।

**ମୁଦ୍ରା ଋଣ:** ପର୍ଯ୍ୟଟନ ଏବଂ କର୍ମନିଯୁକ୍ତିକୁ ପ୍ରୋତ୍ସାହିତ କରିବା ସକାଶେ ଉତ୍ତରାଖଣ୍ଡରେ ହୋମ୍- ଷ୍ଟେ'କୁ ପ୍ରୋତ୍ସାହିତ କରାଯିବ । ଏଥି ନିମନ୍ତେ, କେନ୍ଦ୍ର ସରକାର ମୁଦ୍ରା ଋଣ ଯୋଗାଇ ଦେବା ସକାଶେ ସ୍ଥିର କରିଛନ୍ତି । କେନ୍ଦ୍ର ସରକାରଙ୍କ ଏହି ନିଷ୍ପତ୍ତି ଫଳରେ ହୋମ୍ ଷ୍ଟେ'ର ଧାରା ପାର୍ବତ୍ୟ ରାଜ୍ୟମାନଙ୍କରେ ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି ।

**କେଦାରନାଥ ରୋପ୍ ୱେ ପ୍ରକଳ୍ପ କାର୍ଯ୍ୟ ନିର୍ମାଣ ସରିବା ପରେ, ବର୍ତ୍ତମାନ ଏହି ଯାତ୍ରା ନିମନ୍ତେ ୮ରୁ ୯ ଘଣ୍ଟା ସମୟ ଲାଗୁଥିବାବେଳେ ତାହା ମାତ୍ର ୩୦ ମିନିଟ ଭିତରେ ସମ୍ପନ୍ନ ହୋଇପାରିବ ।**

> **ଆମର ପର୍ଯ୍ୟଟନ କ୍ଷେତ୍ରର ବିବିଧିକରଣ... ଏହାକୁ ସବୁଦିନିଆ କରିବା... ଉତ୍ତରାଖଣ୍ଡ ନିମନ୍ତେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ମୁଁ ଚାହେଁ ଯେ ଉତ୍ତରାଖଣ୍ଡକୁ ପର୍ଯ୍ୟଟକମାନଙ୍କ ନିମନ୍ତେ କୌଣସି ଅଫ୍- ସିଜିନ୍ ନରହୁ... ପ୍ରତି ଋତୁରେ ଏଠାକୁ ପର୍ଯ୍ୟଟକମାନଙ୍କ ଆଗମନ ଜାରି ରହୁ ।**
>
> **- ନରେନ୍ଦ୍ର ମୋଦୀ, ପ୍ରଧାନମନ୍ତ୍ରୀ**

ଉତ୍ତରାଖଣ୍ଡରେ ଶୀତଦିନ ଧର୍ମୀୟ ପର୍ଯ୍ୟଟନରେ ଆସିବାର ବିଶେଷ ମହତ୍ତ୍ୱ ରହିଛି ଏବଂ ସେହି ସମୟରେ ହିଁ ଅନେକ ଦିବ୍ୟ ଧାମରେ ବିଭିନ୍ନ ପ୍ରକାର ବିଶେଷ ରୀତି ନୀତିମାନ ଅନୁଷ୍ଠିତ ହୋଇଥାଏ । ବିଗତ କିଛି ବର୍ଷ ମଧ୍ୟରେ, ଚାର ଧାମ ସବୁଦିନିଆ ମାର୍ଗ, ଆଧୁନିକ ଏକ୍ସପ୍ରେସ୍ ୱେ', ରେଳବାଇ, ବିମାନ ଏବଂ ହେଲିକପ୍ଟର ସେବାର ସମ୍ପ୍ରସାରଣ ଘଟାଯାଇଛି । ସେହିଭଳି ଉତ୍ତରାଖଣ୍ଡର ପାର୍ବାତ୍ୟାଞ୍ଚଳରେ ଇକୋ- ଲୋଜ୍ଜ୍ବ୍, ସମ୍ମିଳନୀ କେନ୍ଦ୍ର ଏବଂ ହେଲିପ୍ୟାଡର ବିକାଶ କରାଯାଉଛି । ଟିମ୍ବେର- ସୈନ ମହାଦେବ, ମାନା ଗ୍ରାମ ଏବଂ ଜାଦୁଙ୍ଗ ଗ୍ରାମ ଭଳି ସ୍ଥାନରେ ଥିବା ପର୍ଯ୍ୟଟନ ସଂସାଧନର ମଧ୍ୟ ପୁଣି ଥରେ ବିକାଶ ଘଟାଯାଉଛି । ପର୍ଯ୍ୟଟନ ମାଧ୍ୟମରେ ଉତ୍ତରାଖଣ୍ଡର ସୀମାନ୍ତବର୍ତ୍ତୀ କ୍ଷେତ୍ର ଗୁଡ଼ିକର ବିକାଶ କାର୍ଯ୍ୟକୁ ମଧ୍ୟ ସରକାର ସଂପାଦନ କରୁଛନ୍ତି ।



**ଐତିହ୍ୟ ସହିତ ବିକାଶ ଯୋଜନା**

# କେଦାରନାଥ- ହେମକୁଣ୍ଡ ସାହିବ ପାଇଁ ନିର୍ମିତ ହେବ ରୋପ୍ ୱେ

*କେଦାରନାଥ ଧାମ ଏବଂ ହେମକୁଣ୍ଡ ସାହିବ ଭାରତୀୟ ଆସ୍ଥାର ପ୍ରତୀକ ଏବଂ ଏହି ଦୁଇଟିଯାକ ସ୍ଥଳୀ ଏଭଳି ଅଗମ୍ୟ ସ୍ଥାନରେ ଅବସ୍ଥିତ ଯେଉଠାକୁ ଅତି ଦୀର୍ଘ ଓ ଦୁର୍ଗମ ପଥ ଦେଇ ଶ୍ରଦ୍ଧାଳୁମାନଙ୍କୁ ପାଦରେ ଚାଲି ଚାଲି ଯିବାକୁ ପଡ଼ିଥାଏ । ଏହି ସମସ୍ୟାର ସମାଧାନ ନିମନ୍ତେ ସରକାର ଆଗକୁ ପାଦ ବଢ଼ାଇଛନ୍ତି ଏବଂ 'ବିକାଶ ଓ ଐତିହ୍ୟ'ର ସଂକଳ୍ପ ମାଧ୍ୟମରେ ସେଠାରେ ଏକ ରୋପ ୱେ ନିର୍ମାଣ ଲାଗି ନିଷ୍ପତ୍ତି ଗ୍ରହଣ କରିଛନ୍ତି । ଏ ସମ୍ପର୍କୀତ ପ୍ରସ୍ତାବକୁ କେନ୍ଦ୍ର କ୍ୟାବିନେଟ୍ ଅନୁମୋଦନ କରିଛି...*

**ନିଷ୍ପତ୍ତି:** ଗୋବିନ୍ଦଘାଟ ଠାରୁ ହେମକୁଣ୍ଡସାହିବଜୀ ପର୍ଯ୍ୟନ୍ତ ଏକ ରୋପ୍ ୱେ ନିର୍ମାଣ କରାଯିବ ।

**ପ୍ରଭାବ:** ୨,୭୩୦.୧୩ କୋଟି ଟଙ୍କା ବ୍ୟୟରେ ଗୋବିନ୍ଦଘାଟ ଠାରୁ ହେମକୁଣ୍ଡ ସାହିବ ପର୍ଯ୍ୟନ୍ତ ଏକ ରୋପ୍ ୱେ ନିର୍ମାଣ କରାଯିବ । ଏହି ରୋପ୍ ୱେ ଜରିଆରେ ପ୍ରତି ଘଣ୍ଟାରେ ୧,୧୦୦ ଜଣ ଯାତ୍ରୀ ସେଠାକୁ ଯାତ୍ରା କରିପାରିବେ ଏବଂ ପ୍ରତିଦିନ ୧୧ ହଜାର ତୀର୍ଥଯାତ୍ରୀଙ୍କ ଯାତାୟାତ ବ୍ୟବସ୍ଥା କରାଯିବ । ହେମକୁଣ୍ଡ ସାହିବ ଉତ୍ତରାଖଣ୍ଡର ଚମୋଲି ଜିଲ୍ଲାରେ ଅବସ୍ଥିତ । ସମୁଦ୍ର ପତ୍ତନଠାରୁ ଏହା ପ୍ରାୟ ୧୫ ହଜାର ଫୁଟ ଉଚ୍ଚତାରେ ଅବସ୍ଥିତ । ଏଠାରେ ଅବସ୍ଥିତ ଗୁରୁଦ୍ୱାରଟି ବର୍ଷକୁ ପ୍ରାୟ ପାଞ୍ଚମାସ ପାଇଁ ଖୋଲା ରହିଥାଏ । ବର୍ତ୍ତମାନ ହେମକୁଣ୍ଡ ସାହିବ ପର୍ଯ୍ୟନ୍ତ ଯାତ୍ରା ଅତ୍ୟନ୍ତ କଷ୍ଟସାଧ୍ୟ ହେଉଛି । ଏଥି ନିମନ୍ତେ ଦୁର୍ଗମ ପଥରେ ପାଦରେ ଚାଲି ଚାଲି ଗୋବିନ୍ଦଘାଟ ଠାରୁ ୨୧ କିଲୋମିଟର ପଥ ଅତିକ୍ରମ କରିବାକୁ ପଡ଼ିଥାଏ । ପାଦଚଲା ବ୍ୟତୀତ, ଖଚର କିମ୍ବା ପାଲିଙ୍କିରେ ବସି ମଧ୍ୟ ସେଠାରେ ପହଂଚିବାର ବିକଳ୍ପ ବ୍ୟବସ୍ଥା ରହିଛି । ତେଣୁ ପ୍ରସ୍ତାବିତ ରୋପ୍ ୱେ ହେମକୁଣ୍ଡ ସାହିବ ଦର୍ଶନ କରିବାକୁ ଇଚ୍ଛୁକ ଶ୍ରଦ୍ଧାଳୁମାନଙ୍କୁ ବେଶ୍ ସୁବିଧା ପ୍ରଦାନ କରିବ ଏବଂ ପର୍ଯ୍ୟଟକମାନେ ସେଠାରୁ ପୁଷ୍ପ ଉପତ୍ୟକା 'ଭେଲୀ ଅଫ୍ ଫ୍ଲାୱାର୍ସ'କୁ ମଧ୍ୟ ଯାଇପାରିବେ । ଏହି ରୋପ୍ ୱେ ମାଧ୍ୟମରେ ମାତ୍ର ୪୨ ମିନିଟ ମଧ୍ୟରେ ସମ୍ପୂର୍ଣ୍ଣ ପଥକୁ ଅତିକ୍ରମ କରାଯାଇ ପାରିବ ।






ରୋପ୍ ୱେ ପ୍ରକଳ୍ପ

**ସୋନପ୍ରୟାଗ ଠାରୁ କେଦାରନାଥ ପର୍ଯ୍ୟନ୍ତ ପ୍ରସ୍ତାବକୁ କ୍ୟାବିନେଟ ମଂଜୁରୀ**

| ପ୍ରକଳ୍ପ ମୂଲ୍ୟ | ଦୈର୍ଘ୍ୟ |
|---|---|
| **4,081.28** କୋଟି ଟଙ୍କା | **12.9** କିଲୋମିଟର |

**1800**
ଜଣ ତୀର୍ଥଯାତ୍ରୀ ଘଣ୍ଟାକୁ ଉଭୟ ଦିଗକୁ ଆତଯାତ ହୋଇପାରିବେ ଏବଂ ପ୍ରତିଦିନ ୧୮୦୦୦ ଯାତ୍ରୀ ଯାତାୟାତ କରିପାରିବେ ।

**16**
କିଲୋମିଟର ଗୌରୀକୁଣ୍ଡ ଠାରୁ କେଦାରନାଥ ମନ୍ଦିର ପର୍ଯ୍ୟନ୍ତ ଦୁର୍ଗମ ପଥ ଯାତ୍ରା

**36**
ମିନିଟ ମଧ୍ୟରେ ଏହି ଯାତ୍ରା ସମ୍ପନ୍ନ ହୋଇପାରିବ । ବର୍ତ୍ତମାନ ଏଥିପାଇଁ ୯ ଘଣ୍ଟା ସମୟ ଲାଗୁଛି ।

**06**
ଏହି ପ୍ରକଳ୍ପ କାର୍ଯ୍ୟ ଶେଷ ହେବା ପାଇଁ ୦୬ ବର୍ଷ ସମୟ ଲାଗିବ । ଏହି ପ୍ରକଳ୍ପକୁ ସରକାରୀ- ଘରୋଇ ସହଭାଗିତାରେ ନିର୍ମାଣ କରାଯିବ ।

**ନିଷ୍ପତ୍ତି:** ଗୃହପାଳିତ ପ୍ରାଣୀଙ୍କ ସ୍ୱାସ୍ଥ୍ୟ ଓ ରୋଗ ନିୟନ୍ତ୍ରଣ କାର୍ଯ୍ୟକ୍ରମ (ଏଲ.ଏଚ.ଡି.ପି.ସି.) ସଂଶୋଧନ ପ୍ରସ୍ତାବକୁ କ୍ୟାବିନେଟର ମଂଜୁରୀ ପ୍ରଦାନ ।

**ପ୍ରଭାବ:** ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଗୃହପାଳିତ ପ୍ରାଣୀମାନଙ୍କ ରୋଗକୁ ଟିକାକରଣ, ମନିଟରିଂ ଏବଂ ସ୍ୱାସ୍ଥ୍ୟ ସୁବିଧାର ଉନ୍ନତିକରଣ ମାଧ୍ୟମରେ ପ୍ରତିରୋଧ ଓ ନିୟନ୍ତ୍ରଣ କରାଯାଇ ପାରିବ । ଏହି ଯୋଜନା ଉତ୍ପାଦକତା ବୃଦ୍ଧି କରିବ । ଏହା ଫଳରେ ନିଯୁକ୍ତି ସୁଯୋଗମାନ ସୃଷ୍ଟି ହେବ, ଗ୍ରାମାଞ୍ଚଳ କ୍ଷେତ୍ରରେ ଉଦ୍ୟମିତାକୁ ପ୍ରୋତ୍ସାହନ ମିଳିବ ଏବଂ କୃଷକମାନଙ୍କ ଆର୍ଥିକ କ୍ଷତି ମଧ୍ୟ ହ୍ରାସ ପାଇବ ଯାହା ଫଳରେ ସେମାନଙ୍କ ଉପରେ ଗୋସମ୍ପଦଙ୍କ ରୋଗ ବୋଝକୁ ରୋକା ଯାଇପାରିବ ।

> **ଦୁଇଟି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ ପୂର୍ବକ କେନ୍ଦ୍ର କ୍ୟାବିନେଟ୍ ଦେବଭୂମି ଉତ୍ତରାଖଣ୍ଡ ପାଇଁ ଦୁଇଟି ପ୍ରକଳ୍ପକୁ ମଂଜୁରୀ ପ୍ରଦାନ କରିଛି । ଏହି ପ୍ରକଳ୍ପ ନିର୍ମିତ ହେଲେ ସୋନପ୍ରୟାଗ ଠାରୁ କେଦାରନାଥ ପର୍ଯ୍ୟନ୍ତ ଏବଂ ଗୋବିନ୍ଦଘାଟ ଠାରୁ ହେମକୁଣ୍ଡ ସାହିବ ଜୀ ପର୍ଯ୍ୟନ୍ତ ତୀର୍ଥଯାତ୍ରୀମାନଙ୍କ ଯାତ୍ରା ସୁଗମ ହେବ ଏବଂ ସମୟ ବଂଚିବ ।**
>
> **- ନରେନ୍ଦ୍ର ମୋଦୀ,** Pପ୍ରଧାନମନ୍ତ୍ରୀ



# ଅବହେଳିତମାନଙ୍କୁ ସଶକ୍ତୀକରଣ...

## ବିକଶିତ ରାଷ୍ଟ୍ର ନିର୍ମାଣ ଦିଗରେ ପ୍ରଥମ ପଦକ୍ଷେପ

*ଆଜି ନୂତନ ଭାରତର ସଂଜ୍ଞା ଦାରିଦ୍ର୍ୟ ଦୂରୀକରଣ ସକାଶେ ସରକାରଙ୍କ ଅତୁଟ ପ୍ରତିବଦ୍ଧତା ଦ୍ୱାରା ନିରୂପଣ କରାଯାଉଛି ଏବଂ ଏଥିରେ ମହିଳା ସଶକ୍ତୀକରଣ ପାଇଁ ସରକାର ପ୍ରଦାନ କରୁଥିବା ସୁଦୃଢ଼ ଆଭିମୁଖ୍ୟ ବିକାଶ ପ୍ରକ୍ରିୟାର ଏକ ମହତ୍ତ୍ୱପୂର୍ଣ୍ଣ ସ୍ତମ୍ଭ ଭାବରେ ବିବେଚନା କରାଯାଉଛି । ୨୦୧୪ ମସିହା ଠାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନେତୃତ୍ୱାଧୀନ କେନ୍ଦ୍ର ସରକାର ଏହିସବୁ ପ୍ରସଙ୍ଗର ମୁକାବିଲା କରିବା ସକାଶେ ବିଶେଷ ପଦକ୍ଷେପ ଗ୍ରହଣ କରିଛନ୍ତି । ଏହି ଲକ୍ଷ୍ୟ ହାସଲ ନିମନ୍ତେ ମଧ ଅନେକ ଯୋଜନାର ଶୁଭାରମ୍ଭ କରାଯାଇଛି । ଫଳରେ ଏହିସବୁ କାର୍ଯ୍ୟକ୍ରମ ଅନେକ ଲକ୍ଷ୍ୟ ହାସଲ କରିପାରିଛି ଏବଂ ନୂଆ ନୂଆ କୀର୍ତ୍ତିମାନ ସ୍ଥାପନ କରିଛି । ନିକଟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୁଇଦିନିଆ ଗୁଜରାଟ ଗସ୍ତ ଅବସରରେ, ଏହିସବୁ କାର୍ଯ୍ୟକ୍ରମଗୁଡ଼ିକର ପ୍ରଗତି ଓ ଭବିଷ୍ୟତ ରୂପରେଖ ସମ୍ପର୍କରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଅବତାରଣା କରିଥିଲେ । ସୁରଟଠାରେ, ସେ ଖାଦ୍ୟ ନିରାପତ୍ତା ପରିପୂର୍ଣ୍ଣତା ଅଭିଯାନର ଶୁଭାରମ୍ଭ କରିଥିଲେ ଏବଂ ନଭସାରୀଠାରେ ସେ ଲକ୍ଷପତି ଦିଦିମାନଙ୍କ ସହିତ ଆନ୍ତର୍ଜାତିକ ମହିଳା ଦିବସ ଅବସରରେ ଭାବ ବିନିମୟ କରିଥିଲେ । ଏହିସବୁ ଲକ୍ଷ୍ୟ ହାସଲ ପାଇଁ ପ୍ରଧାନମନ୍ତ୍ରୀ ସରକାରଙ୍କ ପ୍ରତିବଦ୍ଧତାକୁ ଦୋହରାଇଥିଲେ...*

ଗତ ଏକ ଦଶନ୍ଧି ମଧ୍ୟରେ, ଗରିବ ଲୋକମାନଙ୍କୁ ସଶକ୍ତ କରିବା ସକାଶେ ଭାରତ ମିଶନ ମୋଡରେ କାର୍ଯ୍ୟ କରିଆସୁଛି । ଏଥିପାଇଁ ଗରିବ ଲୋକମାନଙ୍କ ଚତୁଃପାଶ୍ୱର୍ରେ ଏକ ନିରାପତ୍ତାର ବଳୟ ସୃଷ୍ଟି କରାଯାଇଛି ଯଦ୍ୱାରା ସେମାନଙ୍କୁ ଆଉ କାହା ଆଗରେ ହାତ ପତେଇ ଭିକ ମାଗିବାକୁ ପଡୁନାହିଁ । ପକ୍କା ଘର, ଶୌଚାଳୟ, ଗ୍ୟାସ୍ ସଂଯୋଗ, ପାଇପ୍ ଯୋଗେ ପାନୀୟ ଜଳ, ପି.ଏମ. ପୋଷଣ, ସକ୍ଷମ ଅଙ୍ଗନୱାଡ଼ି, ମାତୃ ବନ୍ଦନା, ପ୍ରତ୍ୟକ୍ଷ ସୁବିଧା ହସ୍ତାନ୍ତରଣ (ଡି.ବି.ଟି.) ଏବଂ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମାଗଣା ଚିକିତ୍ସା ସୁବିଧା ଭଳି ଯୋଜନାମାନ କାର୍ଯ୍ୟକାରୀ କରାଯାଉଛି । ଏଥି ସହିତ, ପି.ଏମ. ସ୍ୱନିଧି ଏବଂ ପି.ଏମ. ମୁଦ୍ରା ଯୋଜନା ମାଧ୍ୟମରେ ସେମାନଙ୍କୁ ନିଜର ବ୍ୟବସାୟ ଆରମ୍ଭ ପାଇଁ ଆର୍ଥିକ ସହାୟତା ପ୍ରଦାନ କରାଯାଉଛି । ସୁରଟଠାରେ ଖାଦ୍ୟ ନିରାପତ୍ତା ପରିପୂର୍ଣ୍ଣତା ଅଭିଯାନର ଶୁଭାରମ୍ଭ କରିବା ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସୂଚାଇଥିଲେ ଯେ କେନ୍ଦ୍ର ସରକାରଙ୍କ ଏହିସବୁ ପ୍ରୟାସ ଯୋଗୁଁ ଏହା ସାକାର ହୋଇପାରିଛି ଏବଂ ଏହା ଦ୍ୱାରା ଗରିବଙ୍କ ଘରେ ଚୁଲି ଅଜଳା ରହିବା ଭଳି ସମସ୍ୟା ଦୂର ହୋଇପାରିଛି । ସେମାନଙ୍କ ପିଲାମାନଙ୍କୁ ଆଉ ଭୋକ ପେଟରେ ରାତିରେ ନିଦ ଯିବାକୁ ପଡୁନାହିଁ । ସେମାନଙ୍କୁ ଆଉ ନିଜ ଦାରିଦ୍ର୍ୟ ପାଇଁ ଆଖିରୁ ଲୁହଗଡ଼ାଇବାକୁ ପଡୁନାହିଁ । ଆଜିର ଭାରତ ପାଇଁ





# ନଭସାରୀର ମହିଳା ଶକ୍ତିଙ୍କୁ ନମସ୍କାର...

## ପ୍ରଧାନମନ୍ତ୍ରୀ କହିଲେ, କୋଟି କୋଟି ମାତା ଓ ଭଉଣୀମାନଙ୍କ ଆଶୀର୍ବାଦ ହେଉଛି ମୋ ଜୀବନର ପୁଂଜି

ଆନ୍ତର୍ଜାତିକ ମହିଳା ଦିବସ ଅବସରରେ ନଭସାରୀରଉନସୀ-ବୋରସୀ ଗ୍ରାମଠାରୁ ଦେଶର ୧.୫ ଲକ୍ଷ ଲକ୍ଷପତି ଦିଦିଙ୍କୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଲେ ଯେ 'ମୁଁ ହେଉଛି ସଂସାରର ସବୁଠାରୁ ଧନୀ ବ୍ୟକ୍ତି । ମୋ ଜୀବନର ଜମାଖାତାରେ କୋଟି କୋଟି ମାତା ଓ ଭଉଣୀମାନଙ୍କ ଆଶୀର୍ବାଦ ରହିଛି ।'

ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ କହିଲେ ଯେ ଆମର ଧର୍ମଶାସ୍ତ୍ରମାନଙ୍କରେ ନାରୀଙ୍କୁ ନାରାୟଣୀ ରୂପରେ ବର୍ଣ୍ଣନା କରାଯାଇଛି । ତେଣୁ, ଭାରତକୁ ଏକ ବିକଶିତ ରାଷ୍ଟ୍ରରେ ପରିଣତ କରିବା ପାଇଁ ଏବଂ ଏହାର ଦ୍ରୁତ ବିକାଶ ନିମନ୍ତେ ଆଜି ଭାରତ ଏକ ମହିଳାକୈନ୍ଦ୍ରିକ ବିକାଶ ପଥରେ ଆଗକୁ ଯାତ୍ରା ଆରମ୍ଭ କରିଛି । ମହିଳାମାନଙ୍କୁ ଉପଯୁକ୍ତ ସମ୍ମାନ ପ୍ରଦର୍ଶନ କରିବା ଏବଂ ସେମାନଙ୍କ ଜୀବନକୁ ସରସ ସୁନ୍ଦର ଓ ସୁଗମ କରିବା ନିମନ୍ତେ ଆମ ସରକାର ସର୍ବାଧିକ ଗୁରୁତ୍ୱ ଆରୋପ କରୁଛନ୍ତି। ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ କହିଲେ ଯେ ଆଜି ସମାଜର ପ୍ରତ୍ୟେକ କ୍ଷେତ୍ରରେ ମହିଳାମାନେ ନୂଆ ନୂଆ ଏବଂ ଅଧିକରୁ ଅଧିକ ସୁଯୋଗମାନ ପାଇପାରୁଛନ୍ତି । ତାହା ରାଜନୀତି ହୋଇଥାଉ ଅବା କ୍ରୀଡ଼ା ବା ନ୍ୟାୟପାଳିକା କିମ୍ବା ଆଇନ ପ୍ରବର୍ତ୍ତନକାରୀ ସଂସ୍ଥା, ମହିଳାମାନେ ପ୍ରତ୍ୟେକ କ୍ଷେତ୍ରରେ ଏବଂ ପ୍ରତି ସ୍ଥାନରେ ସେମାନଙ୍କର ଉତ୍କର୍ଷ ପ୍ରତିପାଦନ କରୁଛନ୍ତି । ଦେଶର ପ୍ରତ୍ୟେକ ଦିଗରେ ସେମାନଙ୍କର ସଫଳତାର କାହାଣୀ ଶୁଣିବାକୁ ମିଳୁଛି । ୨୦୧୪ ମସିହା ପରେ, କେନ୍ଦ୍ର ସରକାରରେ ସର୍ବାଧିକ ସଂଖ୍ୟକ ମହିଳାମାନଙ୍କୁ ମନ୍ତ୍ରୀ ଭାବରେ ନିଯୁକ୍ତି ପ୍ରଦାନ କରାଯାଇଥିଲା । ସେହିଭଳି ସଂସଦରେ ମହିଳାମାନଙ୍କ ପ୍ରତିନିଧିତ୍ୱରେ ମଧ ଯଥେଷ୍ଟ ଅଭିବୃଦ୍ଧି ପରିଲକ୍ଷିତ ହୋଇଛି। ସେହିଭଳି ଆମର ନ୍ୟାୟପାଳିକାରେ ମଧ ମହିଳାମାନଙ୍କ ଅଂଶଗ୍ରହଣ ଉଲ୍ଲେଖନୀୟ ମାତ୍ରାରେ ବୃଦ୍ଧି ପାଇଛି । ପ୍ରଧାନମନ୍ତ୍ରୀ କହିଲେ ଯେ ଭାରତ ଅଧୁନା ବିଶ୍ୱର ତୃତୀୟ ବୃହତ୍ତମ ଷ୍ଟାର୍ଟ ଅପ୍ ଭାବରେ ମୁଣ୍ଡ ଟେକିଛି ଏବଂ ସେଥିରୁ ଅର୍ଦ୍ଧେକ ଷ୍ଟାର୍ଟ ଅପରେ ଅନ୍ୟୁନ ଜଣେ ଲେଖାଏଁ ମହିଳା ନିର୍ଦ୍ଦେଶିକା ରହିଛନ୍ତି । ମହାକାଶ ଗବେଷଣା ଓ ବିଜ୍ଞାନ ଅନୁସନ୍ଧାନ କ୍ଷେତ୍ରରେ ଆମ ଦେଶ ନୂତନ ଶୀର୍ଷ ଛୁଇଁବାରେ ଲାଗିଛି । ଏଥିରେ ଅନେକ ଅଭିଯାନରେ ମହିଳାମାନେ ନେତୃତ୍ୱ ଗ୍ରହଣ କରିଆସୁଛନ୍ତି। ଭାରତ ପାଇଁ ଏହା ବିଶେଷ ଗୌରବର କଥା ଯେ ଭାରତ ନିକଟରେ ବିଶ୍ୱର ସର୍ବାଧିକ ସଂଖ୍ୟକ ମହିଳା ପାଇଲଟ ଉପଲବ୍ଧ ଅଛନ୍ତି ।

ପ୍ରଧାନମନ୍ତ୍ରୀଙ୍କ ସହ ବାର୍ତ୍ତାଳାପ କାର୍ଯ୍ୟକ୍ରମରେ ଭାବ ବିନିମୟ କଲାବେଳେ ଲକ୍ଷପତି ଦିଦିମାନେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କ କହିଥିଲେ ଯେ ସର୍ବତ, ଉଡ଼ନ୍ତାଡ୍ରୋନ୍, ବୁଣାବୁଣି କାମ, ଶ୍ରୀଅନ୍ନ ବିକ୍ରୟ ଏବଂ ମୁକ୍ତା ସଂଗ୍ରହ ଆଦି କାମ କରି ଏବେ ସେମାନେ ବର୍ଷକୁ ଏକ ଲକ୍ଷରୁ ଅଧିକ ଟଙ୍କା ଉପାର୍ଜନ କରିପାରୁଛନ୍ତି । ଏହି ସୂଚନାର ପ୍ରତ୍ୟୁତ୍ତରରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ସେମାନଙ୍କ କହିଥିଲେ ଯେ ମୋର ସ୍ୱପ୍ନ ହେଉଛି ୩ କୋଟି ଲଖପତି ଦିଦି ତିଆରି କରିବା, କିନ୍ତୁ ଲାଗୁଛି ଆପଣମାନେ ୫ କୋଟି ସଂଖ୍ୟାରେ ପହଞ୍ଚିବେ ।

### ଜି- ମୈତ୍ରୀ ଏବଂ ଜି- ସଫଳ କାର୍ଯ୍ୟକ୍ରମର ଶୁଭାରମ୍ଭ

ନଭସାରୀଠାରେ ଆନ୍ତର୍ଜାତିକ ମହିଳା ଦିବସ ପାଳନ ଅବସରରେ ଆୟୋଜିତ ଅନ୍ୟ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗୁଜରାଟ ସରକାରଙ୍କ ଜି- ସଫଲ ଏବଂ ଜି- ମୈତ୍ରୀ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଜି- ମୈତ୍ରୀ ଯୋଜନା ମାଧମରେ ଯେଉଁସବୁ ଷ୍ଟାର୍ଟ ଅପମାନେ ଗ୍ରାମାଞ୍ଚଳ ଜୀବନ ଜୀବିକାର ଉନ୍ନତି ଏବଂ ସେଥିପାଇଁ ଅନୁକୂଳ ବାତାବରଣ ସୃଷ୍ଟି ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛନ୍ତି, ସେମାନଙ୍କୁ ଆର୍ଥିକ ସହାୟତା ଯୋଗାଇବା ହେଉଛି ଏହି ଯୋଜନାର ଲକ୍ଷ୍ୟ । ସେହିଭଳି ଜି- ସଫଲ କାର୍ଯ୍ୟକ୍ରମ ଅନ୍ତ୍ୟୋଦୟ ପରିବାରର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ଆର୍ଥିକ ସହାୟତା ଓ ଉଦ୍ୟମିତା ତାଲିମ ପ୍ରଦାନ କରିବ । ଏହା ଗୁଜରାଟର ଦୁଇ ଆକାଂକ୍ଷୀଜିଲ୍ଲା ଏବଂ ୧୩ଗୋଟି ଆକାଂକ୍ଷୀବ୍ଲକରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ନିମନ୍ତେ ଉଦ୍ଦିଷ୍ଟ ।

### ପ୍ରଧାନମନ୍ତ୍ରୀଙ୍କ ସାମାଜିକ ଗଣମାଧମ ଆକାଉଣ୍ଟ୍ ପରିଚାଳନା ଦାୟିତ୍ୱାରେ ଛଅ ଜଣ ମହିଳା

ଆନ୍ତର୍ଜାତିକ ମହିଳା ଦିବସ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏକ ଅଭିନବ ପଦକ୍ଷେପ ଗ୍ରହଣ କରିଛନ୍ତି ଏବଂ ନିଜ ସାମାଜିକ ଗଣମାଧମ ଆକାଉଣ୍ଟ ପରିଚାଳନା ଦାୟିତ୍ୱ ଛଅଜଣ ମହିଳାଙ୍କ ହାତରେ ନ୍ୟସ୍ତ କରିଛନ୍ତି । ଏହି ପଦକ୍ଷେପ ମାଧମରେ ପ୍ରଧାନମନ୍ତ୍ରୀ ମହିଳା ସଶକ୍ତୀକରଣ ପାଇଁ ତାଙ୍କ ମନରେ ଥିବା ପ୍ରତିବଦ୍ଧତାକୁ ଅଧିକ ମଜଭୁତ କରିଛନ୍ତି । ପ୍ରଧାନମନ୍ତ୍ରୀଙ୍କ ମିଡିଆ ଆକାଉଣ୍ଟ୍ ପରିଚାଳନା କରୁଥିବା ମହିଳାମାନଙ୍କ ମଧ୍ୟରେ ଚେସ୍ ଖେଳାଳୀ ବୈଶାଳୀ ରମେଶବାବୁ, ବିହାରର ଛତୁ ମହିଳା ଭାବରେ ସୁଖ୍ୟାତଅନୀତା ଦେବୀ, ଭାବା ଆଣବିକ ଗବେଷଣା କେନ୍ଦ୍ରର ଆଣବିକ ବିଜ୍ଞାନୀ ଏଲିନା ମିଶ୍ର, ଭାରତୀୟ ମହାକାଶ ଗବେଷଣା କେନ୍ଦ୍ରର ମହାକାଶ ବିଜ୍ଞାନୀ ଶିଳ୍ପୀ ସୋନୀ, ଫ୍ରଣ୍ଟିଅର ମାର୍କେଟ୍ସର ପ୍ରତିଷ୍ଠାତା ତଥା ସି.ଇ.ଓ. ଅଜୟତା ଶାହା ଏବଂ ସାମର୍ଥ୍ୟମ୍ ସେଣ୍ଟର ଫର୍ ୟୁନିଭର୍ସାଲ ଆକ୍ସେସିବିଲିଟିର ପ୍ରତିଷ୍ଠାତ ଅଞ୍ଜଳି ଅଗ୍ରୱାଲ୍ ଅଛନ୍ତି।

ଏହା ଆଉ ଗ୍ରହଣୀୟ ନୁହେଁ । କୋଭିଡ୍ ମହାମାରୀ ସମୟରେ ଆରମ୍ଭ କରାଯାଇଥିବା ଗରିବ କଲ୍ୟାଣ ଅନ୍ନ ଯୋଜନା ସମ୍ପର୍କରେ ସୂଚୀତ କରି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ କହିଥିଲେ ଯେ ସେତେବେଳେ ଦେଶବାସୀଙ୍କର ଏପରି ସାହାଯ୍ୟ ଜରୁରି ଆବଶ୍ୟକତା ଥିଲା । କେନ୍ଦ୍ର ସରକାର ସେତେବେଳେ ସେମାନଙ୍କ ନିକଟରେ ଠିଆ ହୋଇଥିଲେ ଏବଂ ଏହି ଅଭିଯାନ ମାଧମରେ ସେମାନଙ୍କୁ ଏଥିରେ ସହଭାଗୀ କରିଥିଲେ । ଆଜି ପ୍ରତି ବର୍ଷ କେନ୍ଦ୍ର ସରକାର

## ଗୀରଠାରେ ଫଟୋ ଉତ୍ତୋଳନ, ବନତାରାରେ ବନ୍ୟପ୍ରାଣୀଙ୍କୁ ଧରି ଶ୍ରଦ୍ଧା କରିବାର ଅନୁଭବ

ବିଶ୍ୱ ବନ୍ୟପ୍ରାଣୀ ଦିବସ ପାଳନ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମାର୍ଚ୍ଚ ୧ ତାରିଖ ଠାରୁ ୩ ତାରିଖ ପର୍ଯ୍ୟନ୍ତ ତିନିଦିନିଆ ଗୁଜରାଟ ଗସ୍ତରେ ଯାଇଥିଲେ । ଏହି ଗସ୍ତ ଅବସରରେ ପ୍ରଧାନମନ୍ତ୍ରୀ ଜାତୀୟ ବନ୍ୟପ୍ରାଣୀ ବୋର୍ଡର ସପ୍ତମ ବୈଠକରେ ଅଧ୍ୟକ୍ଷତା କରିଥିଲେ । ବନ୍ୟପ୍ରାଣୀ ସଂରକ୍ଷଣ ନିମନ୍ତେ ଜାତୀୟ ବନ୍ୟପ୍ରାଣୀ ବୋର୍ଡ ପକ୍ଷରୁ ଗ୍ରହଣ କରାଯାଇଥିବା ବିଭିନ୍ନ ପଦକ୍ଷେପ ସଂପର୍କରେ ଏହି ବୈଠକରେ ସମୀକ୍ଷା କରାଯାଇଥିଲା । ଏହି ବୈଠକ ଅବସରରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଦେଶରେ ପ୍ରଥମ ଥର ପାଇଁ ପ୍ରସ୍ତୁତ କରାଯାଇଥିବା ନଦୀ ଡଲଫିନ୍ ରିପୋର୍ଟକୁ ଉନ୍ମୋଚନ କରିଥିଲେ । ମଧ୍ୟ ପ୍ରଦେଶର ଗାନ୍ଧି ସାଗର ଅଭୟାରଣ୍ୟ ଏବଂ ଗୁଜରାଟର ବନ୍ନୀତୃଣଭୂମି କ୍ଷେତ୍ର ସମେତ ଦେଶର ଅନ୍ୟାନ କ୍ଷେତ୍ରରେ ଚିତାବାଘ ଛଡ଼ାଯିବ ବୋଲି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଘୋଷଣା କରିଥିଲେ । ସେହିଭଳି ଜୁନାଗଡ଼ଠାରେ ଜାତୀୟ ବନ୍ୟପ୍ରାଣୀ ରେଫେରାଲ କେନ୍ଦ୍ର ସ୍ଥାପନ ନିମନ୍ତେ ପ୍ରଧାନମନ୍ତ୍ରୀ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ଏହି କେନ୍ଦ୍ର ବନ୍ୟପ୍ରାଣୀମାନଙ୍କ ସ୍ୱାସ୍ଥ୍ୟ ଓ ଅନ୍ୟାନ୍ୟ ରୋଗ ପରିଚାଳନାର ବିଭିନ୍ନ ଦିଗ ସମ୍ପର୍କରେ ସମନ୍ୱୟ ରକ୍ଷା ଏବଂ ପ୍ରଶାସନ ପ୍ରତିଷ୍ଠାନ ଭାବରେ କାର୍ଯ୍ୟ କରିବ ।

ମାର୍ଚ୍ଚ ୩ ତାରିଖ ଦିନ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଗୁଜରାଟର ଗୀର୍ ଜାତୀୟ ପାର୍କ ପରିଦର୍ଶନ କରିଥିଲେ । ଏହି ପାର୍କ ଏସୀୟ ସିଂହଙ୍କ ଆବାସସ୍ଥଳୀ ରୂପେ ସୁପରିଚିତ । ଏସୀୟ ସିଂହମାନଙ୍କ ଫଟୋଚିତ୍ରଉତ୍ତୋଳନ ସହିତ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଗୀର୍ ଜଙ୍ଗଲକୁ ଆସିବା ତାଙ୍କ ମନରେ ଅତୀତର ଅନେକ ସ୍ମୃତିକୁ ଉଜ୍ଜୀବିତ କରିଛି। ଗୁଜରାଟର ମୁଖ୍ୟମନ୍ତ୍ରୀ ଥିବା ଅବସରରେ ସେଠାରେ ସମ୍ପାଦନ କରାଯାଇଥିବା ଅନେକ କାର୍ଯ୍ୟର ସ୍ମୃତି ତାଙ୍କ ମନରେ ପୁଣି ଥରେ ସତେଜ ହୋଇଛି । ସେହିଭଳି ସେ ଜାମନଗରର ବନତାରା ଠାରେ ବନ୍ୟପ୍ରାଣୀ ଉଦ୍ଧାର, ପୁନର୍ବାସ ଓ ସଂରକ୍ଷଣ କେନ୍ଦ୍ରକୁ ଉଦଘାଟନ କରିଥିଲେ ।

**2,000**
ରୁ ଅଧିକ

ପ୍ରଜାତିର ବନ୍ୟପ୍ରାଣୀ ବନତାରା ଜଙ୍ଗଲରେ ବସବାସ କରନ୍ତି । ବନତାରା ଜଙ୍ଗଲରେ ପ୍ରାୟ ୧.୫ ଲକ୍ଷରୁ ଅଧିକ ବନ୍ୟପ୍ରାଣୀଙ୍କୁ ଉଦ୍ଧାର କରାଯାଇଛି । ଏଠାରେ ଅନେକ ବନ୍ୟପ୍ରାଣୀଙ୍କ ପ୍ରତି ଏବେ ଅବକ୍ଷୟମୁଖୀ ଏବଂ ସେମାନଙ୍କ ବଂଶ ପ୍ରତି ବିପଦ ଥିବା ପ୍ରଧାନମନ୍ତ୍ରୀ ସୂଚାଇଥିଲେ ।

**ଏହି ଅବସରରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଏସୀୟ ସିଂହ ଶାବକ, ଧଳା ସିଂହ ଶାବକ ଏବଂ ଧୂଷର ହେଟାବାଘ ଏବଂ କୋରାକାଲ ଶାବକମାନଙ୍କ ସହ କିଛି ସମୟ ଖେଳିଥିଲେ। ସେ ଏହିସବୁ ଶାବକମାନଙ୍କୁ ଖାଇବାକୁ ଦେଇଥିଲେ। ଧୂଷରା ହେଟାବାଘ ଛୁଆମାନେ ବିରଳ ଏବଂ ସେମାନଙ୍କ ବଂଶ ପ୍ରତି ବିପଦ ରହିଛି ବୋଲି ଏବେ ଅନୁମାନ କରାଯାଇଛି।**



ଏହି ଯୋଜନା ବାବଦକୁ ପ୍ରାୟ ୨.୨୫ ଲକ୍ଷ କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି ଯାହା ଫଳରେ ପ୍ରତ୍ୟେକ ଲୋକଙ୍କ ଘରେ ଚୁଲି ଜଳିପାରୁଛି । ଗୁଜରାଟ ସରକାରକୁ ପ୍ରଶଂସା କରି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ କହିଲେ ଯେ ରାଜ୍ୟ ସରକାର ମଧ୍ୟ ଏହି ଯୋଜନାର ସମ୍ପ୍ରସାରଣ ଘଟାଇଛନ୍ତି । ଗୁଜରାଟ ସରକାର ଉପାର୍ଜନ ସୀମାକୁ ବଢ଼ାଇ ଦେଇଛନ୍ତି ଯାହା ଫଳରେ ଅଧିକରୁ ଅଧିକ ସଂଖ୍ୟକ ହିତାଧିକାରୀ ଏହାର ଲାଭ ନେଇପାରିବେ। ●


# ଭାରତ ପାଲଟି ଚାଲିଛି ନବସୃଜନର ଭୂମି

*ବିଶ୍ୱକୁ ଶୂନ ଭଳି ସଂଖ୍ୟା ଉପହାର ଦେଇଥିବା ଭାରତ, ବର୍ତ୍ତମାନ ଅସୀମ ନବସୃଜନର କେନ୍ଦ୍ରରେ ପରିଣତ ହେବାରେ ଲାଗିଛି । ଏହି କାରଣରୁ, ଭାରତ ବର୍ତ୍ତମାନ ବିଶ୍ୱ ପାଇଁ ଏକ ନୂତନ ଉତ୍ପାଦନ କେନ୍ଦ୍ର ରୂପେ ମୁଣ୍ଡ ଟେକୁଛି । ଆଜି ଭାରତୀୟମାନଙ୍କୁ କେବଳ ଶ୍ରମଶକ୍ତି ଦୃଷ୍ଟିରେ ବିଶ୍ୱ ଦେଖୁନାହିଁ, ବରଂ ଏହା ବୈଶ୍ୱିକ ସାମର୍ଥ୍ୟ ରୂପରେ ସର୍ବତ୍ର ସୁପରିଚିତ। ବିଶ୍ୱର ଦୃଷ୍ଟି ଏକବିଂଶ ଶତାବ୍ଦୀର ଭାରତ ଉପରେ ନିବଦ୍ଧ ରହିଛି । ସମଗ୍ର ସଂସାରର ଲୋକମାନେ ଉତ୍କଣ୍ଠାର ସହିତ ଅନୁସନ୍ଧାନ କରି ବୁଝିବାକୁ ଚାହାନ୍ତି ଯେ ଭାରତ ସେମାନଙ୍କୁ କ'ଣ ନୂଆ ଉପହାର ଦେବ । ଦେଶରେ ଅଧୁନା ନୂଆ ନୂଆ ମାଇଲଖୁଣ୍ଟ ଓ କୀର୍ତ୍ତିମାନ ସ୍ଥାପିତ ହେବାରେ ଲାଗିଛି । ସଫଳତା ମଧ୍ୟ ହାସଲ ହୋଇଚାଲିଛି । ଅଧିକନ୍ତୁ, ସେମିକଣ୍ଡକ୍ଟର ଠାରୁ ଆରମ୍ଭ କରି ଅତ୍ୟାଧୁନିକ ପ୍ରତିରକ୍ଷା ପ୍ରଯୁକ୍ତି ପର୍ଯ୍ୟନ୍ତ ବିଭିନ୍ନ କ୍ଷେତ୍ରରେ, ବିମାନବାହୀ ପୋତଠାରୁ ସର୍ବାଧୁନିକ ପ୍ରଯୁକ୍ତି ନିମନ୍ତେ ଭାରତରେ ପ୍ରଗତି ଓ ବିକାଶର ନୂତନ ତଥା ଚମତ୍କାର ସମ୍ଭାବନାମାନ ସୃଷ୍ଟି ହୋଇଚାଲିଛି ।*



ଦିଲ୍ଲୀର ଭାରତ ମଣ୍ଡପମ ଠାରେ ମାର୍ଚ୍ଚ ୧ ତାରିଖ ଦିନ ଆୟୋଜିତ ଏନ.ଏକ୍ସ.ଟି. ସମାବେଶରେ ଉଦବୋଧନ ଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଲେ ଯେ ଭାରତର ଆକାଂକ୍ଷା ହେଉଛି ବିଶ୍ୱର ପ୍ରତ୍ୟେକ ମଞ୍ଚରେ ଭାରତର ସଫଳତାର ବୈଜୟନ୍ତୀ ଫରଫର ହୋଇ ଉଡ଼ିବା ଏବଂ ଦେଶ ଏହି ଭାବନାର ସହିତ ଆଗକୁ ଅଗ୍ରସର ହେଉଛି । ପ୍ରତ୍ୟେକ ନାଗରିକ ଏବଂ ଉଦ୍ୟୋଗୀଙ୍କର ଏହା ସ୍ୱପ୍ନ ଓ ସଂକଳ୍ପ ହେବା ଜରୁରି ଯେ ଭାରତକୁ କିପରି ଏକ ବିକଶିତ ରାଷ୍ଟ୍ରରେ ପରିଣତ କରାଯାଇ ପାରିବ । ଏହାକୁ ସୁନିଶ୍ଚିତ କରିବା ସକାଶେ ପ୍ରୟାସ ଜାରି ରହିଛି ଯେ ବିଶ୍ୱର ପ୍ରତ୍ୟେକ ବଜାରରେ, ଘରେ ଏବଂ ଖାଇବା ଟେବୁଲ ଉପରେ ଯେପରି ଭାରତୀୟ ବ୍ରାଣ୍ଡ ଦୃଶ୍ୟ ହେବ । କିଛି ବର୍ଷ ପୂର୍ବରୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ 'ଭୋକାଲ୍ ଫର୍ ଲୋକାଲ'ଏବଂ 'ଲୋକାଲ ଫର୍ ଗ୍ଲୋବାଲ୍' ଚିନ୍ତାଧାର ପ୍ରବର୍ତ୍ତନ କରିଥିଲେ ଏବଂ ଆଜି ତାଙ୍କର ସେହି ପରିକଳ୍ପନା ବାସ୍ତବତାର ରୂପ ଧାରଣ କରିପାରିଛି । ଭାରତୀୟ ଆୟୁଷ ଏବଂ ଯୋଗ ସଫଳତାର ସହିତ ସମ୍ପ୍ରସାରିତ ହୋଇ ସ୍ଥାନୀୟରୁ ବୈଶ୍ୱିକସ୍ୱୀକୃତି ଲାଭ କରିଛି । 'ମେଡ୍ ଇନ୍ ଇଣ୍ଡିଆ'କୁ ବୈଶ୍ୱିକ ମନ୍ତ୍ରରେ ପରିଣତ କରିବା ହେଲା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଭିପ୍ରାୟ । ତାଙ୍କର ସ୍ୱପ୍ନ ହେଉଛି ଯେତେବେଳେ ଲୋକମାନେ ସ୍ୱାସ୍ଥ୍ୟ ସେବା ଆବଶ୍ୟକ କରିବେ, ସେମାନେ ପ୍ରଥମେ 'ହିଲ୍ ଇନ୍ ଇଣ୍ଡିଆ'କଥା ଭାବିବେ । ଯେତେବେଳେ ସେମାନେ ବିବାହ କଥା ଭାବିବେ, ସେମାନେ 'ଭାରତରେ ବିବାହ କର'ବୋଲି ଚିନ୍ତା କରିବେ । ଅଧୁନା ଏହା ବୈଶ୍ୱିକ ଦକ୍ଷିଣ ଗୋଲାର୍ଦ୍ଧର ସ୍ୱରରେ ପ୍ରତିଫଳିତ ହୋଇଛି ଏବଂ ଦ୍ୱୀପରାଷ୍ଟ୍ରମାନଙ୍କ ଆବଶ୍ୟକତାକୁ ଏଥିରେ ଅଗ୍ରାଧିକାର ପ୍ରଦାନ କରାଯାଇଛି । ଜଳବାୟୁ ସଂକଟର ମୁକାବିଲା କରିବା ନିମନ୍ତେ, ଭାରତ 'ମିଶନ ଲାଇଫ୍'ପରିକଳ୍ପନା ପ୍ରବର୍ତ୍ତନ କରିଛି ଯାହାକୁ ବିଶ୍ୱ ଗ୍ରହଣ କରିଛି । ଭାରତ ଏହାର ସମ୍ମୁଖ ଭାଗରେ ରହିଛି ଏବଂ ଏଥି ନିମନ୍ତେ ଅନ୍ତରାଷ୍ଟ୍ରୀୟ ସୌର ସଂଗଠନଏବଂ ବିପର୍ଯ୍ୟୟ ସହନଶୀଳତା ସଂସାଧନ ନିମନ୍ତେ ସହଯୋଗ ଭଳି ପଦକ୍ଷେପ ଗ୍ରହଣ କରିଛି । ବର୍ତ୍ତମାନ ଭାରତ ସେହିସବୁ ଉତ୍ପାଦ କେବଳ ବିଶ୍ୱକୁ ଯୋଗାଉନାହିଁ, ଅପରନ୍ତୁ ବୈଶ୍ୱିକ ଯୋଗାଣ ଶୃଙ୍ଖଳରେ ଏହାର ଏକ ନିର୍ଭରଯୋଗ୍ୟ ଏବଂ ବିଶ୍ୱସନୀୟ ସହଭାଗୀ ଭାବରେ ଉଭା ହୋଇଛି । ଶସ୍ତାରେ ଇଣ୍ଟରନେଟ୍ ଡାଟା ଉପଲବ୍ଧ ହେବା ଫଳରେ ଦେଶରେ ମୋବାଇଲ୍ ଫୋନ୍ ଚାହିଦା ବୃଦ୍ଧି ପାଇଛି । ପି.ଏଲ.ଆଇ. ଭଳି ଯୋଜନା ଏହି ଚାହିଦାକୁ ସୁଯୋଗରେ ପରିଣତ କରିଛି । ଏଥି ନିମନ୍ତେ ଫାର୍ମାସିଉଟିକାଲ ଠାରୁ ଆରମ୍ଭ କରି ଇଲେକ୍ଟ୍ରୋନିକ୍ସ ସେକ୍ଟର ପର୍ଯ୍ୟନ୍ତ ସବୁ କ୍ଷେତ୍ରରେ ଭାରତକୁ ଏହା ଏକ

## ସମାବେଶରେ ନିମ୍ନଲିଖିତ ପ୍ରସଙ୍ଗ ଉପରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଗୁରୁତ୍ୱାରୋପ...



- ସେମିକଣ୍ଡକ୍ଟର ଠାରୁ ଆରମ୍ଭ କରି ବିମାନବାହୀ ପୋତ ପର୍ଯ୍ୟନ୍ତ ବର୍ତ୍ତମାନ ଭାରତରେ ସବୁକିଛି ନିର୍ମିତ ହେଉଛି ।
- ଆଜି ଆୟୁଷ ଉତ୍ପାଦ ଏବଂ ଯୋଗ ସ୍ଥାନୀୟ ଠାରୁ ବୈଶ୍ୱିକ ସ୍ତରରେ ପହଂଚିପାରିଛି ।
- ଭାରତର ସୁପରଫୁଡ୍, କଫି, ମାଣ୍ଡିଆ- ଶ୍ରୀଅନ୍ନ ଏବଂ ମଖାନା ମଧ୍ୟ ସ୍ଥାନୀୟ ଠାରୁ ବୈଶ୍ୱିକ ସ୍ତରରେ ପହଂଚିଛି ।



**60%** ବିଶ୍ୱର ୬୦% ହଳଦୀ ଚାହିଦା ଭାରତ ହିଁ ବିଦେଶକୁ ରପ୍ତାନୀ ମାଧ୍ୟମରେ ପୂରଣ କରୁଛି ।

- ବର୍ତ୍ତମାନ ଭାରତ ବିଶ୍ୱର ସପ୍ତମ ବୃହତ୍ କଫି ରପ୍ତାନୀକାରୀ ରାଷ୍ଟ୍ରରେ ପରିଣତ ହୋଇଛି ।
- ଭାରତର ମୋବାଇଲ, ଇଲେକ୍ଟ୍ରୋନିକ୍ସ ଉତ୍ପାଦ ଓ ଔଷଧ ଏକ ବୈଶ୍ୱିକ ପରିଚୟ ସୃଷ୍ଟି କରିଛି ।
- ଭାରତ ବର୍ତ୍ତମାନ ବିଶ୍ୱର ନୂତନ ଉତ୍ପାଦନ କେନ୍ଦ୍ରରେ ପରିଣତ ହୋଇଛି । ଆମେ ଏବେ କେବଳ ଏକ ଶ୍ରମଶକ୍ତି ରାଷ୍ଟ୍ର ନୋହୁଁବରଂ ଏକ ବିଶ୍ୱଶକ୍ତି ଭାବରେ ଚିହ୍ନିତ ହୋଇଛୁ ।
- ପୂର୍ବରୁ ଆମଦାନୀ କରୁଥିବା ସାମଗ୍ରୀଗୁଡ଼ିକର ବର୍ତ୍ତମାନ ରପ୍ତାନୀ ପେଣ୍ଠସ୍ଥଳୀରେ ପରିଣତ ହୋଇ ଚାଲିଛି ।
- କୃଷକମାନଙ୍କ ଶସ୍ୟ ବର୍ତ୍ତମାନ ସମଗ୍ର ବିଶ୍ୱର ବଜାରରେ ପହଂଚିପାରିଛି ।
- ପୁଲୱାମାର ତୁଷାର ରାଜମା, ମହାରାଷ୍ଟ୍ରର ପୁରନ୍ଦରଡିମିରିଫୁଲ ଏବଂ କାଶ୍ମୀରର କ୍ରିକେଟ୍ ବ୍ୟାଟ୍ର ଚାହିଦା ବିଶ୍ୱବ୍ୟାପୀ ବୃଦ୍ଧି ପାଇବାରେ ଲାଗିଛି ।
- ଭାରତର ପ୍ରତିରକ୍ଷା ଉତ୍ପାଦ ସମଗ୍ର ବିଶ୍ୱକୁ ଭାରତୀୟ ଇଞ୍ଜିନିୟରର୍ସ ଏବଂ ପ୍ରଯୁକ୍ତିର ସାମର୍ଥ୍ୟ ପ୍ରଦର୍ଶନ କରୁଛି ।
- ବିଗତ ଏକ ଦଶନ୍ଧି ମଧ୍ୟରେ, ପ୍ରଥମ ଥର ପାଇଁ ୨.୫ କୋଟି ପରିବାରଙ୍କ ନିକଟରେ ବିଜୁଳିଶକ୍ତିପହଂଚିପାରିଛି ।
- ଇଣ୍ଟରନେଟ୍ ଡାଟା ଶସ୍ତା ହେବା ପରେ ଦେଶରେ ମୋବାଇଲ୍ ଫୋନ୍ ଚାହିଦା ବୃଦ୍ଧି ପାଇଛି ।
- ଏବେ କିଛି ମୁହୂର୍ତ୍ତରେ ଆଇଟିଆର ଫାଇଲ ହୋଇଯାଏ ଏବଂ କିଛି ଦିନ ମଧ୍ୟରେ ସିଧାସଳଖ ଆକାଉଣ୍ଟରେ ଟଙ୍କା ଜମା ହୋଇଯାଏ ।



**12** ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଉପାର୍ଜନ ଉପରେ ଆୟକର ଛାଡ଼ କରାଯାଇଛି ।

- ବିଶ୍ୱକୁ ଶୂନର ଚିନ୍ତାଧାର ଦେଇଥିବା ଭାରତ ଏବେ ଅସୀମ ନବସୃଜନର ଭୂମିରେ ପରିଣତ ହୋଇଛି ।
- କୋଭିଡ ମହାମାରୀ ସମୟରେ ଦେଶର ଟିକାକରଣ କାର୍ଯ୍ୟକ୍ରମ ସାରା ବିଶ୍ୱକୁ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ସମାଧାନର ଏକ ମଡେଲ ପ୍ରଦାନ କରିଛି ।
- ୨୦୨୫-୨୬ ଆର୍ଥିକ ବର୍ଷର ବଜେଟରେ ଦେଶପାଇଁ ୫୦ ହଜାର ନୂଆ ଅଟଳ ଟିଙ୍କରିଂ ଲାବ୍ ପ୍ରତିଷ୍ଠା ନିମନ୍ତେ ଘୋଷଣା କରାଯାଇଛି ।



**"ଆମେ 'ଭୋକାଲ୍ ଫର୍ ଲୋକାଲ୍'ଏବଂ 'ଲୋକାଲ୍ ଫର୍ ଗ୍ଲୋବାଲ୍' ପରିକଳ୍ପନା ବାସ୍ତବରେ ପରିଣତ ହେବା ଲକ୍ଷ୍ୟ କରିପାରୁଛୁ । ଆମର ଆୟୁଷ ଉତ୍ପାଦ ଏବଂ ଯୋଗ ସ୍ଥାନୀୟରୁ ବୈଶ୍ୱିକରେ ପରିଣତ ହୋଇଛି । ଆଜି ଭାରତର ସୁପରଫୁଡ୍, ଆମର ମଖାନା, ସ୍ଥାନୀୟରୁ ବୈଶ୍ୱିକ ପାଲଟିଛି । ଭାରତର ଶ୍ରୀଅନ୍ନ ସ୍ଥାନୀୟରୁ ବୈଶ୍ୱିକ ରୂପ ଧାରଣ କରିଛି ।**

**- ନରେନ୍ଦ୍ର ମୋଦୀ, ପ୍ରଧାନମନ୍ତ୍ରୀ**

**ଦେଶର ଗବେଷକମାନଙ୍କ ମନର ସବୁ ଉଦବେଗ ହେଲା ଦୂରୀଭୂତ:** ସରକାର ଏକ ରାଷ୍ଟ୍ର, ଏକ ମୂଲ୍ୟ ନିଷ୍ପତ୍ତି ଗ୍ରହଣ କରିଛନ୍ତି । ଏହା ବିଶ୍ୱର ସୁପ୍ରସିଦ୍ଧ ଗବେଷଣାତ୍ମକପତ୍ର ପତ୍ରିକାଗୁଡ଼ିକୁ ଦେଶର ପ୍ରତ୍ୟେକ ଗବେଷକଙ୍କ ପାଇଁ ମାଗଣାରେ ଉପଲବ୍ଧ କରାଇଛି ।

ଏହି ଉଦ୍ଦେଶ୍ୟ ନିମନ୍ତେ **6** ହଜାର କୋଟିରୁ ଅଧିକ ଟଙ୍କା ବ୍ୟୟ କରିବାକୁ ପଡ଼ିବ ।



ରପ୍ତାନୀକାରୀର ସୁଯୋଗ ପ୍ରଦାନ କରିଛି । ବିଶ୍ୱର ଅନେକ ରାଷ୍ଟ୍ର ଭାରତର ଡିଜିଟାଲ ପବ୍ଲିକ୍ ସଂସାଧନ ସହିତ ଯୋଡ଼ି ହେବା ସକାଶେ ରାଜନାମାମାନସ୍ୱାକ୍ଷର କରୁଛନ୍ତି । ଭାରତ ଷ୍ଟାକ୍, ଇଣ୍ଡିଆ ଏକ ପ୍ରମୁଖ ମହାକାଶ ଶକ୍ତିରେ ପରିଣତ ହୋଇଛି ଏବଂ ଅନ୍ୟାନ୍ୟ ରାଷ୍ଟ୍ରଙ୍କୁ ସେମାନଙ୍କର ମହାକାଶ ଅଭିଯାନର ସ୍ୱପ୍ନ ସାକାର କରିବାରେ ସହାୟକ ହେଉଛି । ଜନକଲ୍ୟାଣ ସାଧନ ନିମନ୍ତେ ଭାରତ ଏବେ କୃତ୍ରିମ ପ୍ରଜ୍ଞା କ୍ଷେତ୍ରରେ କାର୍ଯ୍ୟ କରୁଛି ଏବଂ ଏହାର ଅନୁଭୂତି ଓ ବିଶେଷ ଜ୍ଞାନକୁ ସାର ବିଶ୍ୱ ସହ ବାଣ୍ଟି ଚାଲିଛି ।

# ମରିସସରେ ବସବାସ କରୁଛନ୍ତି ମିନି ଭାରତ



***ମରିସସ୍ ସହିତ ଭାରତର ଏକ ସୁଦୃଢ଼ ଐତିହାସିକ, ଭୌଗୋଳିକ ଏବଂ ସାଂସ୍କୃତିକ ଯୋଗସୂତ୍ର ରହିଛି । ଏହା ଭାରତର ଏକ ସାମୁଦ୍ରିକ ପ୍ରତିବେଶୀ ରାଷ୍ଟ୍ର ଏବଂ ଭାରତ ମହାସାଗର କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ସହଯୋଗୀ ଦେଶ । ଆଫ୍ରିକା ମହାଦେଶ ପାଇଁ ଏହା ହେଉଛି ଭାରତର ପ୍ରବେଶପଥ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୁଇଦିନିଆ ମରିସସ୍ ଗସ୍ତ ଏହି ସମ୍ପର୍କରେ ଆଉ ଏକ ମାଇଲଖୁଣ୍ଟଯୋଡ଼ିଛି ଯାହା ମରିସସ ସହିତ ଅତୀତରେ ଥିବା ସ୍ୱର୍ଣ୍ଣିମ ସମ୍ପର୍କର ଆଧାରଶିଳା ବୋଲି ବିବେଚନା କରାଯାଇପାରେ...***

ଭାରତ ଏବଂ ମରିସସ୍ କେବଳ ଐତିହାସିକ ଦୃଷ୍ଟିକୋଣରୁ ପରସ୍ପର ସହିତ ଘନିଷ୍ଠ ନୁହନ୍ତି, ଭବିଷ୍ୟତର ସମ୍ଭାବନା ପରିପ୍ରେକ୍ଷୀରେ ମଧ୍ୟ ଦୁଇ ଦେଶର ସମ୍ପର୍କ ଅତୀବ ନିବିଡ଼ । ଉଭୟ ରାଷ୍ଟ୍ର ମଧ୍ୟରେ ଥିବା ଗଭୀର ପାରସ୍ପରିକ ସମ୍ପର୍କ ଏଥିରେ ପ୍ରମାଣିତ ହୁଏ ଯେ ମରିସସର ମୋଟ ଜନସଂଖ୍ୟାର ପ୍ରାୟ ୭୦ ପ୍ରତିଶତ ହେଉଛନ୍ତି ଭାରତୀୟ ବଂଶୋଦ୍ଭବ । ଆଉ ଗୋଟିଏ ଦୃଷ୍ଟିରୁ ଦୁଇ ଦେଶ ମଧ୍ୟରେ ଗଢ଼ି ଉଠିଥିବା ନିବିଡ଼ ସମ୍ପର୍କକୁ ବିବେଚନା କରାଯାଇପାରେ – ତାହା ହେଲା ୧୯୬୮ ମସିହାରେ ଯେତେବେଳେ ମରିସସ୍ ପ୍ରଥମେ ସ୍ୱାଧୀନତା ହାସଲ କଲା, ତାହାର ଢେର୍ ପୂର୍ବରୁ, ଅର୍ଥାତ୍, ୧୯୪୮ ମସିହାଠାରୁ ଭାରତ ମରିସସ ସହିତ କୂଟନୈତିକ ସମ୍ପର୍କ ସ୍ଥାପନ କରିସାରିଥିଲା । ମରିସସସ୍ୱାଧୀନତାର ୫୭ତମ ରାଷ୍ଟ୍ରୀୟ ଦିବସ ପାଳନ ଉତ୍ସବରେ ମୁଖ୍ୟ ଅତିଥି ରୂପେ ଯୋଗଦେବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମାର୍ଚ୍ଚ ୧୨ ତାରିଖ ଦିନ ଯେତେବେଳେ ମରିସସ ଠାରେ ପହଂଚିଥିଲେ, ସେଠାରେ ତାଙ୍କର ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ସେଠାରେ ଉପସ୍ଥିତ ଭାରତୀୟ ସମୁଦାୟଙ୍କୁ ପ୍ରଧାନମନ୍ତ୍ରୀ ସମ୍ବୋଧିତ କରିଥିଲେ। ପ୍ରଧାନମନ୍ତ୍ରୀ କହିଥିଲେ ଯେ

## ଭାରତ ଏବଂ ମରିସସ ମଧ୍ୟରେ ବର୍ଦ୍ଧିଷ୍ଣୁ ବାଣିଜ୍ୟ ସମ୍ପର୍କ

୨୦୦୫ ମସିହା ଠାରୁ ବାଣିଜ୍ୟ ଏବଂ ଅନ୍ୟାନ୍ୟ ଆର୍ଥିକ କ୍ଷେତ୍ରରେ ମରିସସ ଭାରତ ପାଇଁ ସର୍ବବୃହତ୍ ସହଭାଗୀ ରାଷ୍ଟ୍ର ଭାବରେ ରହିଆସିଛି। ୨୦୨୩-୨୪ ମସିହାରେ, ଭାରତ ସେ ଦେଶକୁ ୭୭୮.୦୩ ନିୟୁତ ଡଲାର ମୂଲ୍ୟର ସାମଗ୍ରୀ ରପ୍ତାନୀ କରିଛି, ଯଦ୍ୟପି ସେହି ଦେଶରୁ ଆମଦାନି କରିଥିବା ସାମଗ୍ରୀର ମୋଟ ପରିମାଣ ହେଉଛି ୭୩.୧୦ ନିୟୁତ ଡଲାର । ମରିସସକୁ ଭାରତ ମୁଖ୍ୟତଃ ପେଟ୍ରୋଲିୟମ୍ ଉତ୍ପାଦ, ଔଷଧ, ଖାଦ୍ୟଶସ୍ୟ, ତୁଳା ଏବଂ ଚିଙ୍ଗୁଡ଼ି ରପ୍ତାନୀ କରିଥାଏ । ସେହିଭଳି ମରିସସରୁ ଭାରତ ଭେନିଲା, ଔଷଧୀୟ ଉପକରଣ ଏବଂ ସଂଶୋଧିତ ତମ୍ବା ଆମଦାନି କରିଥାଏ । ୨୦୦୦ ମସିହା ଠାରୁ ଭାରତ ମରିସସରୁ ୧୭୫ ବିଲିୟନ ଡଲାରର ପ୍ରତ୍ୟକ୍ଷ ବିଦେଶୀ ପୁଂଜି ନିବେଶ ରାଶି ପାଇଛି ଏବଂ ସେହି ଦୃଷ୍ଟିରୁ ବିଚାର କଲେ ଭାରତରେ ପୁଂଜି ନିବେଶ କ୍ଷେତ୍ରରେ ମରିସସ ହେଉଛି ତୃତୀୟ ବୃହତ୍ତମ ରାଷ୍ଟ୍ର ।



## ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କ ମରିସସ ଗସ୍ତର ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ...

- ମରିସସର ସପ୍ତମ ପିଢ଼ିର ଭାରତୀୟ ଦେଶାନ୍ତରୀ ନାଗରିକମାନଙ୍କୁ ଓ.ସି.ଆଇ. ଯୋଗାଇ ଦେବାକୁ ଭାରତ ନିଷ୍ପତ୍ତି ଗ୍ରହଣ କରିଛି ।
- ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଏହି ଅବସରରେ ପ୍ରଧାନମନ୍ତ୍ରୀ ନବୀନଚନ୍ଦ୍ର ରାମଗୁଲାମ ଏବଂ ତାଙ୍କପତ୍ନୀ ବୀଣା ରାମଗୁଲାମ ତଥା ରାଷ୍ଟ୍ରପତି ଧରମବୀର ଗୋଖୁଲ ଏବଂ ତାଙ୍କ ପତ୍ନୀ ବୃନ୍ଦା ଗୋଖୁଲଙ୍କୁ ଓ.ସି.ଆଇ. ପ୍ରଦାନ କରିଥିଲେ ।
- ଭାରତ ସରକାରଙ୍କ ସହଯୋଗରେ ମରିସସର ଷ୍ଟେଟ୍ ହାଉସ ଠାରେ ସ୍ଥାପିତ ଆୟୁର୍ବେଦ ଉଦ୍ୟାନକୁ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ବୁଲି ଦେଖିଥିଲେ ।
- ମରିସସରେ ୧୦୦ କିଲୋମିଟର ଦୈର୍ଘ ପାଣି ପାଇପଲାଇନର ଆଧୁନିକୀକରଣ ନିମନ୍ତେ ଖୁବ୍ ଶୀଘ୍ର କାର୍ଯ୍ୟ ଆରମ୍ଭ କରାଯିବ । ଆଗାମୀ ପାଞ୍ଚ ବର୍ଷ ମଧ୍ୟରେ, ମରିସସର ୫୦୦ ସିଭିଲ ସର୍ଭାଣ୍ଟଙ୍କୁ ଭାରତରେ ତାଲିମ ପ୍ରଦାନ କରାଯିବ ।
- ଦୁଇ ଦେଶ ମଧ୍ୟରେ ସ୍ଥାନୀୟ ମୁଦ୍ରାରେ ପାରସ୍ପରିକ ବାଣିଜ୍ୟ କାରବାର ନିମନ୍ତେ ଏକ ରାଜିନାମା ସ୍ୱାକ୍ଷରିତ ହୋଇଛି ।

## ବୈଶ୍ୱିକ ଦକ୍ଷିଣ ସହିତ ସଂଯୋଗୀକରଣର ଗୁରୁତ୍ୱପୂର୍ଣ୍ଣ ଭୂମିକା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମରିସସ୍ ଗସ୍ତ ଅବସରରେ ତ୍ରିଆନନ୍ ସମ୍ମିଳନୀ କେନ୍ଦ୍ରଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଉଦବୋଧନ ଦେଇଥିଲେ। ଏହି ଅବସରରେ ମରିସସ ପ୍ରଧାନମନ୍ତ୍ରୀ ନବୀନଚନ୍ଦ୍ର ରାମଗୁଲାମ ମଧ୍ୟ ଉପସ୍ଥିତ ଥିଲେ । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଏହି ଅବସରରେ ଘୋଷଣା କରିଥିଲେ ଯେ ଏକ ବିଶେଷ ବ୍ୟବସ୍ଥା ମାଧ୍ୟମରେ ମରିସସରେ ବସବାସ କରୁଥିବା ସପ୍ତମ ପିଢ଼ିର ଭାରତୀୟ ବଂଶୋଦ୍ଭବର ଲୋକମାନଙ୍କୁ ଓ.ସି. ଆଇ. କାର୍ଡ ବଣ୍ଟନ କରାଯିବ । ସେ କହିଥିଲେ ଯେ ଭାରତ ସରକାର ଏହି ଅନୁବନ୍ଧିତ ଐତିହ୍ୟକୁ ବଞ୍ଚାଇ ରଖିବା ଏବଂ ମରିସସରେ ବସବାସ କରୁଥିବା ଭାରତୀୟ ମୂଳ ବଂଶୋଦ୍ଭବର ଲୋକମାନଙ୍କୁ ଏକ ସ୍ୱତନ୍ତ୍ର ଉପକ୍ରମ ଜରିଆରେ ଏଭଳି ସୁବିଧା ଯୋଗାଇଦେବ । ଆନ୍ତର୍ଜାତିକ ସୌର ସଂଗଠନ ଏବଂ ବୈଶ୍ୱିକଜୈବଇନ୍ଧନ ସହଯୋଗ ଉପକ୍ରମରେ ଯୋଗ ଦେଇଥିବାରୁ ମରିସସକୁ ପ୍ରଧାନମନ୍ତ୍ରୀ ସାଧୁବାଦ ଜଣାଇଥିଲେ । ମାନବ ସମାଜ ଏବେ ସମ୍ମୁଖୀନ ହୋଇଥିବା ଜଳବାୟୁ ପରିବର୍ତ୍ତନ ଭଳି ସମୂହ ଚାଲେଞ୍ଜକୁ ଏହା ଫଳରେ ମୁକାବିଲା କରାଯାଇପାରିବ । 'ଏକ ପେଡ଼ ମା କେ ନାମ୍' ଉପକ୍ରମ ଜରିଆରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଶ୍ରୀ ଶିବସାଗର ରାମଗୁଲାମ ଔଷଧୀୟ ଉଦ୍ୟାନରେ ଏକ ଚାରା ରୋପଣ କରିଥିଲେ ।

**ଉଭୟ ରାଷ୍ଟ୍ରର ପ୍ରଧାନମନ୍ତ୍ରୀ ମରିସସର ରେଡୁଇଟଠାରେ ଅଟଳ ବିହାରୀ ବାଜପେୟୀ ଜନ ସେବା ଏବଂ ନବସୃଜନ ପ୍ରତିଷ୍ଠାନକୁ ଉଦଘାଟନ କରିଥିଲେ।**

**ଭାରତ ଏବଂ ମରିସସ ମଧ୍ୟରେ ଥିବା ଐତିହାସିକ ସମ୍ପର୍କକୁ ସମ୍ମାନ ପ୍ରଦର୍ଶନ ପୂର୍ବକ ମରିସସ୍ ସରକାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ସେ ଦେଶର ସର୍ବୋଚ୍ଚ ବେସାମରିକ ସମ୍ମାନ 'ଗ୍ରାଣ୍ଡ କମାଣ୍ଡର ଅଫ୍ ଦି ଅର୍ଡର ଅଫ୍ ଦି ଷ୍ଟାର୍ ଆଣ୍ଡ କି ଅଫ୍ ଦି ଇଣ୍ଡିଆନ୍ ଓସନ୍'ଜି.ସି.ଏସ.କେ.'ରେ ସମ୍ମାନିତ କରିଥିଲେ।**

ଯେତେବେଳେ ଆଜକୁ ୧୦ ବର୍ଷ ପୂର୍ବେ ପ୍ରଥମେ ମରିସସ୍କସ୍ତରେ ଆସିଥିଲି, ସେତେବେଳେ ହୋଲି ମହୋତ୍ସବ ମାତ୍ର ଗୋଟିଏ ସପ୍ତାହ ପୂର୍ବରୁ ଶେଷ ହୋଇଥିଲା ଏବଂ ସେତେବେଳେ ମୁଁ ଭାରତରୁ ଫଗୱାର ବାର୍ତ୍ତା ନେଇ ଆସିଥିଲି। ଏବେ ଅବସର ଆସିଛି, ଯେତେବେଳେ ମୁଁ ମରିସସରୁ ହୋଲିର ରଙ୍ଗକୁ ନିଜ ସାଙ୍ଗରେ ଭାରତକୁ ନେଇ ଯିବି । ମୁଁ ନିଜ ସହିତ ସଙ୍ଗମର ପବିତ୍ର ଜଳ ଆଣି ଆସିଛି । ଏହି ପବିତ୍ର ଜଳ ଆସନ୍ତାକାଲି ଏଠାରେ ଥିବା ଗଙ୍ଗା ପୁଷ୍କରିଣୀରେ ଅର୍ପଣ କରାଯିବ ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ମରସିସ ପ୍ରଧାନମନ୍ତ୍ରୀ ନବୀନଚନ୍ଦ୍ର ରାମଗୁଲାମଙ୍କ ମଧ୍ୟରେ ପ୍ରତିନିଧିମଣ୍ଡଳ ସ୍ତରୀୟ ଆଲୋଚନା ପରେ ଦୁଇ ଦେଶ ମଧ୍ୟରେ ଅନେକ ଗୁଡ଼ିଏ ଗୁରୁତ୍ୱପୂର୍ଣ୍ଣ ରାଜିନାମା ସ୍ୱାକ୍ଷରିତ ହୋଇଥିଲା । ଉଭୟ ରାଷ୍ଟ୍ର ମୋଟ ଆଠଗୋଟି ବୁଝାମଣା ପତ୍ରରେ ସ୍ୱାକ୍ଷର କରିଥିଲେ । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ କହିଛନ୍ତି ଯେ ମରିସସ ଏବଂ ଭାରତ ସେମାନଙ୍କର ରଣନୀତିକ ସହଭାଗୀତାକୁ ଆହୁରି ଉପର ସ୍ତରକୁ ନେଇଯିବାକୁ ନିଷ୍ପତ୍ତି ଗ୍ରହଣ କରିଛନ୍ତି । ମରିସସରନିଜସ୍ୱ ଆର୍ଥିକ ଜୋନର ନିରାପତ୍ତା ନିମନ୍ତେ ଭାରତ ପୂର୍ଣ୍ଣ ସହଯୋଗ ଯୋଗାଇଦେବ । ଭାରତ ସରକାର ମରିସସରେ ଏକ ତଟରକ୍ଷୀ ବାହିନୀ ଗଠନ, ଏକ ପୁଲିସ୍ ଏକାଡେମୀ ପ୍ରତିଷ୍ଠା ଏବଂ ରାଷ୍ଟ୍ରୀୟ ସାମୁଦ୍ରିକ ସୂଚନା ଆଦାନପ୍ରଦାନ କେନ୍ଦ୍ର ସ୍ଥାପନ ନିମନ୍ତେ ସହଯୋଗ କରିବ । ସେହିଭଳି ଡିଜିଟାଲ ସ୍ୱାସ୍ଥ୍ୟ, ଆୟୁଷ କେନ୍ଦ୍ର, ବିଦ୍ୟାଳୟ ଶିକ୍ଷା, କୌଶଳ ଓ ଗମନାଗମନ ନିମନ୍ତେ ଦୁଇ ଦେଶ ମଧ୍ୟରେ ସହଯୋଗ ବୃଦ୍ଧି ପାଇବ । ମାନବୀୟ ବିକାଶ ନିମନ୍ତେ କୃତ୍ରିମ ପ୍ରଜ୍ଞା ଏବଂ ଡିଜିଟାଲ ଜନ ସଂସାଧନର ମିଳିତ ଉପଯୋଗ ନିମନ୍ତେ ଦୁଇ ଦେଶ ଏକ ରାଜିନାମାରେ ହସ୍ତାକ୍ଷର କରିଛନ୍ତି । ମରିସସର ନାଗରିକମାନଙ୍କ ନିମନ୍ତେ ଭାରତରେ ଚାର ଧାମ୍ ଯାତ୍ରା ଏବଂ ରାମାୟଣ ଟ୍ରେଲ୍ ପାଇଁ ବିଶେଷ ସୁବିଧା ଯୋଗାଇ ଦିଆଯିବ । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ କହିଛନ୍ତି ଯେ ମରିସସରେ ଏକ ନୂତନ ସଂସଦ ଭବନ ନିର୍ମାଣ ନିମନ୍ତେ ଭାରତ ସହଯୋଗ କରିବ । ଗଣତନ୍ତ୍ରର ଜନନୀ ଭାବରେ ପରିଚିତ ଭାରତ ପକ୍ଷରୁ ଏହା ମରିସସକୁ ଏକ ଉପହାର ହେବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ବୈଶ୍ୱିକ ଦକ୍ଷିଣ ଗୋଲାର୍ଦ୍ଧ ନିମନ୍ତେ ଏକ ନୂତନ ପରିକଳ୍ପନା ଉପସ୍ଥାପନ କରି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ କହିଲେ ଯେ ମରିସସ୍ ହେଉଛି ଭାରତର ଏକ ଗୁରୁତ୍ୱପୂର୍ଣ୍ଣ ସହଯୋଗୀ ରାଷ୍ଟ୍ର । 'ସାଗର' (ସାମଗ୍ରିକ କ୍ଷେତ୍ରର ନିରାପତ୍ତା ଓ ବିକାଶ)ର ଚିନ୍ତାଧାରାର ଆଧାରଶିଳା ଆଜକୁ ୧୦ ବର୍ଷ ପୂର୍ବେ ମରିସସ୍ ଦ୍ୱାରା ହିଁ ପଡ଼ିଥିଲା । 'ବୈଶ୍ୱିକ ଦକ୍ଷିଣ ଗୋଲାର୍ଦ୍ଧ' ପରିକଳ୍ପନା ନିମନ୍ତେ ଆମର 'ମହାସାଗର' ( ସମ୍ପୂର୍ଣ୍ଣ କ୍ଷେତ୍ରର ପାରସ୍ପରିକ ଏବଂ ସାମଗ୍ରିକ ପ୍ରଗତି ନିମନ୍ତେ ନିରାପତ୍ତା), ଅର୍ଥାତ୍, ପାରସ୍ପରିକ ଏବଂ ସାମଗ୍ରିକ ନିରାପତ୍ତା କାର୍ଯ୍ୟ ପ୍ରଗତି ଏବଂ ସମଗ୍ର କ୍ଷେତ୍ରର ବିକାଶ। ଆମର ଆଭିମୁଖ୍ୟ ହେଲା ବିକାଶ ପାଇଁ ବାଣିଜ୍ୟ ଉପରେ ଗୁରୁତ୍ୱାରୋପ, ପ୍ରଗତି ନିମନ୍ତେ କୌଶଳ ବିକାଶ, ଏବଂ ସହଭାଗୀ ଭବିଷ୍ୟତ ପାଇଁ ପାରସ୍ପରିକ ନିରାପତ୍ତା। ଆମେ ଆପଣମାନଙ୍କୁ ଜଣାଇ ଦେବାକୁ ଚାହୁଁ ଯେ ଭାରତ ସରକାର ୨୦୧୫ ମସିହାରେ ସାଗର ପ୍ରକଳ୍ପ ଆରମ୍ଭ କରିଥିଲେ ଯାହାର ଉଦ୍ଦେଶ୍ୟ ହେଲା ଭାରତ ମହାସାଗରରେ ଭାରତର ଉପସ୍ଥିତି ବୃଦ୍ଧି ।




# ସ୍ୱଚ୍ଛତା ପାଇଁ ସମର୍ପିତ ଏକ ଜୀବନ

ଜନ୍ମ: ୨ ଏପ୍ରିଲ ୧୯୪୩ , ଦେହାବସାନ: ୧୫ ଅଗଷ୍ଟ ୨୦୨୩

***ବିହାରର ପବିତ୍ର ଭୂମିରେ ଜନ୍ମିତ ଗୋଟିଏ ଶିଶୁ ଏପରି ଏକ ପରିବାରରେ ଲାଳିତପାଳିତ ହୋଇଥିଲେ ଯେଉଁଠାରେ କୌଣସି ଶୌଚାଳୟ ନଥିଲା ଏବଂ ଶୌଚକାର୍ଯ୍ୟ ନିମନ୍ତେ ପରିବାରର ମହିଳାମାନଙ୍କୁ ବାଧହୋଇ ବାହାରକୁ ଯିବାର ସେ ଲକ୍ଷ୍ୟ କରିଥିଲେ । ଏହି ଅନୁଭୂତି ତାଙ୍କୁ ଦେଶରେ ଶୌଚାଗାରଆନ୍ଦୋଳନ ନିମନ୍ତେ ପ୍ରାରମ୍ଭିକ ପ୍ରେରଣା ଯୋଗାଇଥିଲା । ତାଙ୍କ ନାମ ହେଉଛି ଡକ୍ଟର ବିନ୍ଦେଶ୍ୱର ପାଠକ... ମହିଳାମାନଙ୍କ ଗରିମାର ସୁରକ୍ଷା ନିମନ୍ତେ ସୁଲଭ ଶୌଚାଳୟ ପରିସର ନିର୍ମାଣ ମଧ ତାଙ୍କୁ ଏହି କାର୍ଯ୍ୟକ୍ରମକୁ ଏକ ଗଣ ଆନ୍ଦୋଳନରେ ପରିଣତ କରିବା ସକାଶେ ପ୍ରେରଣା ଦେଇଥିଲା । ୨୦୧୪ ମସିହାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ଚିନ୍ତାଧାରାକୁ ସ୍ୱଚ୍ଛ ଭାରତ ଅଭିଯାନରେ ରୂପାନ୍ତରୀତ କରିଥିଲେ ଏବଂ ସ୍ୱଚ୍ଛତାକୁ ଏକ ବ୍ୟାପକ ରାଷ୍ଟ୍ରୀୟ ସ୍ୱାର୍ଥ ନିମନ୍ତେ ବ୍ୟାପକ ରୂପ ପ୍ରଦାନ କରିଥିଲେ ।***

ବିହାରରେ ଏକ ରକ୍ଷଣଶୀଳ ବ୍ରାହ୍ମଣ ପରିବାରରେ ଜନ୍ମଲାଭ କରିଥିବା ଡକ୍ଟର ବିନ୍ଦେଶ୍ୱର ପାଠକଙ୍କର ସ୍ୱଚ୍ଛତା ପ୍ରତି ଆକର୍ଷଣର କାହାଣୀ ତାଙ୍କୁ ମାତ୍ର ଛଅ ବର୍ଷ ହୋଇଥିବାବେଳେ ଶୁଭାରମ୍ଭ ହୋଇଥିଲା । ଏହାକୁ ସାଧାରଣତଃ ପିଲାମାନଙ୍କ ଖେଳ, ଖେଳନା ଓ କାହାଣୀ ଶୁଣିବାର ବୟସ ବୋଲି ବିବେଚନା କରାଯାଇଥାଏ । ଦିନେ, ସେ ହଠାତ୍ ଦିନେ ଜଣେ ମହିଳାଙ୍କୁ ଅସତର୍କ ଅବସ୍ଥାରେ ଛୁଇଁ ଦେଇଥିଲେ ଏବଂ ସେହି ମହିଳା ଜଣକ ଥିଲେ ଅସବର୍ଣ୍ଣ ସମ୍ପ୍ରଦାୟର । ଏହା ଦେଖି ତାଙ୍କ ବୁଢ଼ୀମା' ତାଙ୍କୁ ଗାଳି ଦେଇଥିଲେ; ପରିବାରର ଅନ୍ୟ ସଦସ୍ୟମାନେ ତାଙ୍କ ଉପରେ ରାଗିଥିଲେ । କିନ୍ତୁ ଏହି ଘଟଣାଟି ଶିଶୁ ବିନ୍ଦେଶ୍ୱରଙ୍କ ମନରେ ଅନେକ ପ୍ରଶ୍ନକୁ ଜନ୍ମ ଦେଇଥିଲା । ସେ ମଧ ଲକ୍ଷ୍ୟ କରିଥିଲେ ଯେ ଘର ଭିତରେ ଗୋଟିଏ ଶୌଚାଳୟ ଅଭାବରୁ ପରିବାରର ମହିଳାମାନଙ୍କୁ ସେମାନଙ୍କର ଶୌଚକର୍ମ ନିମନ୍ତେ ସବୁଦିନ ବାହାରକୁ ଯିବାକୁ ପଡୁଛି । ଏହିସବୁ ଘଟଣା ତାଙ୍କ ମନରେ ଗଭୀର ଭାବରେ ରେଖାପାତ କରିଥିଲା ଏବଂ ଯେତେବେଳେ ତାଙ୍କର ବୟସ ବଢ଼ିଲା, ସେ ସ୍ୱଚ୍ଛତାକୁ ପ୍ରୋତ୍ସାହନ ଦେବାକୁ ଜୀବନର ପଣ ଭାବରେ ଗ୍ରହଣ କରିଥିଲେ । ଯେତେବେଳେ ସେ ଶୌଚାଳୟକୁ ନିଜର ଏକ ବିଷୟ ରୂପେ ନେଇ କାର୍ଯ୍ୟ କରିବା ଆରମ୍ଭ କରିଥିଲେ, ତାଙ୍କୁ ପ୍ରାରମ୍ଭିକ ଅବସ୍ଥାରେ ମଧ ଅନେକ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଥିଲା । ତାଙ୍କୁ ଅନେକ ସଂଘର୍ଷ କରିବାକୁ ହୋଇଥିଲା ଏବଂ ଲୋକମାନଙ୍କ ଟାହିଟାପରା ମଧ ଶୁଣିବାକୁ ପଡ଼ିଥିଲା । ଏପରିକି ଲୋକମାନେ ତାଙ୍କୁ ଅପମାନ ଦେଇ ଅପଦସ୍ତ କରିଥିଲେ । କିନ୍ତୁ ଏଭଳି ସମାଜ ସେବା ନିମନ୍ତେ ସେ ଥିଲେ କୃତସଂକଳ୍ପ । ତାଙ୍କ ମନରେ ଏଥିପାଇଁ ଏପରି ଶ୍ରଦ୍ଧା ଓ ଦୃଢ଼ତା ଥିଲା ଯେ ସାରା ଜୀବନ ସେ ଏହାକୁ ବ୍ରତ ଭାବରେ ଗ୍ରହଣ କରିନେଇଥିଲେ । ଡକ୍ଟର ପାଠକ ନିଜ ଲକ୍ଷ୍ୟ ପଥରେ ଥିଲେ ଅବିଚଳିତ ଏବଂ ମହାତ୍ମା ଗାନ୍ଧୀଙ୍କ ସ୍ୱଚ୍ଛତା ଚିନ୍ତାଧାରାକୁ ସେ ଆନୁଷ୍ଠାନିକ ସ୍ୱରୂପ ପ୍ରଦାନ କରିଥିଲେ । ୧୯୪୩ ମସିହା ଅପ୍ରେଲ ୨ ତାରିଖ ଦିନ ଗଣତନ୍ତ୍ରର ଭୂମି ବୈଶାଳୀରେ ଜନ୍ମଲାଭ କରିଥିବା ଡକ୍ଟର ପାଠକ ଏକ ଅଭିନବ ଉପାୟରେ ସ୍ୱଚ୍ଛତାକୁ ଆନୁଷ୍ଠାନିକ ରୂପ ପ୍ରଦାନ କରିଥିଲେ । ୧୯୬୮ ମସିହାରେ, ସେ ଗୋଟିଏ ବର୍ଜ୍ୟ କମ୍ପୋଷ୍ଟ ପିଟ୍ ନିର୍ମାଣ କଲେ ଯାହାକି ଘର ପାଖରେ ଉପଲବ୍ଧ ଅତି ସ୍ୱଳ୍ପ ମୂଲ୍ୟର ଉପକରଣ ଉପଯୋଗ କରି ନିର୍ମାଣ କରିହୋଇଥିଲା । ୧୯୭୦ ମସିହାରେ ସେ ସୁଲଭ ଇଣ୍ଟରନ୍ୟାସନାଲ ସେବା ଅନୁଷ୍ଠାନ ଗଠନ କରିଥିଲେ । ୧୯୭୩ ମସିହାରେ, ଡକ୍ଟର ପାଠକଙ୍କ ଏହି ଅଭିଯାନରେ ଏକ ବିରାଟ ପରିବର୍ତ୍ତନ ଆସିଥିଲା ଯେତେବେଳେ ବିହାରର ଆରା ପୌରସଂସ୍ଥା ତାଙ୍କୁ ୫୦୦ ଟଙ୍କା ଦେଇ ପୌରସଂସ୍ଥା ପରିସରରେ ଦୁଇଟି ଶୌଚାଗାର ନିର୍ମାଣ ପାଇଁ କହିଥିଲା । ସେହି ପରିସରରେ ଡକ୍ଟର ବିନ୍ଦେଶ୍ୱର ପାଠକ ଗୋଟିଏ ଶୁଷ୍କ ପାଇଖାନାକୁ ସୁଲଭ ଶୌଚାଳୟରେ ରୂପାନ୍ତରୀତ କରିଥିଲେ ଏବଂ ତାଙ୍କର ସେହି କାର୍ଯ୍ୟକୁ ସମସ୍ତେ ଖୁବ୍ ପ୍ରଶଂସା କରିଥିଲେ । ସେହିଠାରୁ ଧୀରେ ଧୀରେ ତାଙ୍କର ଏହି ଅଭିଯାନ ଦ୍ରୁତ ଗତିରେ ଆଗକୁ ପ୍ରଗତି କରିବାରେ ଲାଗିଲା । ବିହାରର ବିଭିନ୍ନ ସ୍ଥାନରେ ସେ ଗୋଟିକ ପରେ ଗୋଟିଏ ସୁଲଭ ଶୌଚାଳୟ ନିର୍ମାଣ କରିଚାଲିଲେ ।

ଦେଶରେ ଏହିଭଳି ୧୦,୧୨୩ରୁ ଅଧିକ ସର୍ବସାଧାରଣ ସୁଲଭ ଶୌଚାଳୟ ନିର୍ମିତ ହୋଇଛି । ପ୍ରାୟ ୧୬ ଲକ୍ଷରୁ ଅଧିକ ପରିବାରରେ ଏହି ସୁଲଭ ଶୌଚାଳୟ ନିର୍ମାଣ କରାଯାଇଛି ଏବଂ ୩୨ ହଜାରରୁ ଅଧିକ ବିଦ୍ୟାଳୟରେ, ୨,୫୦୦ରୁ ଅଧିକ ବସ୍ତିରେ ସୁଲଭ ଶୌଚାଳୟ ପ୍ରତିଷ୍ଠା କରାଯାଇଛି । ୨୦୦ରୁ ଅଧିକ ବାୟୋଗ୍ୟାସ୍ ପ୍ଲାଣ୍ଟ ଏବଂ ୧୨ ହଜାରରୁ ଅଧିକ ମଡେଲ ଗ୍ରାମ ମଧ ପ୍ରତିଷ୍ଠା କରାଯାଇଛି । କେବଳ ସେତିକି ନୁହେଁ, ଡକ୍ଟର ବିନ୍ଦେଶ୍ୱର ପାଠକଙ୍କ ଏହି ଅଭିନବ ପ୍ରଚେଷ୍ଟା ଯୋଗୁ ପ୍ରାୟ ୧୦ ହଜାରରୁ ଅଧିକ ଲୋକଙ୍କୁ ହାତରେ ମଇଳା ପରିଷ୍କାର କରିବା ଭଳି ଅସମ୍ମାନଜନକ କାର୍ଯ୍ୟରୁ ମଧ ମୁକ୍ତ କରାଯାଇପାରିଛି । ବୃନ୍ଦାବନ, କାଶୀ, ଉତ୍ତରାଖଣ୍ଡ ଏବଂ ଆହୁରି ଅନେକ ସ୍ଥାନରେ ମହିଳା ସଶକ୍ତୀକରଣ ସମ୍ପର୍କୀତ ସେ ଅନେକ କାର୍ଯ୍ୟ ସଂପାଦନ କରିଛନ୍ତି । ଅସହାୟ ମହିଳାମାନଙ୍କୁ ସହାୟତା ଯୋଗାଇବା ସକାଶେ ସେ ବିରାଟ ଅଭିଯାନ ଆରମ୍ଭ କରିଥିଲେ । ଡକ୍ଟର ବିନ୍ଦେଶ୍ୱର ପାଠକଙ୍କର ୨୦୨୩ ମସିହା ଅଗଷ୍ଟ ୧୫ ତାରିଖ ଦିନ ପରଲୋକ ଘଟିଥିଲା । ତାଙ୍କର ବିୟୋଗରେ ସ୍ମୃତି ଚାରଣ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଲେଖିଥିଲେ, 'ସେ ଜଣେ ଦୂରଦ୍ରଷ୍ଟା ମହାନ୍ ବ୍ୟକ୍ତି ଥିଲେ ଯିଏ ସାମାଜିକ ପ୍ରଗତି ଏବଂ ଅବହେଳିତ ଲୋକମାନଙ୍କ ସଶକ୍ତୀକରଣ ନିମନ୍ତେ ବ୍ୟାପକ ଭାବରେ କାର୍ଯ୍ୟ କରିଥିଲେ । ସ୍ୱଚ୍ଛତା ପାଇଁ ତାଙ୍କ ମନରେ ଥିବା ଅତୁଟ ଶ୍ରଦ୍ଧା ଆମର ଆଲୋଚନା ବେଳେ ସଦାବେଳେ ପ୍ରସ୍ଫୁଟିତ ହେଉଥିଲା। 'ଡକ୍ଟର ପାଠକଙ୍କୁ ସାମାଜିକ କାର୍ଯ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ 'ପଦ୍ମ ବିଭୂଷଣ' (ମରଣୋତ୍ତର)ରେ ସମ୍ମାନିତ କରାଯାଇଥିଲା ।





PMO India @PMOIndia

हम सभी को अपने खाने के तेल में 10% की कटौती करनी चाहिए।

हमें हर महीने 10% कम तेल में काम चलाने का प्रयास करना है।

मोटापा कम करने की दिशा में ये एक बहुत बड़ा कदम होगा: PM @narendramodi



रक्षा मंत्री कार्यालय/ RMO India
@DefenceMinIndia

आज जिस तरह से हमारी Air force की ताकत बढ़ रही है, उसमें हमारे जाँबाज और बहादुर Air warriors का तो योगदान है ही, लेकिन मैं समझता हूं आपके द्वारा निर्मित equipment भी उतने ही महत्त्वपूर्ण हैं। आपके equipment ही हमारे Air warriors को वह ताकत प्रदान करते हैं, जिससे वो हमारी सीमाओं की सुरक्षा मजबूती के साथ कर पाते हैं: रक्षा मंत्री श्री @rajnathsingh



Amit Shah
@AmitShah

बाबा केदारनाथ व हेमकुंड साहिब के तीर्थयात्रियों को आज मोदी जी ने बड़ी सौगात दी।

केन्द्रीय कैबिनेट ने उत्तराखंड में 'सोनप्रयाग से केदारनाथ' और 'गोविंदघाट से हेमकुंड साहिब' तक, दो रोपवे परियोजनाओं को मंजूरी दी है। इससे यहाँ आने वाले श्रद्धालुओं का समय बचेगा और यात्रा अधिक सुगम होगी। साथ ही, इन तीर्थ क्षेत्रों के दर्शन की समयावधि के विस्तार के साथ-साथ पर्यटन व रोजगार को भी बढ़ावा मिलेगा।



Nitin Gadkari
@nitin_gadkari


गरिबों के अच्छे स्वास्थ्य के लिए, उन्हें कम लागत में दवा उपलब्ध कराने के उद्देश्य से प्रधानमंत्री श्री @narendramodi जी द्वारा कार्यान्वित 'प्रधानमंत्री भारतीय जन औषधि परियोजना' के अंतर्गत देश के गरिबो को दवाएं औसत बाजार मूल्य की तुलना में 50 से 90 प्रतिशत तक सस्ती मिलती है। सस्ती दवा के साथ साथ जन औषधि परियोजना रोजगार भी उपलब्ध करा रही है।



Dharmendra Pradhan
@dpradhanbjp

Women-led development and women's empowerment has been at the heart of PM @narendramodi ji's governance model.

In the last ten years, Govt. of India has adopted a multi-sectoral approach to empower and uplift women, boost their participation in decision-making process, give them their fair share and make them equal partners in national progress. #WomensDay



Gajendra Singh Shekhawat
@gssjodhpur

पीएम सूर्य योजना से जुड़े 10 लाख घर,
बिजली के क्षेत्र में भारत बन रहा आत्मनिर्भर।

प्रधानमंत्री श्री @narendramodi जी के मार्गदर्शन में भारत का ऊर्जा जगत नित नई ऊंचाइयों को छू रहा है।

#10LakhsForPMSuryaGhar



PM: Mauritius is family, links India to wider Global South

Island Nation To Confer On PM Top Award

PM urges cut in oil intake: '44 cr Indians may be suffering from obesity by 2050'

New criminal law ensuring faster justice to females: PM

CENTRAL RAILWAY RUNS ALL-WOMAN VANDE BHARAT

Govt has set target to make 3 cr 'Lakhpati Didis' in 5 years: Modi

PM welcomes India's 58th tiger reserve in MP

WOMEN'S SAFETY TOP PRIORITY: MODI

Modi first Indian to get Mauritius' highest honour

PRIME MINISTER NARENDRA Modi will be the first Indian to receive Mauritius' highest honour, The Grand Commander of the Order of the Star and Key of the Indian Ocean, reports PTI.

PM heads to Mauritius, pacts on maritime security, tackling financial crimes on table



**ବାବା ସାହେବଙ୍କ ୧୩୫ତମ ଜନ୍ମବାର୍ଷିକୀ**

# ଦୂରଦ୍ରଷ୍ଟା ବାବା ସାହେବଙ୍କୁ ଶ୍ରଦ୍ଧାଞ୍ଜଳି

**ଜନ୍ମ ୧୪ ଏପ୍ରିଲ ୧୮୯୧, ଦେହାନ୍ତ-୬ ଡିସେମ୍ବର ୧୯୫୬**

*ଶହ ଶହ ବର୍ଷ ଧରି ସମାନତା, ସମତା ଏବଂ ନ୍ୟାୟର ଭାବନା ଭାରତର ସାମାଜିକ ଢାଞ୍ଚାର ଅବଧାରଣାରେ ରହିଛି। ଏଥିପାଇଁ ହଜାର ହଜାର ବର୍ଷ ପୂର୍ବେ ଭଗବାନ ବୁଦ୍ଧ କରୁଣାର ମାର୍ଗ ଦେଖାଇଥିଲେ, ଯେତେବେଳେ କି ଆଧୁନିକ ଭାରତରେ ବାବା ସାହେବ ଡକ୍ଟର ଭୀମରାଓ ଆମ୍ବେଦକର ସାମାଜିକ ଏବଂ ଆର୍ଥିକ ନ୍ୟାୟର ମାର୍ଗ ପ୍ରଶସ୍ତ କରିଥିଲେ। ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ କେନ୍ଦ୍ର ସରକାର ଆଜି 'ସବକା ସାଥ୍, ସବକା ବିକାଶ, ସବକା ପ୍ରୟାସ, ସବକା ବିଶ୍ୱାସ'ର ସଂକଳ୍ପ ନେଇ ଆଗକୁ ବଢ଼ୁଛନ୍ତି, ଯାହା ବାବା ସାହେବଙ୍କ ଏକ ସର୍ବବ୍ୟାପୀ ସମତାବାଦୀ ସମାଜର ଦୃଷ୍ଟିକୋଣରୁ ଅନୁପ୍ରାଣିତ। କେନ୍ଦ୍ର ସରକାର ଦିଲ୍ଲୀର ଆଲିପୁର, ମଧ୍ୟପ୍ରଦେଶର ମହୁ, ମୁମ୍ବାଇର ଇନ୍ଦୁ ମିଲ୍, ନାଗପୁରର ଦୀକ୍ଷା ଭୂମି ଏବଂ ଲଣ୍ଡନରେ ଥିବା ତାଙ୍କ ଘରକୁ 'ପଞ୍ଚତୀର୍ଥ' ଭାବେ ବିକଶିତ କରିଛନ୍ତି, ଯାହାଦ୍ୱାରା ଯୁବପିଢ଼ି ରାଷ୍ଟ୍ର ନିର୍ମାଣରେ ବାବା ସାହେବଙ୍କ ଯୋଗଦାନରୁ ପ୍ରେରଣା ପାଇପାରିବେ।*

**"ଡକ୍ଟର ବାବା ସାହେବ ଆମ୍ବେଦକରଙ୍କୁ ତାଙ୍କ ଜନ୍ମବାର୍ଷିକୀରେ ଶ୍ରଦ୍ଧାଞ୍ଜଳି। ଭାରତର ପ୍ରଗତି ଦିଗରେ ସେ ଅମୂଲ୍ୟ ଯୋଗଦାନ ଦେଇଛନ୍ତି। ଆଜି ହେଉଛି ଆମ ଦେଶ ପାଇଁ ତାଙ୍କର ସ୍ୱପ୍ନ ପୂରଣ କରିବା ପାଇଁ ଆମର ପ୍ରତିବଦ୍ଧତାକୁ ଦୋହରାଇବାର ଦିବସ।"**

**- ନରେନ୍ଦ୍ର ମୋଦୀ, ପ୍ରଧାନମନ୍ତ୍ରୀ**


**ନ୍ୟୁ ଇଣ୍ଡିଆ ସମାଚାର ପାକ୍ଷିକ**

RNI No. : DELODI/2020/78831  APRIL 1-15, 2025

RNI Registered No DELODI/2020/78831, Delhi Postal License No DL(S)-1/3542/2023-25, WPP NO U(S)-90/2023-25, posting at BPC, Market Road, New Delhi-110001 on 26-30 advance Fortnightly (Publishing Date March 17, 2025, Pages - 44)

**Editor in Chief**
**Dhirendra Ojha**
Principal Director General,
Press Information Bureau, New Delhi

**Published & Printed by:**
**Yogesh Kumar Baweja**,
Director General, on behalf of
**Central Bureau Of Communication**

**Published from:**
Room No–278, Central Bureau Of Communication, 2nd Floor, Soochna Bhawan, New Delhi -110003

**Printed at**
**Kaveri Print Process Pvt. Ltd.**
**A-104 Sector-65,**
**Noida-201301 U.P.**

Odia
Vol. 5 Issue 19